# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, October 2/2023 | Page 16 | ₹ 7.00 | RAYAGADA

୪୯ଶ ଭାଗ ୩୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 49 ISSUE 308 | ମୂଲ୍ୟ ₹୭/-









ମହାମାନବ ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ଶ୍ରଦ୍ଧାଞ୍ଜଳି।

**ଆଜିର ସମ୍ପାଦକୀୟ**

**ଶତ୍ରୁ କିଏ**

**ଆଜିର ମନ୍ତବ୍ୟ**

"ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କ ସର୍ବକାଳୀନ ଉଚ୍ଚତାକୁ ସ୍ପର୍ଶ କରିଛି। ଦୁଇ ସହଯୋଗୀ ରାଷ୍ଟ୍ରର ସମ୍ପର୍କ ଚନ୍ଦ୍ରୟାନ ଭଳି ଚନ୍ଦ୍ରକୁ ଯିବା।

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

# ଜୁନାଗଡ଼ରେ ଟ୍ରିପଲ୍ ମର୍ଡର

## ମା', ପୁଅ ଓ ବୃଦ୍ଧଙ୍କୁ ଗଳାକାଟି ହତ୍ୟା

ଭବାନୀପାଟଣା/ଜୁନାଗଡ଼,୧।୧୦
(ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)

### କାରଣ ଅସ୍ପଷ୍ଟ, ପୋଲିସର ଛାନ୍‌ଭିନ୍

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଶଙ୍କରପଲା ଗ୍ରାମରେ ରବିବାର ଟ୍ରିପଲ ମର୍ଡର ହୋଇଥିବା ସୂଚନା ମିଳିଛି। କେହି ଦୁର୍ବୃତ୍ତ ୩ଜଣଙ୍କୁ ଗଳାକାଟି ହତ୍ୟା କରି ଫେରାର ହୋଇଯାଇଛି। ମୃତକମାନେ ହେଲେ ଶଙ୍କରପଲା ଗ୍ରାମର ରାଏମତି ମାଝି (୩୫) ଓ ତାଙ୍କ ୨ବର୍ଷର ପୁଅ ଶିବଶକ୍ତି ଓ ଗ୍ରାମର ମହେନ୍ଦ୍ର କୁମାର (୬୦)। ତେବେ କେଉଁ କାରଣରୁ ଏହି ହତ୍ୟା କରାଯାଇଛି ଓ କିଏ ଏହି ହତ୍ୟାକାଣ୍ଡ ଘଟାଇଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଅନ୍ୟପଟେ, ମୃତ ମହିଳାଙ୍କ ସ୍ୱାମୀ ବ୍ରଜ ମାଝି ନିଜ କାକୀ(ଖୁଡ଼ୀ)ଙ୍କୁ ହତ୍ୟା କରିବା ଘଟଣାରେ ଗତ ୯ ବର୍ଷ ହେଲା ଭବାନୀପାଟଣା ଜିଲା କାରାଗାରରେ ସଜା କାଟୁଥିବା ଜଣାପଡ଼ିଛି। ମା' ଓ ପୁଅଙ୍କ ମୃତଦେହ ରାସ୍ତାର ଗୋଟିଏ କଡ଼ରେ ପଡ଼ିଥିବାବେଳେ

☞ପୃଷ୍ଠା–୭

## ଗୁଣି ସନ୍ଦେହରେ ବଡ଼ଭାଇଙ୍କୁ ହତ୍ୟା

ଭବାନୀପାଟଣା,୧।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଯୁଗସାଇପାଟଣା ପଞ୍ଚାୟତ ସିକେରଗୁଡା ଗାଁରେ ରବିବାର ଏକ ଅଭବାନୀୟ ଘଟଣା ଘଟିଛି। ଗୁଣି ଗାରେଡିକୁ ସନ୍ଦେହ କରି ବଡ଼ଭାଇ ଜଳ ନାଏକଙ୍କୁ ତାଙ୍କ ସାନଭାଇ ପ୍ରଦେଶ ନାଏକ ଓ ୨ ପୁତୁରା ନକୁଳ, ସହଦେବ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ମୃତକଙ୍କ ପୁତୁରା ମାଲକୁନ୍ଧୁ ନାଏକ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତମାନଙ୍କୁ ପୋଲିସ ଥାନାରେ ଅଟକ ରଖି ପଚାଉଚୁରା କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଗୁଣିଗାରେଡିକୁ ନେଇ ପୂର୍ବରୁ ଅନେକ ଥର ୨ ଭାଇଙ୍କ ମଧ୍ୟରେ ଝଗଡା ହେଉଆସୁଥିଲା। ରବିବାର ସକାଳେ ବଡ଼ଭାଇ ଜଳ ନିଜ

☞ପୃଷ୍ଠା–୭

# ତୁର୍କୀ ପାର୍ଲାମେଣ୍ଟ ବାହାରେ ଆତ୍ମଘାତୀ ବିସ୍ଫୋରଣ

ଆଙ୍କାରା,୧।୧୦

ତୁର୍କୀ ରାଜଧାନୀ ଆଙ୍କାରାରେ ରବିବାର ସକାଳେ ଏକ ଶକ୍ତିଶାଳୀ ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଏଥିରେ ବିସ୍ଫୋରଣ ଘଟାଇଥିବା ୨ ଆତଙ୍କବାଦୀ ନିହତ ହୋଇଥିବାବେଳେ ୨ ଜଣ ପୋଲିସ ଅଫିସର ଆହତ ହୋଇଛନ୍ତି। ୨୦୧୬ ପରେ ଆଙ୍କାରାରେ ଏହା ହେଉଛି ଏହି ଧରଣର ପ୍ରଥମ ବିସ୍ଫୋରଣ। ପାର୍ଲାମେଣ୍ଟ ଅଧିବେଶନ ପୂର୍ବରୁ ଘଟିଥିବା ଆକ୍ରମଣକୁ ରାଷ୍ଟ୍ରପତି ରେସେପ୍ ତୈୟିପ ଏର୍ଦୋଗାନ୍ ଦୃଢ଼ ନିନ୍ଦା କରିବା ସହ ଆତଙ୍କବାଦୀମାନେ କେବେହେଲେ ସଫଳ ହେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ରବିବାର ସ୍ଥାନୀୟ ସମୟ ପୂର୍ବାହ୍ନ ୯ଟା ୩୦ରେ ପାର୍ଲାମେଣ୍ଟ ସମ୍ମୁଖ ଦେଇ ଦ୍ରୁତଗତିରେ ଧାଉଁଥିବା ଏକ କାର୍ ଗୃହ ମନ୍ତ୍ରଣାଳୟ ଅଫିସ ମୁଖ୍ୟଦ୍ୱାରରେ ହଠାତ୍ ବିସ୍ଫୋରଣରେ ଉଡ଼ିଯାଇଥିଲା। ବିସ୍ଫୋରଣ ଘଟାଇ ନିଜକୁ ଉଡ଼ାଇଦେଇଥିବା ଆତଙ୍କବାଦୀ ଜଣକ ଏଥିରେ ପ୍ରାଣ ହରାଇଥିଲେ। ବିସ୍ଫୋରଣର ନିଆଁ ମନ୍ତ୍ରଣାଳୟ କୋଠାକୁ ବ୍ୟାପିବାବେଳେ ଅନ୍ୟ ଜଣେ ଆତଙ୍କବାଦୀ ଆଉ ଏକ ବିସ୍ଫୋରଣରେ ନିଜକୁ ଉଡ଼ାଇବା ପାଇଁ ଉକ୍ତ କାର୍ ପାଖରେ ଛିଡ଼ା ହୋଇଥିଲେ। ଏହା ପୂର୍ବରୁ ସୁରକ୍ଷା କର୍ମୀମାନେ ତାଙ୍କୁ ଗୁଳି କରି ନିପାତ କରିଦେଇଥିଲେ। ଏହି ଦୃଶ୍ୟ ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି। ୨ ପୋଲିସ ଅଧିକାରୀ ଆହତ ହୋଇଥିବା ଗୃହମନ୍ତ୍ରୀ

☞ପୃଷ୍ଠା–୭










## ଆସାମ-ମେଘାଳୟ ସୀମା ଜଗିବ ସିଆର୍‌ପିଏଫ୍

ଆସାମ-ମେଘାଳୟ ଆନ୍ତଃରାଜ୍ୟ ସୀମାରୁ ରାଜ୍ୟ ପୋଲିସଙ୍କୁ ହଟାଇ ନିରପେକ୍ଷ ସିଆର୍‌ପିଏଫ୍ ମୁତୟନ କରିବାକୁ ଉଭୟ ରାଜ୍ୟ ଶନିବାର ମିଳିତ ଭାବେ ନିଷ୍ପତ୍ତି ନେଇଛନ୍ତି। ବିବାଦୀୟ ଅଞ୍ଚଳର ସୀମା ପୁନଃ ନିର୍ଦ୍ଧାରଣକୁ ମଧ ଦୁଇ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ୨୦୨୨ ନଭେମ୍ବର ମୁକ୍ରୋହ ହିଂସାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେବା ପାଇଁ ରାଜି ହୋଇଛନ୍ତି। ଉକ୍ତ ହିଂସାରେ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁଆହାଟୀରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏବଂ ତାଙ୍କ ମେଘାଳୟ ପ୍ରତିପକ୍ଷ କନରାଡ କେ. ସାଙ୍ଗ୍‌ମାଙ୍କ ମଧରେ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି।

### ସଂକ୍ଷେପରେ

## ସ୍ପେନ୍ ନାଇଟ୍ କ୍ଲବ୍‌ରେ ନିଆଁ: ୧୩ ମୃତ

**ମାଡ୍ରିଡ୍,୧।୧୦:** ସ୍ପେନ୍‌ର ଏକ ନାଇଟ୍‌କ୍ଲବ୍‌ରେ ରବିବାର ଭୋର ସମୟରେ ନିଆଁଲାଗି ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୪ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ସ୍ପେନ୍‌ର ମୁର୍ସିଆ ସହରରେ ଥିବା ଦୁଇ ମହଲା ବିଶିଷ୍ଟ ଥିଏଟର ନାଇଟ୍‌କ୍ଲବ୍‌ରେ ଏକ ଜନ୍ମଦିନ ପାର୍ଟି ଚାଲିଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ଫୋରେନ୍‌ସିକ ଏବଂ ନ୍ୟାୟିକ ପୋଲିସ ବିଶେଷଜ୍ଞମାନେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡର କାରଣ ଅନୁଧାନ କରୁଛନ୍ତି।

## ଚାଇନା ସପକ୍ଷବାଦୀ ମାଳଦ୍ୱୀପ ରାଷ୍ଟ୍ରପତି


ମହମ୍ମଦ ମୁଇଜ୍

**ମାଲେ,୧।୧୦:** ମାଳଦ୍ୱୀପର ବିରୋଧୀ ପ୍ରାର୍ଥୀ ମହମ୍ମଦ ମୁଇଜ୍ ରାଷ୍ଟ୍ରପତି ନିର୍ବାଚନରେ ୫୩%ରୁ ଅଧିକ ଭୋଟ ହାସଲ କରି ବିଜୟୀ ହୋଇଛନ୍ତି। ଏଥିସହ ଏହି ଦ୍ୱୀପରାଷ୍ଟ୍ରର ରାଷ୍ଟ୍ରପତି ପଦ ଅଳଙ୍କୃତ କରିବାକୁ ଯାଉଛନ୍ତି। ଭାରତ ମହାସାଗରୀୟ ଦେଶ ମାଳଦ୍ୱୀପର ଏହି ଜନାଦେଶ ଉଭୟ ଭାରତ ଓ ଚାଇନା ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ବର୍ତ୍ତମାନର ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିହ ଭାରତର ସମର୍ଥକ ହୋଇଥିବାବେଳେ ନୂଆ ରାଷ୍ଟ୍ରପତି ମୁଇଜ୍ ଚାଇନା ସପକ୍ଷବାଦୀ। ସୋଲିହଙ୍କୁ ୪୬% ଭୋଟ ମିଳିଛି। ସେ ମୁଇଜ୍‌ଙ୍କଠାରୁ ୧୮,୦୦୦ରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି।

## ହାଫିଜ୍ ସହଯୋଗୀ ଫାରୁକ୍‌ଙ୍କୁ ହତ୍ୟା

**କରାଚୀ,୧।୧୦:** ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଲଶ୍କର-ଇ-ତୋଇବା ମୁଖ୍ୟ ହାଫିଜ୍ ସୟିଦଙ୍କ ଘନିଷ୍ଠ ସହଯୋଗୀ ତଥା ଲଶ୍କରର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ମୁଫ୍‌ତି କାଇସେର୍ ଫାରୁକ୍‌ଙ୍କୁ ଏକ ଟାର୍ଗେଟେଡ୍ ଆକ୍ରମଣରେ ଗୁଳିକରି ହତ୍ୟା କରାଯାଇଛି। କରାଚୀର ସାମନାବାଦସ୍ଥିତ ଏକ ଧର୍ମୀୟ ଅନୁଷ୍ଠାନ ନିକଟରେ ଶନିବାର କେତେଜଣ ଦୁର୍ବୃତ୍ତ ଏହି ଆକ୍ରମଣ ଘଟାଇଛନ୍ତି। ଗୁରୁତର ଅବସ୍ଥାରେ ଫାରୁକ୍‌ଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏହିଆକ୍ରମଣ ବେଳେ ଜଣେ ୧୦ ବର୍ଷୀୟ ବାଳକ ଆହତ ହୋଇଛନ୍ତି।

## ସାଉଦି ଯାଉଥିବା ୧୬ ପାକ୍ ଭିକାରୀ ଗିରଫ

**ଇସ୍‌ଲାମାବାଦ,୧।୧୦:** ତୀର୍ଥଯାତ୍ରୀ ବେଶରେ ଭିକ୍ଷାବୃତ୍ତି କରିବାକୁ ସାଉଦି ଆରବ ଯିବା ଲାଗି ବିମାନ ଯାତ୍ରାବେଳେ ୧୬ ପାକିସ୍ତାନୀ ଭିକାରୀ ଗିରଫ ହୋଇଛନ୍ତି। ପଞ୍ଜାବ ପ୍ରଦେଶର ମୁଲତାନରେ ସାଉଦି ଯିବାକୁ ଥିବା ବିମାନରୁ ସେମାନଙ୍କୁ ପୋଲିସ ବାହାର କରିଦେଇଛି। ଉକ୍ତ ଗ୍ରୁପ୍‌ରେ ୪ ପୁରୁଷ, ୧୧ ମହିଳା ଓ ଜଣେ ଶିଶୁ ଥିଲେ। ଉମ୍ରାହ ଭିଜା ବଳରେ ସେମାନେ ମକ୍କା ଯାଉଥିଲେ। ଜେରା ବେଳେ ସେମାନେ ଭିକ ମାଗିବାକୁ ଯାଉଥିଲେ ବୋଲି ସ୍ୱୀକାର କରିଛନ୍ତି। ସେମାନେ ଗସ୍ତର ଆୟୋଜନ କରିଥିବା ଏଜେଣ୍ଟଙ୍କୁ ନିଜ ଆୟର ଅଧା ଦେଇଥାନ୍ତେ ବୋଲି କହିଛନ୍ତି।

# ଦୂତାବାସ ଚଳାଇପାରିଲାନି ଆଫଗାନିସ୍ତାନ

**ନୂଆଦିଲ୍ଲୀ,୧।୧୦**



> ନୂଆଦିଲ୍ଲୀସ୍ଥିତ ଦୂତାବାସ ବନ୍ଦ ପଛର ମୁଖ୍ୟ କାରଣ ଭାରତରୁ ସମର୍ଥନ ନ ପାଇବା, ଆଫଗାନସ୍ତାନର ସ୍ୱାର୍ଥ ପାଇଁ କାମ କରିବାରେ ବିଫଳ ହେବା ଏବଂ କର୍ମଚାରୀ ଅଭାବ।

ଦେଶର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାରେ ବିଫଳତା ଏବଂ କର୍ମଚାରୀ ଓ ସମ୍ବଳ ଅଭାବ ଦର୍ଶାଇ ନୂଆଦିଲ୍ଲୀସ୍ଥିତ ଆଫଗାନିସ୍ତାନୀ ଦୂତାବାସ ରବିବାର ଏହାକୁ ବନ୍ଦ ଘୋଷଣା କରିଛି। ତତ୍ତ୍ୱାବଧାରକ କ୍ଷମତା ବଳରେ ଭାରତ ଉକ୍ତ ଦୂତାବାସକୁ ନିଜ ନିୟନ୍ତ୍ରଣକୁ ନେଇପାରିବ ବୋଲି ଏକ ବିବୃତିରେ କୁହାଯାଇଛି। ଆଫଗାନିସ୍ତାନରେ ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରି ତାଲିବାନ୍ କ୍ଷମତାକୁଆସିବାର ୨ ବର୍ଷପରେ ଭାରତରେ ଏହାର ଦୂତାବାସ ବନ୍ଦ ଘୋଷଣା କରିଛି। ତାଲିବାନ ସରକାରଙ୍କୁ ଭାରତ ସ୍ୱୀକୃତି ଦେଇ ନ ଥିଲେ ମଧ ପୂର୍ବତନ ରାଷ୍ଟ୍ରପତି ଅଶ୍ରଫ୍ ଘନିଙ୍କ ଦ୍ୱାରା ନିଯୁକ୍ତ ରାଷ୍ଟ୍ରଦୂତ ଓ ମିଶନ କର୍ମଚାରୀଙ୍କ ଦ୍ୱାରା ଦୂତାବାସ ଚଳାଇବା ପାଇଁ ଅନୁମତି ଦେଇଥିଲା। ଚଳିତ ବର୍ଷ ଆରମ୍ଭରେ ତାଲିବାନ୍ ମମୁଣ୍ଡଜେଙ୍କ ସ୍ଥାନରେ ମିଶନ୍ ମୁଖ୍ୟ ଭାବେ ଜଣେ ଚାର୍ଜ ଡି'ଆଫେୟାର୍ସଙ୍କୁ ନିଯୁକ୍ତି ଦେବା ପରେ ଦୂତାବାସରେ କ୍ଷମତା କନ୍ଦଳ ସୃଷ୍ଟି ହୋଇଥିଲା। ନେତୃତ୍ୱରେ ପରିବର୍ତ୍ତନ ହୋଇନାହିଁ ବୋଲି ପରେ ଦୂତାବାସ ପକ୍ଷରୁ ଏକ ବିବୃତିରେ କୁହାଯାଇଥିଲା।

ଆଫଗାନିସ୍ତାନ ଦୂତାବାସ ବନ୍ଦ ହେବା ପଛର ପ୍ରମୁଖ କାରଣ ହେଲା ଭାରତରୁ ସମର୍ଥନ ନ ପାଇବା, ଆଫଗାନସ୍ତାନର ସ୍ୱାର୍ଥ ପାଇଁ କାମ କରିବାରେ ବିଫଳ ହେବା ଏବଂ କର୍ମଚାରୀ ଅଭାବ। ଭାରତ ସରକାରଙ୍କଠାରୁ ଜରୁରୀ ସମର୍ଥନ ନ ପାଇବାରୁ କର୍ତ୍ତବ୍ୟ ସମ୍ପାଦନରେ ବିଫଳ ହେଲୁ ବୋଲି ଦୂତାବାସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତେବେ ଭାରତ ସରକାର ଏନେଇ କିଛି ପ୍ରତିକ୍ରିୟା ଦେଇନାହାନ୍ତି। ଦ୍ୱିତୀୟରେ ଆଫଗାନିସ୍ତାନ ଓ ଏହାର ନାଗରିକମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାରେ ମିଶନ ବିଫଳ ହୋଇଥିବା ସ୍ୱୀକାର କରିଛି। ଭାରତରୁ କୂଟନୈତିକ ସହାୟତା ନ ମିଳିବା ଏବଂ କାବୁଲରେ ବୈଧ ଭାବେ କାର୍ଯ୍ୟରତ ସରକାର ନ ଥିବାରୁ ଏହା ସମ୍ଭବ ହେଲା ନାହିଁ ବୋଲି କୁହାଯାଇଛି। ଅପ୍ରତ୍ୟାଶିତ ସ୍ଥିତି ଯୋଗୁ ଦୂତାବାସର କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବା ସହ ସମ୍ବଳର ଘୋର ଅଭାବ ଦେଖାଦେଇଥିଲା। ଫଳରେ ଏହାକୁ ଚଳାଇବା ଏକ ଚ୍ୟାଲେଞ୍ଜ ଥିଲା ବୋଲି ଦୂତାବାସ କହିଛି।

## ଲଣ୍ଡନରୁ ଫେରିବ ଶିବାଜୀଙ୍କ ବାଘନଖ




**ମୁମ୍ବାଇ,୧।୧୦**

ଛତ୍ରପତି ଶିବାଜୀ ମହାରାଜଙ୍କ ବହୁଚର୍ଚ୍ଚିତ ବାଘନଖ ଆସନ୍ତା ନଭେମ୍ବରରେ ଲଣ୍ଡନରୁ ଫେରିବ। ୧୬୫୯ରେ ଶିବାଜୀ ଏହି ବାଘନଖ ବଳରେ ବିଜାପୁର ସାମ୍ରାଜ୍ୟର ଜେନେରାଲ ଅଫ୍‌ଜଲ ଖାନ୍‌ଙ୍କୁ ପରାଜିତ କରିଥିଲେ। ଚଳିତବର୍ଷ ଶିବାଜୀଙ୍କ ରାଜ୍ୟାଭିଷେକର ୩୫୦ ବର୍ଷପୂର୍ତ୍ତି ପାଳନ କରାଯାଉଛି। ଏଥିପାଇଁ ବାଘନଖ ଅସ୍ତ୍ରକୁ ଲଣ୍ଡନର ଭିକ୍ଟୋରିଆ ଆଣ୍ଡ୍ ଆଲବର୍ଟ ମ୍ୟୁଜିୟମ୍‌ରୁ ଅଣାଯିବ। ଏହାକୁ ଦକ୍ଷିଣ ମୁମ୍ବାଇସ୍ଥିତ ଛତ୍ରପତି ଶିବାଜୀ ମହାରାଜ ସଂଗ୍ରହାଳୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନ କରାଯିବ। ମହାରାଷ୍ଟ୍ର ସଂସ୍କୃତି ମନ୍ତ୍ରୀ ସୁଧୀର ମୁଙ୍ଗନ୍ତିୱର ମଙ୍ଗଳବାର ଲଣ୍ଡନରେ ପହଞ୍ଚିବେ। ସେ ସେଠାରେ ବାଘନଖକୁ ଫେରାଇ ଆଣିବା ଲାଗି ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିବେ। ୧୬୫୯ର ପ୍ରତାପଗଡ଼ ଯୁଦ୍ଧରେ ମରାଠାଙ୍କ ବିଜୟ ଛତ୍ରପତି ଶିବାଜୀଙ୍କ ମରାଠା ସାମ୍ରାଜ୍ୟ ଗଠନ ଅଭିଯାନ ପାଇଁ ଏକ ଟର୍ନିଂପଏଣ୍ଟ ଥିଲା। ଅଫ୍‌ଜଲ ଖାନଙ୍କ ନେତୃତ୍ୱାଧୀନ ସୈନ୍ୟଙ୍କ ସଂଖ୍ୟା ଅଧିକ ଥିଲେ ମଧ ଶିବାଜୀଙ୍କ ସେନା ସେମାନଙ୍କୁ ପରାସ୍ତ କରିଥିଲା। ସେଇଠୁ ସାମରିକ ରଣନୀତିକୁ ନେଇ ଶିବାଜୀଙ୍କ ଖ୍ୟାତି ବଢ଼ିଥିଲା। ପ୍ରତାପଗଡ଼ ଦୁର୍ଗ (ଅଧୁନା ସତାରା ଜିଲା)ରେ ସଭା ଚାଲିଥିବାବେଳେ ଶିବାଜୀଙ୍କୁ ଅଫ୍‌ଜଲ ଖାନ୍ ନିଜ ଖଣ୍ଡାରେ ଆଘାତ ଦେଇଥିଲେ। ଶିବାଜୀ ତାଙ୍କୁ ମୁନିଆ ବାଘନଖରେ ହତ୍ୟା କରିଥିଲେ। ଏହା ତାଙ୍କର ବୀରତ୍ୱର ପ୍ରମାଣ ଦିଏ। ଅନ୍ୟପକ୍ଷେ ବ୍ରିଟେନ୍‌ର ମ୍ୟୁଜିୟମ୍‌ରେ ଥିବା ବାଘନଖ ଶିବାଜୀଙ୍କର ନା ନକଲି ତାକୁ ନେଇ ଶିବସେନା ୟୁବିଟି ପ୍ରଶ୍ନ ଉଠାଇଲାଣି।

### ଆସାମରେ ଏଏଫ୍‌ଏସ୍‌ପିଏ

## ୪ ଜିଲାରୁ ହଟିଲା, ୪ ଜିଲାରେ ବଢ଼ିଲା

**ଗୁଆହାଟୀ,୧।୧୦**

ଆସାମର ୪ ଜିଲାରେ ସଶସ୍ତ୍ର ବଳ(ସ୍ୱତନ୍ତ୍ର କ୍ଷମତା) ଆଇନ (ଆଫ୍‌ସ୍ପା)ର କାର୍ଯ୍ୟକାଳକୁ ଆଉ ୬ ମାସ ବଢ଼ାଇ ଦିଆଯାଇଛି। ଆସାମ ପୋଲିସ ଦିବସ ପାଳନ ଅବସରରେ ଡିଜିପି ଜ୍ଞାନେନ୍ଦ୍ର ପ୍ରତାପ ଏହି ସୂଚନା ଦେଇଛନ୍ତି। ଅନ୍ୟ ୪ ଜିଲାକୁ ଅଶାନ୍ତ ଅଞ୍ଚଳ ତାଲିକାରୁ ବାଦ୍ ଦିଆଯିବା ସହ ସେଠାରୁ ଆଫ୍‌ସ୍ପା ପ୍ରତ୍ୟାହାର କରିନିଆଯାଇଛି। ରବିବାରଠାରୁ ଆସାମର କେବଳ ୪ ଜିଲାରେ ଆଫ୍‌ସ୍ପା ବଳବତ୍ତର ରହିଛି। ସେଗୁଡ଼ିକ ହେଲା ଡିବ୍ରୁଗଡ଼, ତିନ୍‌ସୁକିଆ, ଶିବସାଗର ଏବଂ ଚରାଇଦେଓ। ଅନ୍ୟପକ୍ଷରେ ଜୋରହାଟ, ଗୋଲାଘାଟ, କାର୍ବି ଆଙ୍ଗଲଙ୍ଗ ଏବଂ ଡିମା ହସାଓରୁ ଆଫ୍‌ସ୍ପା ପ୍ରତ୍ୟାହୃତ ହୋଇଥିବା ଡିଜିପି କହିଛନ୍ତି।

## ସ୍ୱଚ୍ଛତା ଅଭିଯାନରେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୧।୧୦ (ପି.ଟି.)**

ମହାତ୍ମା ଗାନ୍ଧୀଙ୍କ ଜନ୍ମବାର୍ଷିକୀ ଅବସରରେ ସ୍ୱଚ୍ଛ ପରିବେଶ ପାଇଁ ପ୍ରତ୍ୟେକ ନାଗରିକ ରବିବାର ଗୋଟିଏ ଘଣ୍ଟା ଶ୍ରମଦାନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫିଟ୍‌ନେସ୍ ଇନ୍‌ଫ୍ଲୁଏନ୍ସର ଅଙ୍କିତ୍ ବୈୟାନପୁରିୟାଙ୍କ ସହ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ସ୍ୱଚ୍ଛତା ସହିତ ଫିଟ୍‌ନେସ୍ ଏବଂ ସୁସ୍ଥତା ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଥିଲେ। ପ୍ରଧାନମନ୍ତ୍ରୀ ଓ ବୈୟାନପୁରିୟା ଝାଡୁ ଧରି ଓଳାଇବା ସହ ଅଳିଆ ଉଠାଉଥିବା ଭିଡିଓରୁ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଏହି ଭିଡିଓକୁ ଏକ୍ସରେ ପୋଷ୍ଟ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତାମାନେ ଦେଶର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅହମଦାବାଦରେ ଏବଂ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଦିଲ୍ଲୀରେ ସ୍ୱଚ୍ଛତା ଅଭିଯାନରେ ନିଜକୁ ସାମିଲ କରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଗ୍ରହଣ କରି ଏକଘଣ୍ଟା ସ୍ୱେଚ୍ଛାକୃତ ଶ୍ରମଦାନ ଲାଗି ଲୋକେ ଆଗେଇଆସିଥିଲେ। ଦେଶର ୯.୨୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍ଥାନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ମଣିପୁର ଛାତ୍ରୀ,ଛାତ୍ର ହତ୍ୟା ମାମଲା: ୪ ଗିରଫ

**ଇମ୍ଫାଲ,୧।୧୦**

ମଣିପୁରରେ ଗତ ଜୁଲାଇରେ ଜଣେ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ ହତ୍ୟା ମାମଲାର ତଦନ୍ତ କରୁଥିବା ସିବିଆଇ ଇତିମଧ୍ୟରେ ୪ ଜଣଙ୍କୁ ଗିରଫ କରିବା ସହ ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗତ ସପ୍ତାହରେ ମୃତ ଛାତ୍ରୀଛାତ୍ରଙ୍କ ଫଟୋ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ସେମାନଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଗିରଫଙ୍କ ମଧ୍ୟରେ ୨ ଜଣ ପୁରୁଷ ଓ ୨ ମହିଳା ଅଛନ୍ତି। ୨ ଯୁବତୀଙ୍କୁ ଇମ୍ଫାଲରେ ଅଟକ ରଖାଯାଇଥିବାବେଳେ ଗିରଫ ହୋଇଥିବା ୪ ଜଣଙ୍କୁ ଆସାମର ଗୁଆହାଟୀ ନିଆଯାଇଛି।

## କନ୍ନଡ ଅଭିନେତା ନାଗଭୂଷଣ ଗିରଫ

### କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଗୁଆହାଟୀ,୧।୧୦**



ବେଙ୍ଗାଲୁରୁରେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ ୪୮ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟିବା ସହ ତାଙ୍କ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ବେପରୁଆ ଗାଡ଼ିଚାଳନା ପାଇଁ କନ୍ନଡ ଚଳଚ୍ଚିତ୍ର ଅଭିନେତା ନାଗଭୂଷଣ ଏସ୍.ଏସ୍.ଙ୍କୁ ପୋଲିସ ଗିରଫ କରିଛି। ଶନିବାର ରାତିରେ ବସନ୍ତପୁରା ମୁଖ୍ୟ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି। ପୋଲିସ କହିବା ଅନୁଯାୟୀ ପ୍ରେମା ଏସ୍(୪୮) ଏବଂ ତାଙ୍କ ସ୍ୱାମୀ କ୍ରିଷ୍ଣା ବି(୫୮) ଫୁଟ୍‌ପାଥରେ ଚାଲିଚାଲି ଯାଉଥିବାବେଳେ କାର୍ ଚଳାଇ ଯାଉଥିବା ଅଭିଯୁକ୍ତ ଅଭିନେତା ସେମାନଙ୍କୁ ଧକ୍କା ଦେଇଥିଲେ। ଏହା ପରେ କାର୍‌ଟି ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ମହିଳା ଜଣଙ୍କୁ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ୱାମୀ ଚିକିତ୍ସାଧୀନ ଅଛନ୍ତି। ନାଗଭୂଷଣ ଅନେକ ଚଳଚ୍ଚିତ୍ରରେ ହାସ୍ୟାଭିନେତା ଭାବେ ଅଭିନୟ କରିଛନ୍ତି।


## ସ୍ୱାଧୀନତା ପୂର୍ବରୁ ଜନ୍ମ, ପ୍ରଥମ ଥର ଭୋଟ ଦେବେ


ଶ୍ୟାମଲାଲ ରବିକା ମନୀଷ ଶେରସିଂ ହିଡ୍‌କୋ

**ରାୟପୁର,୧।୧୦**

ଗଣତନ୍ତ୍ରକୁ ଭାରତୀୟ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ରୂପେ ସ୍ୱୀକୃତି ମିଳିଥିଲେ ମଧ ମତଦାନ ଏକ ମୌଳିକ ଅଧିକାର ନୁହେଁ। ଛତିଶଗଡ଼ର ୩ ଜଣ ବରିଷ୍ଠ ନାଗରିକ ଦେଶ ସ୍ୱାଧୀନତା ପୂର୍ବରୁ ଜନ୍ମ ହୋଇଥିଲେ ବି କେବେ ଭୋଟ ଦେଇନାହାନ୍ତି। ଛତିଶଗଡ଼ ବିଧାନସଭା ନିର୍ବାଚନରେ ସେମାନେ ପ୍ରଥମ ଥର ମତଦାନ କରିବାକୁ ଯାଉଛନ୍ତି। ସମ୍ଭବତଃ ଏହା ହେଉଛି ଗଣତନ୍ତ୍ରର ଇଚ୍ଛା। ଶେରସିଂ ହିଡ୍‌କୋ(୯୩), ଶ୍ୟାମଲାଲ(୮୮) ଓ ରବିକା ମନୀଷ(୮୪) କାଙ୍କେର ଜିଲା ଭାନୁପ୍ରତାପପୁର ନିର୍ବାଚନମଣ୍ଡଳୀର ବାସିନ୍ଦା। ରାଜଧାନୀ ରାୟପୁରରୁ ସେମାନଙ୍କ ମଫସଲ ଗାଁ ପ୍ରାୟ ୨୦୦ କି.ମି. ଦୂର। ଏହି ୩ ଜଣ ନିକଟରେ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ବେଳେ ନିଜ ନାମ ପଞ୍ଜୀକରଣ କରାଇଛନ୍ତି। ଘର ଘର ବୁଲି ସର୍ଭେ ବେଳେ ବୁଥ୍ ଲେଭେଲ ଅଧିକାରୀ ରାଜେନ୍ଦ୍ର କୋସ୍‌ମା ଏହି ୩ ଜଣଙ୍କୁ ଠାବ କରିଥିଲେ। ପ୍ରଥମେ ସେମାନେ ଭୋଟର ହେବା ପାଇଁ ମଙ୍ଗୁ ନ ଥିଲେ। ବୁଝାଶୁଝା କରିବା ପରେ ରାଜି ହୋଇଥିଲେ। ୩ ଜଣ ନିଜ ଆଧାର କାର୍ଡ ନକଲ ଓ ଫଟୋ ସମେତ ଅନ୍ୟ ଦସ୍ତାବିଜ ଦାଖଲ କରିଛନ୍ତି। ହିଡ୍‌କୋ କହିଛନ୍ତି, ପ୍ରଥମ ଥର ଭୋଟର ହେବାକୁ ଯାଉଥିବାରୁ ଉତ୍ସାହିତ। ତେବେ ନାଗରିକ ହେବାର ମହତ୍ତ୍ୱ କ'ଣ ସେ ଜାଣି ନ ଥିଲେ। ସେହିପରି ଶ୍ୟାମଲାଲ ଓ ମନୀଷ ମଧ ଗଣତାନ୍ତ୍ରିକ ସରକାର ଗଠନରେ ନାଗରିକଙ୍କ ଭୂମିକା ଉପରେ ଅଜ୍ଞ। ପ୍ରକାଶ ଯେ, ଚଳିତବର୍ଷ ଶେଷ ଆଡ଼କୁ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଛତିଶଗଡ଼ରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଏବଂ ୪୦% ଭିନ୍ନକ୍ଷମ ଥିବା ନାଗରିକମାନଙ୍କୁ ପ୍ରଥମ ଥର ନିଜ ଘରୁ ପୋଷ୍ଟାଲ ବାଲଟ ଜରିଆରେ ମତଦାନ ଅଧିକାର ମିଳିବାକୁ ଯାଉଛି।

DADLS-40



ଓଡ଼ିଶା ସରକାର

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୨ ଅକ୍ଟୋବର, ୨୦୨୩

ସକାଳ ଘ.୯.୩୦ମି. - ପ୍ରାର୍ଥନା ସଭା — ଓଡ଼ିଶା ବିଧାନସଭା ପ୍ରାଙ୍ଗଣ

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ତା.୨.୧୦.୨୦୨୩ରିଖ ସକାଳ ଘ.୯.୩୦ମି. ସମୟରେ ବିଧାନସଭା ପ୍ରାଙ୍ଗଣସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ।

ଏହି ପ୍ରାର୍ଥନା ସଭାରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳ, ପ୍ରଫେସର ଗଣେଶୀ ଲାଲ,
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ,
ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା, ଶ୍ରୀମତୀ ପ୍ରମିଳା ମଲ୍ଲିକ,
ମାନ୍ୟବର ଉପ ବାଚସ୍ପତି, ଓଡ଼ିଶା ବିଧାନସଭା, ଶ୍ରୀଯୁକ୍ତ ରଜନୀକାନ୍ତ ସିଂ,
ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ,
ଏବଂ
ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ଯୋଗଦେବେ।

'ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର', ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଆଶ୍ରମ ଭଜନ ଓ ରାମଧୂନ ପରିବେଷଣ କରାଯିବ।

୧୦.୩୦ମି.- ଫଟୋଚିତ୍ର ପ୍ରଦର୍ଶନୀ — ଜୟଦେବ ଭବନ

'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ

ସନ୍ଧ୍ୟା ଘ.୫.୩୦ମି - — ଜୟଦେବ ଭବନ

"ଗାନ୍ଧୀ ଦର୍ଶନ" ଆଲୋଚନାଚକ୍ର ଓ ଗାନ୍ଧୀ ଭଜନ ପରିବେଷଣ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ସମ୍ମାନନୀୟ ଅତିଥି – କସ୍ତୁରୀ ମହାପାତ୍ର, ସମ୍ପାଦିକା, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ
ସଭାପତି – ଶ୍ରୀଯୁକ୍ତ ସରୋଜ କୁମାର ସାମଲ, ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ
ମୁଖ୍ୟବକ୍ତା – ଡଃ ଅଭିରାମ ବିଶ୍ୱାଳ, ସ୍ତମ୍ଭକାର ଓ ବକ୍ତା
ଅତିଥି ବକ୍ତା – ଶ୍ରୀଯୁକ୍ତ ପ୍ରହଲ୍ଲାଦ କୁମାର ସିଂହ, ବିଶିଷ୍ଟ ଗାନ୍ଧୀବାଦୀ ଚିନ୍ତକ ତଥା ସ୍ତମ୍ଭକାର

୩.୧୦.୨୦୨୩ - ଅପରାହ୍ନ ୩ ଘଟିକା — ଜୟଦେବ ଭବନ

ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ 'ଓଡ଼ିଶାରେ ଗାନ୍ଧିଜୀ' ଫଟୋଚିତ୍ର ପ୍ରଦର୍ଶନୀ ପରିଦର୍ଶନ, 'ଓଡ଼ିଶାରେ ଗାନ୍ଧୀ' ଚଳଚ୍ଚିତ୍ର ଏବଂ ଓଡ଼ିଶାର ବରପୁତ୍ରଙ୍କ ଉପରେ ପ୍ରାମାଣିକ ଚିତ୍ର ପ୍ରଦର୍ଶନ।

ଅପରାହ୍ନ ୫.୩୦ମି. – 'ସ୍ୱରସୁଧା' ସଙ୍ଗୀତ ଅନୁଷ୍ଠାନ ଆନୁକୂଲ୍ୟରେ ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ, ବର୍ଣ୍ଣାଳି ହୋତା, ଗଣେଷ କୁମାର ଓ ଜୟଶ୍ରୀ ଜ୍ୟୋତିର୍ମୟୀଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ।

୪.୧୦.୨୦୨୩ – ଅପରାହ୍ନ ୩ ଘଟିକା – *ଜନସାଧାରଣଙ୍କ ନିମନ୍ତେ ରିଚାର୍ଡ ଆଟେନ୍‌ବର୍ଗଙ୍କ ନିର୍ଦ୍ଦେଶିତ 'ଗାନ୍ଧୀ' ଚଳଚ୍ଚିତ୍ର ପ୍ରଦର୍ଶନ।*

ଯୋଗ ଦେବାକୁ ସାଦର ଆମନ୍ତ୍ରଣ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0152/2324

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨/୨୦୨୩ | Bhubaneswar, Monday, October 2/2023




**‘ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ସିଜନ୍ ୩’ ଟ୍ରଫି ଜିତିଲେ ସମର୍ପଣ**


ସୋନି ଟିଭିର ଲୋକପ୍ରିୟ ଡ୍ୟାନ୍ସ ରିଅଲିଟି ଶୋ’ ‘ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ସିଜନ ୩’ର ବିଜେତା ଭାବେ ସମର୍ପଣ ଲାମା ଟ୍ରଫି ଜିତିଛନ୍ତି।

୦୮

୦୯

**ହର୍ଡଲ୍ସରେ ରୌପ୍ୟ ଜିତିଲେ ୟାରାଜୀ**

ଏସିଆନ ଗେମ୍ସ ମହିଳା ୧୦୦ ମିଟର ହର୍ଡଲ୍ସରେ ରୌପ୍ୟ ଜିତିଛନ୍ତି ଭାରତର ଜ୍ୟୋତି ୟାରାଜୀ।




# ଶୁଟିଂ, ଆଥ୍‌ଲେଟିକ୍ସରୁ ୩ ସ୍ୱର୍ଣ୍ଣ

## ଏସିଆନ ଗେମ୍ସ: ଅଷ୍ଟମ ଦିବସରେ ଭାରତକୁ ୧୫ ପଦକ



ତାଜିନ୍ଦରପାଲ ସିଂ ତୁର୍



ଅବିନାଶ ସାବ୍‌ଲେ

**ହାଙ୍ଗଝୋ, ୧।୧୦ (ପି.ଟି.)**

ଏସିଆନ ଗେମ୍ସର ଅଷ୍ଟମ ଦିବସରେ ଭାରତୀୟ ଆଥ୍‌ଲେଟମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଶୁଟିଂରୁ ଗୋଟିଏ ଓ ଆଥ୍‌ଲେଟିକ୍ସରୁ ୨ ସ୍ୱର୍ଣ୍ଣ ଆସିଥିବାବେଳେ ଗୋଟିଏ ଦିନରେ ଭାରତୀୟ ପ୍ରତିଯୋଗୀମାନେ ୧୫ ପଦକ ହାସଲ କରିଛନ୍ତି। ଫଳରେ ଭାରତର ପଦକ ସଂଖ୍ୟା ୫୦ ଟପିଛି। ରବିବାର ଶୁଟିଂ ଇଭେଣ୍ଟରେ ଭାରତୀୟ ପୁରୁଷ ଟ୍ରାପ୍ ଦଳ ସ୍ୱର୍ଣ୍ଣ ଓ ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। ଆଥ୍‌ଲେଟିକ୍ସ ଇଭେଣ୍ଟରେ ଭାରତୀୟମାନେ ଚମକ ସୃଷ୍ଟି କରିଛନ୍ତି। ପ୍ରଥମ ଭାରତୀୟ ଭାବେ ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି ଅବିନାଶ ସାବ୍‌ଲେ। ସେହିପରି ଶଟ୍‌ପୁଟର ତାଜିନ୍ଦରପାଲ ସିଂ ତୁର୍ ଟାଇଟଲ ବଜାୟ ରଖିଛନ୍ତି।

ଜାତୀୟ ରେକର୍ଡଧାରୀ ୨୯ ବର୍ଷୀୟ ସାବ୍‌ଲେ ୮:୧୯.୫୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଚଳିତ ଏସିଆନ ଗେମ୍ସର ଆଥ୍‌ଲେଟିକ୍ସ ଇଭେଣ୍ଟରେ ଭାରତର ଏହା ଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ସ୍ୱର୍ଣ୍ଣ ବିଜୟ ଅବସରରେ ସାବ୍‌ଲେ ଏସିଆନ ଗେମ୍ସ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି। ପୂର୍ବରୁ ୨୦୧୮ ଜାକର୍ତ୍ତା ଗେମ୍ସରେ ଇରାନର ହୋସେନ କିହାନି ☞ପୃଷ୍ଠା-୭


DSPL-257

**ବନ୍ୟପ୍ରାଣୀ ସପ୍ତାହ ୨୦୨୩ ପାଳନ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**



ଶାନ୍ତି ଓ ଅହିଂସାର ଉପାସକ ମହାତ୍ମା ଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି ଅବସରରେ ଅକ୍ଟୋବର ୨ ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ ବନ୍ୟପ୍ରାଣୀ ସପ୍ତାହ ସାରା ଦେଶରେ ପ୍ରତିବର୍ଷ ପାଳିତ ହୋଇଆସୁଅଛି । ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା, ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ସରକାରଙ୍କ ପଦକ୍ଷେପରେ ସ୍ଥାନୀୟ ଅଧିବାସୀ, ସ୍ୱେଚ୍ଛାସେବୀ ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ବନ୍ୟପ୍ରାଣୀ ସପ୍ତାହ ୨୦୨୩ ପାଳନ ଉପଲକ୍ଷେ ମାନ୍ୟବର ମନ୍ତ୍ରୀଙ୍କ ବାର୍ତ୍ତା**



ମାନବସମାଜ ଓ ବନ୍ୟପ୍ରାଣୀ ଅଙ୍ଗାଙ୍ଗୀଭାବେ ଜଡ଼ିତ । ସତ୍ୟ ଏବଂ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ପୁଣ୍ୟ ଜନ୍ମତିଥି ଅକ୍ଟୋବର ୨ ରୁ ୮ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ସମଗ୍ର ଦେଶରେ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଏ । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ, ଅଭିବୃଦ୍ଧି ତଥା ସେମାନଙ୍କ ବାସସ୍ଥଳୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି । ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ପରିଚାଳନା ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଏବଂ ସମ୍ପୃକ୍ତି ଏକାନ୍ତ ଆବଶ୍ୟକ ।

ଚଳିତ ବର୍ଷ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଉଦ୍ଦେଶ୍ୟରେ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ମୁଁ ଜନସାଧାରଣ, ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନଗୁଡ଼ିକର ଆନ୍ତରିକ ସହଯୋଗ କାମନା କରୁଛି ।

ପ୍ରଦିପ କୁମାର ଅମାତ

(ପ୍ରଦିପ କୁମାର ଅମାତ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା



OIPR-08006/13/0001/2324



TPCODL | TPNODL | TPSODL | TPWODL

(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ଏହି ଜଗତରେ ସତ୍ୟଠାରୁ ଆଉ କୌଣସି ବୃହତ୍ତର ଶକ୍ତି ନାହିଁ।**

ଆସନ୍ତୁ, ମହାତ୍ମା ଗାନ୍ଧୀଙ୍କ 154 ତମ ଜନ୍ମ ବାର୍ଷିକୀ ଅବସରରେ ତାଙ୍କ ନୀତି ଏବଂ ଆଦର୍ଶରେ ପ୍ରତ୍ୟେକ ଦିନ ଅନୁପ୍ରାଣିତ ହେବା।



ଆପଣଙ୍କ ପାଇଁ, ଆପଣଙ୍କ ସହିତ, ସର୍ବଦା

rediffusion.in

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକେଇ ପାଖରେ କୁଣ୍ଡେଇଟିଏ**
**ମିଛରେ ବୋଲିବେ ଡୁଣ୍ଡେଇଟିଏ।**

ସତ କହୁଥିବା ବ୍ୟକ୍ତି ବେଳେବେଳେ ମିଛରେ ଦଣ୍ଡିତ ହେଉଥିବାର ଦେଖିବାକୁ ମିଳିଥାଏ। ଜଣେ ଅନ୍ୟ ଜଣକୁ ମିଛରେ ଦାୟୀ କରିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଟୋପା ଟୋପା ବର୍ଷା ବାଟ ବିଗାଡ଼େ**
**ଚୁପ୍‌ଚାପ୍ କଥା ବିଗାଡ଼େ ଘର**
**ଚୁପ୍‌ଚାପ୍ କଥା ସଭା ବିଗାଡ଼େ**
**ଟାକୁଟାକୁ ଖିଆ ବିଗାଡ଼େ ଜର।**

ଟୋପା ଟୋପା ବର୍ଷାରେ ରାସ୍ତା କର୍ଦ୍ଦମାକ୍ତ ହୋଇଯିବାରୁ ବାଟ ଚାଲିବା କଷ୍ଟକର ହୋଇପଡ଼େ। ଚୁପ୍‌ଚାପ୍ କଥାରେ ଘର ଭାଙ୍ଗିଯାଏ। ଚୁପ୍ ଚାପ କଥା ମଧ୍ୟ ସଭାକୁ ନଷ୍ଟ କରିବସେ। ସେହିପରି ଟାକୁଟାକୁ ଖିଆ ରୋଗଗ୍ରସ୍ତ କରିଦିଏ। ଉପରୋକ୍ତ ଅବସ୍ଥା ଭଲକୁ ବିଗାଡ଼ି ବସନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ନର୍ସିଂହୋମରେ ଚିକିତ୍ସା କରୁଥିଲେ ନକଲି ଡାକ୍ତର

- ଚଢ଼ାଉ ପରେ ସିଲ୍ କଲା ତାଳଚେର ପ୍ରଶାସନ
- ରୋଗୀ ସାଜି ଯାଇଥିଲେ ପୋଲିସ କର୍ମଚାରୀ
- ନକଲି ଡାକ୍ତର ଅଟକ, ଚାଲିଛି ପଚରାଉଚରା

ତାଳଚେର,୧।୧୦(ମନୋଜ ନନ୍ଦ)

୨୦୧୯ରୁ ନର୍ସିଂହୋମ୍‌ର ପଞ୍ଜୀକରଣ ନବୀକରଣ ହୋଇନାହିଁ। ଏଠାରେ ରୋଗୀ ଦେଖୁଥିବା ଡାକ୍ତରଙ୍କ ନିକଟରେ ଡାକ୍ତରୀ ଲାଇସେନ୍ସ ମଧ୍ୟ ନାହିଁ। ତଥାପି ଦୀର୍ଘଦିନ ହେଲା ଏଠାରେ ଚାଲିଥିଲା ରୋଗୀଙ୍କ ଚିକିତ୍ସା। ତେବେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ନେଇ ପୂର୍ବରୁ ପୋଲିସ ନିକଟରେ ଅଭିଯୋଗ ଥିବାରୁ ଉକ୍ତ ନର୍ସିଂହୋମ୍ ଉପରେ ଚଢ଼ାଉ ପାଇଁ କରାଯାଇଥିଲା ଯୋଜନା। ପ୍ରଶାସନିକ ଅଧିକାରୀ, ପୋଲିସ ଓ କେତେଜଣ ଡାକ୍ତରଙ୍କୁ ନେଇ ଗଢ଼ାଯାଇଥିଲା ସ୍ୱତନ୍ତ୍ର ଟିମ୍। ରୋଗୀ ସାଜି କେତେଜଣ ପୋଲିସ କର୍ମଚାରୀ ନର୍ସିଂହୋମ୍‌କୁ ଚିକିତ୍ସା ପାଇଁ ଯିବା ପରେ ଖୋଲିଯାଇଥିଲା ସମସ୍ତ ରହସ୍ୟ। ସ୍ୱତନ୍ତ୍ର ଟିମ୍ ହାତରେ ଧରାପଡ଼ିଥିଲେ ନକଲି ଡକ୍ତର। ଏହାପରେ ଉକ୍ତ ନର୍ସିଂହୋମ୍‌କୁ ସିଲ୍ କରିଥିଲା ପ୍ରଶାସନ। ଅନୁଗୋଳ ଜିଲା ତାଳଚେର ଉପଖଣ୍ଡରେ ଘଟିଥିବା ଏପରି ଘଟଣା ଚକିତ କରିଦେଇଛି ଉପଖଣ୍ଡବାସୀଙ୍କୁ।

ପ୍ରକାଶ ଯେ, ତାଳଚେର ଥର୍ମାଲସ୍ଥିତ ଚାଇଁପାଳ ଓଭରବ୍ରିଜ ନିକଟରେ ଥିବା ଏକ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ହେଉଥିବା ଅଭିଯୋଗ ହୋଇଥିଲା। ଲିଙ୍ଗ ନିରୂପଣ ମଧ୍ୟ କରାଯାଉଥିଲା। ଏପରି ଅଭିଯୋଗ ଆସିବା ପରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଚଢ଼ାଉ ପାଇଁ ଯୋଜନା କରାଯାଇଥିଲା। ପ୍ରଥମେ ତାଳଚେର ଥାନାର କେତେଜଣ କର୍ମଚାରୀ ରୋଗୀ ସାଜି ଉକ୍ତ ନର୍ସିଂହୋମ୍‌କୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ରୋଗୀସେବା କରୁଥିବା ପ୍ରଦୀପ ବେହେରା ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଚିକିତ୍ସା କରିବା ବେଳେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିଥିଲା। ଏହାପରେ ତାଳଚେର ଉପଜିଲାପାଳ ମନୋଜ ତ୍ରିପାଠୀ, ଏସ୍‌ଡିପିଓ ମାନସ ବାରିକ, ତହସିଲଦାର ରୋଜାଲିନ ବେହେରା ଓ ସରକାରୀ ଡାକ୍ତରଖାନାର କେତେଜଣ ଡାକ୍ତର ଉକ୍ତ ନର୍ସିଂହୋମ୍‌ରେ ଚଢ଼ାଉ କରିଥିଲେ। ଉକ୍ତ ନର୍ସିଂହୋମର ପଞ୍ଜୀକରଣ ୨୦୧୯ ମସିହାରୁ ନବୀକରଣ କରାଯାଇ ନ ଥିବାବେଳେ ରୋଗୀସେବା ଯୋଗାଇ ଦେଉଥିବା ପ୍ରଦୀପ ବେହେରାଙ୍କ ନିକଟରେ ସେପରି ଡାକ୍ତରୀ ଲାଇସେନ୍ସ ନ ଥିବା ଜଣାପଡ଼ିଥିଲା। ଏହାପରେ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ଅଟକ ରଖାଯିବା ସହ ଅଧିକ ପଚରାଉଚରା କରାଯାଉଥିବା ଉପଜିଲାପାଳ ମନୋଜ ତ୍ରିପାଠୀ ଓ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଅଟକ ଥିବା ନକଲି ଡାକ୍ତର ପ୍ରଦୀପ ବେହେରା କହିଛନ୍ତି, ନର୍ସିଂହୋମ୍ ପଞ୍ଜୀକରଣ ନବୀକରଣ ପାଇଁ ଆବେଦନ କରାଯାଇଥିଲା। ସେ ପଶ୍ଚିମବଙ୍ଗରେ ଏମ୍‌ବିବିଏସ୍ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାହା ଫେକ୍ ବୋଲି ଜଣାପଡ଼ିଥିଲା। ସେ ଜଣେ ଡାକ୍ତରଙ୍କ ଅଧୀନରେ ରହି କାମ କରୁଥିଲେ। ରୋଗୀଙ୍କୁ ଅନ୍ୟ ଡାକ୍ତର ଯେଉଁସବୁ ପରାମର୍ଶ ଦେଉଥିଲେ ସେ ତାହାକୁ ଲିଖିତ ଭାବେ ରୋଗୀଙ୍କୁ ଦେଉଥିଲେ ବୋଲି ବେହେରା ପ୍ରକାଶ କରିଛନ୍ତି।

# ଫେରାର ଦୁଇ ଅଭିଯୁକ୍ତଙ୍କୁ ଧରିଲା ଏସ୍‌ଟିଏଫ୍

**୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲା**

ଭୁବନେଶ୍ୱର,୧।୧୦
(ସତ୍ୟଜିତ୍ ରାଉତ)

୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲାରେ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ଗିରଫ କରିଛି। ସେମାନେ ହେଲେ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ଦାନଗୋହିରି ଅଞ୍ଚଳର ବିହାରର ଏମ୍‌ଡି ସଦାମ୍ ଓ ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଗୋପାଳପ୍ରସାଦ ଅଞ୍ଚଳର ଚିତ୍ତରଞ୍ଜନ ବେହେରା। ମାମଲା ନଂ.୧/୨୦୨୨ରେ ସମ୍ପୃକ୍ତ ଅଭିଯୁକ୍ତ ସଦାମ୍‌ଙ୍କୁ ଖୋର୍ଦ୍ଧାରୁ ଶୁକ୍ରବାର ଗିରଫ କରାଯିବା ପରେ ଶନିବାର ତାଙ୍କୁ ନୟାଗଡ଼ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିଭଳି ମାମଲା (ନଂ.୩୭/୨୦୨୩)ରେ ସମ୍ପୃକ୍ତ ଅଭିଯୁକ୍ତ ଚିତ୍ତରଞ୍ଜନ ଶୁକ୍ରବାର ଗିରଫ ହେବା ପରେ ଶନିବାର ତାଙ୍କୁ ଢେଙ୍କାନାଳ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି।

ସୂଚନାଯୋଗ୍ୟ, ୨୦୨୨ରେ ନୟାଗଡ ଜିଲା ଟାଉନ ଥାନା ଉଦୟପଥ ଲେନ୍‌ର ଏକ ଭଡ଼ା ଘରେ ଏସ୍‌ଟିଏଫ୍ ଚଢ଼ାଉ କରି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର, ୬୫.୩୨ ଲକ୍ଷ ଟଙ୍କା, ୩ ପିସ୍ତଲ, ୪୩ ରାଉଣ୍ଡ ଅଫୁଟା ଗୁଳି ଜବତ ସହ ନିଶା ବେପାରି ଶିବପ୍ରସାଦ ଦାସଙ୍କୁ ଗିରଫ କରିଥିଲା। ପରେ ଅନ୍ୟ ୪ ଅଭିଯୁକ୍ତ ଗିରଫ ହୋଇଥିଲେ। ତେବେ ଜବତ ହୋଇଥିବା ୩ଟି ପିସ୍ତଲକୁ ସଦାମ୍ ହିଁ ଶିବଙ୍କୁ ଦେଇଥିବା ତଦନ୍ତବେଳେ ଜାଣିବାକୁ ପାଇଥିଲା। ସେହିଭଳି ୨୦୨୧ରେ ଏସ୍‌ଟିଏଫ୍ ଢେଙ୍କନାଳରେ ଚଢ଼ାଉ ୧ କେଜିରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ ସମୟରେ ଚିତ୍ତରଞ୍ଜନ ଖସି ପଳାଇଥିଲେ।

# ମା'ଙ୍କୁ ଜିଅନ୍ତା ଜାଳିଦେଲେ ପୁଅ

ବାଲିଗୁଡା,୧।୧୦
(ସଞ୍ଜୟ କୁମାର ପାଣିଗ୍ରାହୀ)



ଘଟଣାସ୍ଥଳରେ ତଦନ୍ତ କରାଯାଉଛି।

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଟିକାବାଲି ଥାନା ବଡ଼ିମୁଣ୍ଡା ଖଜୁରିସାହିରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜେଲ ଫେରନ୍ତା ପୁଅ ଘର ଭିତରେ ନିଜ ମା'ଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି। କାରଣ ଅସ୍ପଷ୍ଟ ଥିବାବେଳେ ପୁଅକୁ ପୋଲିସ ଅଟକ ରଖିଛି।

ବଡ଼ିମୁଣ୍ଡା ଖଜୁରିସାହିର ସ୍ୱର୍ଗତ ଫିଲିପ ନାୟକଙ୍କ ପୁଅ ସମୀର ନାୟକ (୪୯)ଙ୍କ ପୂର୍ବରୁ ମାନସିକ ଅବସ୍ଥା ଭଲ ନ ଥିଲା। ସ୍ଥାନୀୟ ସାହିପଡ଼ିଶାଙ୍କ ସହ ଗଣ୍ଡଗୋଳ କରି ୩ ବର୍ଷ ୨ମାସ ଜି.ଉଦୟଗିରି ଜେଲରେ ରହି କିଛି ଦିନ ତଳେ ଘରକୁ ଫେରିଥିଲେ। ଶନିବାର ରାତିରେ କୌଣସି କାରଣ ବଶତଃ ନିଜ ମା' ମଞ୍ଜୁଳା (୯୫)ଙ୍କୁ ଘରେ ଥିବା ଆସବାବ ପତ୍ର ଏବଂ ଜାଳେଣି କାଠରେ ଜିଅନ୍ତା ପୋଡ଼ି ମାରି ଦେଇଥିଲେ। ପରେ ପଡ଼ୋଶୀଙ୍କ ଘରକୁ ପଥର ମାଡ଼ କରିବା ସହ ଘର ଆଗରେ ଥିବା ଏକ ଗାଡ଼ିକୁ ମଧ୍ୟ ଭାଙ୍ଗି ଚୂରମାର କରିଦେଇଥିଲେ। ରବିବାର ସକାଳେ ଗାଁ ଲୋକ ସମୀରଙ୍କୁ ଧରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଟିକାବାଲି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନଂ ୧୩୬/୨୩ରେ ମାମଲା ରୁଜୁ କରି ସମୀରଙ୍କୁ ଥାନାକୁ ନେଇଛି। ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି, ଟିକାବାଲି ଥାନା ଅଧିକାରୀ କଲ୍ୟାଣୀମୟୀ ଷଣ୍ଢ ଏବଂ ସେକେଣ୍ଡ ଅଫିସର ସଞ୍ଜୟ କୁମାର ସ୍ୱାଇଁଙ୍କ ସମେତ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

ଟେନ୍ସା,୧।୧୦
(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଫରେଷ୍ଟ ରେଞ୍ଜରେ ପୁଣି ଦନ୍ତା ହାତୀ ଆତଙ୍କ। ରବିବାର ସନ୍ଧ୍ୟାରେ ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଇଡା ରେଞ୍ଜ ଅନ୍ତର୍ଗତ କାଟାସାହି ଗ୍ରାମର ବୁଲା ମୁଣ୍ଡା। ରେଞ୍ଜ ଅଧିକାରୀ ଗୌତମ ପ୍ରଧାନ କର୍ମଚାରୀଙ୍କ ସହ ପହଞ୍ଚି ହାତୀକୁ ଘଉଡ଼ାଇ ଥିଲେ। କ୍ଷତିପୂରଣ ପାଇଁ ଘଟଣା ସ୍ଥଳରେ ଉତ୍ତେଜନା ଲାଗିରହିଛି। ଖବର ପାଇ ପୋଲିସ ପହଞ୍ଚିଛି। ହେଲେ ଖବର ଲେଖାହେବା ପର୍ଯ୍ୟନ୍ତ (ରାତି ୮ଟା) କୌଣସି ସମାଧାନ ହୋଇନାହିଁ। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଉକ୍ତ ଗ୍ରାମକୁ ଏକ ଦନ୍ତା ପଶି ଆସିଥିଲା। ବାହାରେ ବୁଲାବୁଲି କରୁଥିବା ବୁଲାଙ୍କୁ ହାତୀ ଦଳିଚକଟି ମାରି ଦେଇଥିଲା।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୩ ନୂତନ ପାଠ୍ୟକ୍ରମ

ସମ୍ବଲପୁର, ୧।୧୦
(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏବେ ତିନୋଟି ବିଷୟରେ ନୂତନ ପୋଷ୍ଟ ଗ୍ରାଜୁଏଟ (ପିଜି) ପାଠ୍ୟକ୍ରମ ଆରମ୍ଭ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଶିକ୍ଷା, ବାଣିଜ୍ୟ ଏବଂ ସଂସ୍କୃତରେ ପିଜି ପାଠ୍ୟକ୍ରମ ପ୍ରବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ପ୍ରସ୍ତାବ ଦାଖଲ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟରେ ସିଣ୍ଡିକେଟ ଅନୁମୋଦନ ପରେ ଆଗାମୀ ମାର୍ଚ୍ଚରେ ଏହି ତିନୋଟି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ସରକାରଙ୍କଠାରେ ପ୍ରସ୍ତାବ ଦାଖଲ କରାଯାଇଛି। ଏହି ପ୍ରସ୍ତାବ ଅନୁଯାୟୀ ଶିକ୍ଷା ବିଷୟ ପିଜିରେ ୪୦ଟି ସିଟ୍, ବାଣିଜ୍ୟ ଏବଂ ସଂସ୍କୃତରେ ୩୨ଟି ଲେଖାଏଁ ସିଟ ରହିବ। ଖୁବ୍‌ଶୀଘ୍ର ସରକାର ପ୍ରସ୍ତାବ ଗ୍ରହଣ କରି ପିଜି ପାଠ୍ୟକ୍ରମ ଲାଗି ଅନୁମତି ଦେବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହି ବିଷୟରେ ପିଜି ପାଇଁ ଛାତ୍ରୀଛାତ୍ରଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜିଲା ଓ ପଡ଼ୋଶୀ ଜିଲାର ଛାତ୍ରୀଛାତ୍ରଙ୍କ ସର୍ବାଧିକ ପସନ୍ଦଯୋଗ୍ୟ ସ୍ଥାନ ହୋଇଥିବାରୁ ଏଠାରେ ଉକ୍ତ ବିଷୟରେ ପିଜି ଖୋଲିଲେ ସେମାନେ ଆଗ୍ରହର ସହିତ ନାମ ଲେଖାଇବେ।

# ଆଜି ୨୪ ଘଣ୍ଟିଆ ଅବିଭକ୍ତ କୋରାପୁଟ ଜିଲାରେ ବସ୍ ଚଳାଚଳ ବନ୍ଦ

**ଲକ୍ଷ୍ମୀ ବସ୍ ଯୋଜନାକୁ ବିରୋଧ**

ମାଲକାନଗିରି/ କୋରାପୁଟ/ ନବରଙ୍ଗପୁର/ରାୟଗଡା, ୧।୧୦(ଦୁର୍ଯ୍ୟୋଧନ ପାତ୍ର/ ଅମିତାଭ ବେହେରା/ ସଦାଶିବ ପ୍ରହରାଜ/ ଭାଗ୍ୟଶ୍ରୀ ମିଶ୍ର



ମାଲକାନଗିରି ବସ୍‌ଷ୍ଟାଣ୍ଡରେ ଆୟୋଜିତ ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଅବିଭକ୍ତ କୋରାପୁଟ ଜିଲା ଘରୋଇ ବସ୍ ମାଲିକ ସଂଘ ତରଫରୁ ଆଜି ୨ ତାରିଖରୁ ୨୪ ଘଣ୍ଟିଆ ଘରୋଇ ବସ୍ ଚଳାଚଳ ବନ୍ଦ ଡାକରା ଦିଆଯାଇଛି। ରବିବାର ମାଲକାନଗିରି ବସ୍‌ଷ୍ଟାଣ୍ଡ ପରିସରରେ ଘରୋଇ ବସ୍ ମାଲିକମାନଙ୍କର ଏକ ବୈଠକ ସଂଘ ସଭାପତି ରାଜେଶ୍ୱରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାରେ ସରକାରୀ ବସ୍ ବିଭିନ୍ନ ଅଞ୍ଚଳକୁ ଯୋଗାଇ ଦେବା ସହ ୨ ତାରିଖ ଗାନ୍ଧୀ ଜୟନ୍ତୀରେ ଏହି ଯୋଜନାର ଶୁଭାରମ୍ଭ ହେଉଥିବାରୁ ଏହାକୁ ବିରୋଧ କରି ଏଭଳି ନିଷ୍ପତ୍ତି ନିଆଯାଇଛି। ଫଳରେ ଘରୋଇ ବସ୍ ମାଲିକମାନେ ଏହି ଯୋଜନା ଦ୍ୱାରା ଅନେକ କ୍ଷତି ସହିବା ସହ ବ୍ୟାଙ୍କ ଋଣ ପରିଶୋଧ କରିବାରେ ଅସୁବିଧାର ସମ୍ମୁଖୀନ ହେବେ। ସରକାରଙ୍କ ଏହି ଯୋଜନାକୁ ବିରୋଧ କରାଯାଉ ନ ଥିଲେ ମଧ୍ୟ ଘରୋଇ ବସ୍‌ଗୁଡିକ ଯେଉଁ ଯେଉଁ ଅଞ୍ଚଳକୁ ଯାଉଛି ସେହି ସବୁ ଅଞ୍ଚଳକୁ ଯିବା ସହ ସେମାନଙ୍କୁ ଅଧିକ ଅଞ୍ଚଳକୁ ବସ୍ ଚଳାଚଳ ପାଇଁ ଅନୁମତି ଦେବାକୁ ସଂଘ ଦାବି କରିଛି। ସଂଘ ସମ୍ପାଦକ ଇ. ଭେଙ୍କଟ ରାଓଙ୍କୁ ପଚାରିବାରୁ ସରକାର ଘରୋଇ ବସ୍ ମାଲିକ ସଂଘ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି। ଏହାକୁ ରାୟଗଡା, କୋରାପୁଟ ଓ ନବରଙ୍ଗପୁର ଘରୋଇ ବସ୍ ମାଲିକ ସଂଘ ସମର୍ଥନ କରିବ ବୋଲି ଜଣାପଡିଛି।

# ଡାକିଆଣି ନାଟକ ଦେଖାଇ କରତାଳି ନେବାରେ ଲାଭ ନାହିଁ

ନାଟକ, ସାହିତ୍ୟ ଓ ସିନେମା କ୍ଷେତ୍ରରେ ଶଙ୍କର ତ୍ରିପାଠୀ ହେଉଛନ୍ତି ଜଣେ ଜଣାଶୁଣା ନାମ। ଏହି ୩କ୍ଷେତ୍ରରେ ତାଙ୍କର ଅନନ୍ୟ ସୃଷ୍ଟି ଲୋକଙ୍କ ପାଖେ ତାଙ୍କୁ ପରିଚିତ କରିଛି। ୧୯୭୮ରେ ତାଙ୍କର ପ୍ରଥମ ନାଟକ 'ପୃଥିବୀ ଶରଶଯ୍ୟା' ମଞ୍ଚସ୍ଥ ହୋଇଥିଲା। ରାଜୁ ମିଶ୍ରଙ୍କ ନିର୍ଦ୍ଦେଶିତ 'ସାଗର ଗଙ୍ଗା'ରେ ସେ ପ୍ରଥମେ ସିନେମା ଲେଖିବା ଆରମ୍ଭ କରିଥିଲେ। ଏହାପରେ ଶତ୍ରୁ ସଂହାର, ତୁମକୁ ପାରୁନି ତ ଭୁଲି, ଛବିରାଣୀ ଆଦି ସିନେମା ରଚନା କରିଛନ୍ତି। ଆଉ ଏବେ ତାଙ୍କ ଲିଖିତ ଉପନ୍ୟାସ ନାଦବ୍ରହ୍ମରୁ ନିର୍ମିତ ଚଳଚ୍ଚିତ୍ର 'ପୁଷ୍କରା' ଦର୍ଶକଙ୍କୁ ଓଡ଼ିଆ ସିନେମାର ନିକଟତର କରିଛି। 'ଶୁଣିବା ହେଉ ଏ କାହାଣୀ' ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୨୦୧୫ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ବିଷୁବ ପୁରସ୍କାର ଆଦି ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି। ନାଟକ ନୀଳଶୈଳ, ନବକଳେବର ଓ ଫିଲ୍ମ ପୁଷ୍କରା ମାଧମରେ ସେ ଦର୍ଶକଙ୍କୁ ପୁଣି ପ୍ରେକ୍ଷାଳୟକୁ ଟାଣି ଆଣି ପାରିଛନ୍ତି। ସାହିତ୍ୟରୁ ଯେ ଏକ ଭଲ ସିନେମା ହୋଇପାରିବ ତାହା ସେ ପୁନଃ ପ୍ରମାଣିତ କରିଛନ୍ତି। ଶଙ୍କର ତ୍ରିପାଠୀଙ୍କ ସହ ଏଥରର ଧରିତ୍ରୀ ଆଳାପ।

ସାକ୍ଷାତ୍: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର



***ଆପଣଙ୍କ ଉପନ୍ୟାସ ନାଦବ୍ରହ୍ମ ଉପରେ ପର୍ଯ୍ୟବସିତ ପୁଷ୍କରା ଚଳଚ୍ଚିତ୍ର ସମ୍ପର୍କରେ କ'ଣ କହିବେ?***

▶▶ ୧୦ରୁ ୧୫ବର୍ଷ ଧରି ମୁଁ ସିନେମା ଲେଖି ନ ଥିଲି। କାରଣ ଏକ ମୌଳିକ କାହାଣୀ କରିବାର ସୁଯୋଗ ନ ଥିଲା। ଏହି କାହାଣୀକୁ ନେଇ ମଧ୍ୟ ମୁଁ ବିଭିନ୍ନ ପ୍ରଯୋଜକଙ୍କ ପାଖକୁ ଯାଇଥିଲି। କିନ୍ତୁ ସମସ୍ତେ କହୁଥିଲେ ଏହି ସିନେମା କଲେ କ'ଣ ଚାଲିବ। ମାତ୍ର ଯାହା ହେଉ ଏତେ ଦିନ ପରେ କାହାଣୀଟି ଆସିଲା ଆଉ ଦର୍ଶକ ତା'କୁ ଗ୍ରହଣ କଲେ, ଯାହା ମୋତେ ବହୁତ ଖୁସି ଦେଉଛି।

***ଆଧୁନିକ ନାଟକ ଲେଖିବା ସମ୍ପର୍କରେ କ'ଣ କହିବେ?***

▶▶ ମୋର ୩୦ଖଣ୍ଡ ନାଟକ ମଧ୍ୟରୁ ପ୍ରାୟ ୨୦ରୁ ୨୫ଟି ସାମାଜିକ ସମସ୍ୟା ଉପରେ ଆଧାରିତ। ତେବେ ଦର୍ଶକ ଟିକେଟ୍ କାଟି ନାଟକ ଦେଖିବା ଆବଶ୍ୟକ। ଦର୍ଶକଙ୍କୁ ଡାକିଆଣି ନାଟକ ଦେଖାଇ କରତାଳି ନେବାରେ କୌଣସି ଲାଭ ନାହିଁ। ତେଣୁ ଏକ ପରିବର୍ତ୍ତନ ପାଇଁ 'ଆହେ ନୀଳଶୈଳ' ନାଟକ ଲେଖିଲି। ଏହାପରେ ନବକଳେବର ନାଟକ, ପୁଣି ପୁଷ୍କରା ଚଳଚ୍ଚିତ୍ର। ଜଗନ୍ନାଥ ଏବଂ ତାଙ୍କ ସଂସ୍କୃତି, ପରମ୍ପରାକୁ ଦର୍ଶକ ଗ୍ରହଣ କରିଛନ୍ତି। ସବୁକୁ ଭଲ ରେସପନ୍ସ ମିଳିଲା। ତେଣୁ ଦର୍ଶକଙ୍କ ଭାବାବେଗ ସହ ଜଡ଼ିତ ଆମ ସଂସ୍କୃତି, ଓଡ଼ିଆ ମାଟିର କାହାଣୀକୁ ଦର୍ଶକୀୟ ଆଦୃତି ମିଳିପାରିବ।

***କାହାଣୀ ରଚନା ପାଇଁ ପ୍ରେରଣା କେଉଁଠୁ ମିଳେ?***

▶▶ ବେଳେବେଳେ ବିଭିନ୍ନ ଚରିତ୍ର ମାଧ୍ୟମରେ ଆସିଥାଏ। ଯେହେତୁ ମୁଁ ପୁରୀରେ ବଢ଼ିଛି, ଅନେକ ଚରିତ୍ରଙ୍କ ସହ ଭେଟ ହୁଏ। କିଛି ସାମାଜିକ ସମସ୍ୟା ଆଉ କିଛି ବହି ପଢୁ ପଢୁ କୌଣସି ଏକ ନିର୍ଦ୍ଦିଷ୍ଟ ଚିନ୍ତା ବା ଚେତନା ମୋତେ ଲେଖିବାକୁ ବାଧ କରେ। ନିଜ ବ୍ୟକ୍ତିଗତ ଜୀବନର ଅନୁଭୂତିରୁ ବି ବେଳେବେଳେ ଲେଖି ହେଇଯାଏ।

***ନୂଆ ନାଟ୍ୟକାର ସୃଷ୍ଟି ହେବା ସମ୍ପର୍କରେ କ'ଣ କହିବେ?***

▶▶ କେତେଜଣ ନାଟ୍ୟକାର ଏବେ ଭଲ ଲେଖୁଛନ୍ତି। ସେମାନଙ୍କ ଭିତରେ ସମ୍ଭାବନା ଅଛି। କ'ଣ ଲେଖିବା ଉଚିତ୍, କାହିଁକି ଲେଖିବି ଓ କାହାପାଇଁ ଲେଖିବି ଏହି ୩ ପ୍ରଶ୍ନର ଉତ୍ତର ଯାହା ପାଖେ ଅଛି ସେ ଜଣେ ସଫଳ ନାଟ୍ୟକାର ହୋଇପାରିବ। ଧୀରେଧୀରେ ସେମାନେ ତାଙ୍କ ଅନୁଭବ ଓ ଅନୁଭୂତି ଭିତରୁ ପରିପକ୍ୱ ହେବେ। କାହାପାଇଁ କେବେ ସମୟ ଅଟକି ଯାଇନାହିଁ। ଯେଭଳି ଆମର ପୂର୍ବପିଢ଼ି ଥିଲେ, ତା'ପରେ ଆମେ ଓ ଆମ ପରେ ମଧ୍ୟ ଉତ୍ତରପିଢ଼ି ସୃଷ୍ଟି ହେବେ।

***ଓଡ଼ିଆରେ ନିଜସ୍ୱ କାହାଣୀ ଥିବା ସତ୍ତ୍ୱେ ଚଳଚ୍ଚିତ୍ର, ଧାରାବାହିକ କପି ହେଉଛି କାହିଁକି?***

▶▶ ଯେଉଁମାନେ କପି କରି ଫିଲ୍ମ କି ଧାରାବାହିକ ଲେଖୁଛନ୍ତି, ସେମାନେ ପର୍ଯ୍ୟାପ୍ତ ପରିମାଣରେ ଓଡ଼ିଆ କାହାଣୀ ପଢ଼ିନାହାନ୍ତି। ଯଦି ପଢ଼ିଥା'ନ୍ତେ ତାହାଲେ ତାହା ସେମାନଙ୍କୁ ଲେଖିବାକୁ ଆନ୍ଦୋଳିତ କରିଥାନ୍ତା। ଦ୍ୱିତୀୟ କଥା, ଯଦି ବ୍ୟବସାୟିକ ସୂତ୍ରରେ ତିଆରି ହେଉଛି ତେବେ ନିର୍ମାତାମାନଙ୍କର ପୂର୍ବରୁ ଏକ ବଦ୍ଧଧାରଣା ରହିଛି ଯେ, ମୌଳିକ କାହାଣୀ ପରିବର୍ତ୍ତେ ପୂର୍ବରୁ ଯେଉଁ ଚଳଚ୍ଚିତ୍ର ସଫଳ ହୋଇଥିବ ସେହି ଉପାଦାନଗୁଡ଼ିକ ଆଣି ପୂରେଇଦିଅନ୍ତି।

***ଗୋଟିଏ କାହାଣୀ ଲେଖିବାକୁ ଆପଣ କେତେ ସମୟ ନିଅନ୍ତି?***

▶▶ ସେମିତି ନିର୍ଦ୍ଦିଷ୍ଟ ସମୟ ନାହିଁ। ବେଳେବେଳେ କାହାଣୀ ଲେଖିବାକୁ ୫ବର୍ଷ ବି ବିତିଯାଇଛି। ୧୫ଦିନ କି ମାସେ ଭିତରେ ବି କାହାଣୀ ଲେଖି ହୋଇଯାଇଛି। ଯେଉଁ ପର୍ଯ୍ୟନ୍ତ କାହାଣୀର ସମଗ୍ର ରୂପଟାକୁ ମୁଁ ଦେଖି ନ ପାରେ, ସେ ପର୍ଯ୍ୟନ୍ତ ଲେଖେନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭାସମିତି, ରାଜନୀତି, କଳା, ସଂଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ।

**ବୃଷ**
କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସମୟାନ୍ତରେ ଟେନସନ୍ ଦୂର ହେବ ଏବଂ କଳ୍ପନା କିମ୍ବା ଆଶା କରି ନ ଥିବା ଜିନିଷ ଲାଭ କରି ଖୁସୀ ହୋଇଯିବେ। କଳା, ସାହିତ୍ୟ, ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରୁ ସୁଫଳ ମିଳିବ ଓ ପ୍ରଶଂସିତ ହେବେ। ପାରିବାରିକ ଜୀବନ ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ସାମାଜିକ କ୍ଷେତ୍ର କିମ୍ବା ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା ବଳବତ୍ତର ହେବ ଏବଂ ପାଇବେ।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ମନେବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**
ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସୂଚନା ରହିଛି। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାରେ ହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସୁଫଳ ଲାଭ ସକାଶେ ଆଶାବାଦୀ ହୋଇପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ପୂରାଇଲେ ଅଶାନ୍ତ ରହିବା ସାଙ୍ଗକୁ ସମସ୍ୟା ଭିତରକୁ ଟାଣି ହୋଇଯିବେ। ଅର୍ଥ ସଙ୍କଟ ହେତୁ କାମଗୁଡ଼ିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତମାନର ସୁଫଳ ପାଇପାରନ୍ତି।

**ତୁଳା**
ଆଜି ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦିତା ବଢ଼ିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ରପ୍ତାନି ବାଣିଜ୍ୟ, ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରନ୍ତି।

**ବିଛା**
ଆପଣଙ୍କ ପ୍ରୟୋଗାତ୍ମକ କୌଶଳ ପ୍ରଭାବରେ ଅସାଧ ସାଧନ କରିବାରେ ସମର୍ଥ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। କୌଣସି ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ଦେଖାଦେଇପାରେ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ, କିନ୍ତୁ ନିଜ ଲୋକମାନଙ୍କ ନିକଟରୁ କ୍ରମଶଃ ଦୂରେଇ ଯାଇ ପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ କିନ୍ତୁ କୌଣସି କାମ ଅଟକିବ ନାହିଁ। ଅତି ପ୍ରିୟବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। କଠୋର ଶ୍ରମଜନିତ ସନ୍ଧ୍ୟାରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ।

**ମକର**
ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଦେଖି ଦୁଶ୍ଚିନ୍ତା ବଢିଯାଇପାରେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ସହକର୍ମୀଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବାକୁ ପଡିପାରେ। ଅଧିକାଂଶ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିବ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର କରିବା ସକାଶେ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ କାମ ହାସଲ ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ଅନ୍ୟମାନଙ୍କ ମନଗଢା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ରାଜନୀତି କ୍ଷେତ୍ରରେ କିମ୍ବା ଆଲୋଚନା କାଳରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପରିବାରର ବ୍ୟତିକ୍ରମ ଘଟଣାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ମୀନ**
ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଦୂରଭିସନ୍ଧି ରଖି ପାଖ ପଡୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତି। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହେବାର ସୂଚନା ରହିଛି। ଆତ୍ମନିର୍ଭରଶୀଳ ହୋଇ ମନକୁ ବୁଝାଇ ଆଗାମୀ ଭବିଷ୍ୟତର ପରିକଳ୍ପନା କରିପାରନ୍ତି।

ଆଜି ଅକ୍ଟୋବର ୨ ତାରିଖ, ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ, ଅନ୍ତର୍ଜାତୀୟ ଅହିଂସା ଦିବସ, ବିଶ୍ୱ ପର୍ଯ୍ୟାବାସ ଦିବସ, ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ, ଆଶ୍ୱିନ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ସୋମବାର, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଚତୁର୍ଥୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୧, ଗତେ, ଘ.୦୭।୦୯ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭ ବେଳା ।।ଦିବା ଘ.୦୭।୦୯ ମି.ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨/୨୦୨୩ Bhubaneswar, Monday, October 2/2023 | ପୃଷ୍ଠା-୧


# ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

**ନୂଆଦିଲ୍ଲୀ,୧।୧୦**

ଗତ କିଛି ମାସର ବିରତି ପରେ ରବିବାର କମର୍ସିଆଲ ଗ୍ୟାସ୍ ଦର ବୃଦ୍ଧି ପାଇଛି। ବିଗତ ୮ ମାସ ହେବ କମର୍ସିଆଲ ଗ୍ୟାସ୍ (୧୯ କି.ଗ୍ରା.) ଦର ହ୍ରାସ ପାଉଥିବାବେଳେ ଘରୋଇ ଗ୍ୟାସ (୧୪.୨ କି.ଗ୍ରା.)ର ମୂଲ୍ୟ ସ୍ଥିର ରହିଥିଲା। ଚଳିତ ଆର୍ଥିକ ବର୍ଷର ୭ମ ମାସରେ କମର୍ସିଆଲ ଗ୍ୟାସ୍ ଦର ୨୦୯ ଟଙ୍କା ବଢ଼ିଛି। ଉଲ୍ଲେଖଯୋଗ୍ୟ ଦେଶର ପ୍ରମୁଖ ଇନ୍ଧନ ବିପଣନକାରୀ କମ୍ପାନୀଗୁଡ଼ିକ ପକ୍ଷରୁ ରବିବାର ୨୦୨୩ ସେପ୍ଟେମ୍ବର ମାସ ପାଇଁ ନୂତନ ଗ୍ୟାସ ଦର ସୂଚୀ ପ୍ରକାଶ କରାଯାଇଛି। ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ ୨୦୩.୫୦ ପଇସା ବଢ଼ି ୧୮୭୭.୫୦ ଟଙ୍କାରେ ପହଞ୍ଚିଛି। ନୂଆଦିଲ୍ଲୀରେ ୧୯କେଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ଉପରେ ୨୦୯ ଟଙ୍କା ବଢ଼ି ୧୭୩୧.୫୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୯କେଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୧୮୩୯.୫୦ ଟଙ୍କା, ୧୬୮୪ ଟଙ୍କା ଏବଂ ୧୮୯୮ଟଙ୍କାରେ ପହଞ୍ଚିଛି। ସେହିଭଳି ଉପରୋକ୍ତ ସହରଗୁଡ଼ିକରେ ଘରୋଇ ଗ୍ୟାସ ଦର ପୂର୍ବଭଳି ସ୍ଥିର ରହିଛି, ଏପରିକି ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ସହରରେ ୧୪.୨ କେଜି ଗ୍ୟାସ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୯୦୩





ଟଙ୍କା, ୯୨୯ ଟଙ୍କା, ୯୦୨.୫୦ ଟଙ୍କା ଏବଂ ୯୧୮.୫୦ ଟଙ୍କାରେ କାରବାର ହେଉଛି। ଉଲ୍ଲେଖଯୋଗ୍ୟ, ଉଜ୍ଜଳା ଯୋଜନାରେ ପ୍ରାୟ ୭୫ଲକ୍ଷ ନୂଆ 'ଏଲ୍‌ପିଜି' ସଂଯୋଗ ଦିଆଯିବ ବୋଲି ସେପ୍ଟେମ୍ବର ମାସରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେବା ପରେ ରବିବାର ବ୍ୟବସାୟିକ 'ଏଲ୍‌ପିଜି' ସିଲିଣ୍ଡର ଦର ବୃଦ୍ଧି ପାଇଛି। ଉଜ୍ଜଳା ଯୋଜନାରେ ଆଗାମୀ ୩ବର୍ଷ ମଧ୍ୟରେ ଯୋଗାଇ ଦିଆଯିବାକୁ ଥିବା 'ଏଲପିଜି' ସଂଯୋଗ ନିମନ୍ତେ ୧୬୫୦କୋଟି ଟଙ୍କା ବ୍ୟୟ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି।

# ବର୍ଷା: ଆଜି ୫ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ

**ଭୁବନେଶ୍ୱର, ୧।୧୦(ଅସମାପିକା ସାହୁ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଗାଙ୍ଗେୟ ଉପତ୍ୟକା, ପଶ୍ଚିମବଙ୍ଗର ପଶ୍ଚିମ ଭାଗ ଓ ସଂଲଗ୍ନ ଝାଡ଼ଖଣ୍ଡର ପଶ୍ଚିମ ଭାଗରେ ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ଧୀରେ ଧୀରେ ଉତ୍ତର ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିଛି ଓ ଆସନ୍ତା ୩ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଶନିବାର ରାତିରୁ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଖୋର୍ଦ୍ଧା ଜଟଣୀରେ ସର୍ବାଧିକ ୧୩୮ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ପୁରୀ ସତ୍ୟବାଦୀରେ ୯୬, କେନ୍ଦ୍ରାପଡ଼ାରେ ୮୭, ଗୋପରେ ୭୫, ନୟାଗଡ଼ ଓଡ଼ଗାଁରେ ୭୩.୭, ଢେଙ୍କାନାଳ ଭୁବନରେ ୬୪, କଟକରେ ୬୩.୪, ନିଶ୍ଚିତକୋଇଲିରେ ୬୩, ଲଖନପୁରରେ ୬୨, ନୟାଗଡ଼ରେ ୬୧ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସେହିପରି ରବିବାର କେବଳ ଦିନରେ ଚାନ୍ଦବାଲିରେ ସର୍ବାଧିକ ୨୩.୩ ମିମି ବର୍ଷା ରେକର୍ଡ କରାଯାଇଛି। ସୋମବାର ମଧ୍ୟ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର ଓ ସମ୍ବଲପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ଥିବାରୁ ଏହି ୫ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିଭଳି ବରଗଡ଼, ସୋନପୁର, ବଲାଙ୍ଗୀର, ଅନୁଗୋଳ, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ନିଂ ଜାରି ହୋଇଛି। ମଙ୍ଗଳବାର ଓ ବୁଧବାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରାଯିବା ସହ ୟେଲୋ ୱାର୍ନିଂ ଜାରି ହୋଇଛି।

"ଯେଉଁ ସମାଜରେ ଦାରିଦ୍ର୍ୟ ରହିଛି- ତଦ୍ୱାରା ପ୍ରମାଣିତ ହୁଏ ଯେ, ସେ ସମାଜରେ ଅନ୍ୟାୟ ଓ ଅବ୍ୟବସ୍ଥା ପୂରି ରହିଛି। ଆମର ଦାନ ଖଇରାତ ପାଇଁ ଯେଉଁସବୁ ସାଧାରଣ ପ୍ରତିଷ୍ଠାନ ରହିଛି- ସେ ସବୁ ଯେପରି ଚୋରଙ୍କ ମନରେ ଅବଶେଷରେ ବିବେକର ସର୍ବପ୍ରଥମ ଜାଗରଣ !! -ଶ୍ରୀଅରବିନ୍ଦ



# ଶତ୍ରୁ କିଏ

ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଦୀର୍ଘ ୫ ମାସ ଧରି ଲାଗି ରହିଥିବା ଜାତିଆଣ ହିଂସା ମଣିପୁରରେ ପୁଣି ଉଗ୍ର ରୂପ ଧାରଣ କରିଛି। ଦୁଇ ଜଣ ଛାତ୍ରୀଛାତ୍ରଙ୍କୁ ଅପହରଣ କରିନିଆଯାଇ ହତ୍ୟା କରାଯିବା ପରେ ରାଜ୍ୟବ୍ୟାପୀ ପ୍ରତିବାଦ ଚାଲିଛି। କିଛି ଗୋଷ୍ଠୀ କହୁଛନ୍ତି ଯେ, ଛାତ୍ରୀଛାତ୍ରଦ୍ୱୟ ମେଇତି ସମ୍ପ୍ରଦାୟର। କୁକି ସେମାନଙ୍କୁ ଅପହରଣ କରିନେଇଥିଲେ। ଏହି ଘଟଣାର ସତ୍ୟାସତ୍ୟ ବୁଝିବା କଷ୍ଟକର ହୋଇଥାଇପାରେ। କିନ୍ତୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଯେଉଁସବୁ ଜାଗାରେ ଦଙ୍ଗା ଓ ହିଂସା ଘଟିଥାଏ, ସେଠାରେ କିଏ କାହାକୁ ମାରିଲା ତାହା ସ୍ପଷ୍ଟ ବୁଝିବା କଷ୍ଟକର। ଅନେକ ସ୍ଥାନରେ ଉଦାହରଣ ଅଛି ନିଜ ସମ୍ପ୍ରଦାୟର ଲୋକଙ୍କୁ ମାରି ତିକ୍ତତା ବୃଦ୍ଧି କରାଇଦିଆଯାଏ। ଇତିମଧ୍ୟରେ ମଣିପୁରକୁ 'ବିଶୃଙ୍ଖଳିତ ଅଞ୍ଚଳ' ଘୋଷଣା କରାଯିବା ପରେ ୧ ଅକ୍ଟୋବରରୁ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍ଏସ୍ପିଏ)କୁ ଆଉ ୬ ମାସ ସମ୍ପ୍ରସାରଣ କରାଯାଇଛି। ତେବେ ଇମ୍ଫାଲ ଉପତ୍ୟକାର ୧୯ଟି ପୋଲିସ ଷ୍ଟେଶନ ଅଞ୍ଚଳକୁ ଏଥିରୁ ବାଦ୍ ଦିଆଯାଇଥିବାରୁ ସାଧାରଣରେ ଅନେକ ପ୍ରଶ୍ନ ଉଠୁଛି। କହିବାକୁ ଗଲେ ଏଏଫ୍ଏସ୍ପିଏ ଉଗ୍ରପନ୍ଥୀ କାର୍ଯ୍ୟକୁ ଦମନ କରିବାରେ ଲାଗିବା କଥା। ହେଲେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ଲାଗି ଏହାକୁ ବ୍ୟବହାର କରାଯାଉଛି। ଉଭୟ କେନ୍ଦ୍ର ଓ ସବୁ ରାଜ୍ୟ ସରକାର ନିଜ ଦାୟିତ୍ୱରେ ବିଫଳ ହେଉଥିବାରୁ ଏହିଭଳି କଠୋର ଆଇନକୁ ବ୍ୟବହାର କରୁଛନ୍ତି। ଏହା କେବଳ ଭାଜପା ସମୟରେ ହେଉଛି କହିବା ଅନୁଚିତ ହେବ। କଂଗ୍ରେସ ସରକାର ମଧ୍ୟ, ଅନେକ ଦଶନ୍ଧି ଧରି, ଏହି ଆଇନର ଅପବ୍ୟବହାର କରିଛି। ତେବେ ଇମ୍ଫାଲ ଉପତ୍ୟକା ଜାତିଆଣ ହିଂସା ଭିଆଉଥିବା ବେଳେ କେଉଁ ଦୃଷ୍ଟିରୁ ବିଚାର କରାଯାଇ ଏହି ଇଲାକାକୁ ବିଶୃଙ୍ଖଳିତ ଅଞ୍ଚଳ ସଂଜ୍ଞାରୁ ବାଦ୍ ଦିଆଯାଇଛି, ତାହା ବୁଝିବା କଷ୍ଟକର ନୁହେଁ। ସମ୍ଭବତଃ ରାଜଧାନୀ ଅଞ୍ଚଳକୁ ବିଶୃଙ୍ଖଳିତ ଇଲାକା ଘୋଷଣା କରିଦେଲେ ସରକାରଙ୍କ ଅପାରଗତା ପଦାରେ ପଡ଼ିଯିବା ସହ ତାହାର କ୍ଷମତା ଉଭାନ ହୋଇଯିବ ବୋଲି ଚିନ୍ତା କରାଯାଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ମୃତ ଛାତ୍ରୀଛାତ୍ରଙ୍କ ପରିବାରକୁ ରାଜ୍ୟପାଳ ଅନସୂୟା ଉଇକେ ଭେଟି ଅପହରଣ ଓ ହତ୍ୟାରେ ସମ୍ପୃକ୍ତ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହା ନିଶ୍ଚିତ ଭାବେ ସମ୍ପୃକ୍ତ ପରିବାରବର୍ଗଙ୍କ ପାଇଁ ସହାନୁଭୂତି ଆଣିଥିବ। କିନ୍ତୁ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କଠାରୁ ଯେଉଁ ତତ୍ପରତା ଆଶା କରାଯାଉଥିଲା, ତାହା ଦେଖିବାକୁ ମିଳିନାହିଁ। ଗୋଟେ ରାଜ୍ୟରେ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବା, ଛାତ୍ରୀଛାତ୍ରଙ୍କୁ ଅପହରଣ ଓ ହତ୍ୟା ସହିତ ବିଭିନ୍ନ ବର୍ଗର ନାଗରିକଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ କୌଣସି କଠୋର ପଦକ୍ଷେପ ନିଆଯାଇପାରୁ ନ ଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ, ଅଶାନ୍ତ ସ୍ଥିତି ସୃଷ୍ଟି ହେବା ପରେ ମଣିପୁରରେ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣ ଗଲାଣି। ତେବେ ଛାତ୍ରୀଛାତ୍ରଦ୍ୱୟଙ୍କୁ ହତ୍ୟା କରାଯିବା ପରେ ମୁଖ୍ୟମନ୍ତ୍ରୀ କହୁଛନ୍ତି, ଲୋକମାନେ ଏକତ୍ର ରହିବା ସହ ଶାନ୍ତି ବଜାୟ ରଖିବା ଏବଂ ରାଜ୍ୟର ଶତ୍ରୁ ବିରୋଧରେ ସାମୂହିକ ଲଢ଼େଇ କରିବାକୁ ଆଗେଇ ଆସନ୍ତୁ। ଏଠାରେ ପ୍ରଶ୍ନ ଉଠୁଛି ଶତ୍ରୁ କିଏ। ନିଜ ଦାୟିତ୍ୱରୁ ଓହରିଯାଇ ଏକ ଶତ୍ରୁର ଭୂତ ଲୋକଙ୍କ ଆଗରେ ଥୋଇଲେ ବୀରେନ୍ଦ୍ର ଭାବୁଛନ୍ତି ବୋଧେ ଜନସାଧାରଣଙ୍କୁ ବାଉଳା କରିହେବ। ତ୍ୱରିତ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଏହା ବାଣୀ ଶୁଣାଇବାର ମୁହୂର୍ତ୍ତ ନୁହେଁ ବୋଲି ବିଚାର କରାଯିବା ଦରକାର।

**ଛାତ୍ରୀଛାତ୍ରଦ୍ୱୟଙ୍କୁ ହତ୍ୟା କରାଯିବା ପରେ ମୁଖ୍ୟମନ୍ତ୍ରୀ କହୁଛନ୍ତି, ଲୋକମାନେ ଏକତ୍ର ରହିବା ସହ ଶାନ୍ତି ବଜାୟ ରଖିବା ଏବଂ ରାଜ୍ୟର ଶତ୍ରୁ ବିରୋଧରେ ସାମୂହିକ ଲଢ଼େଇ କରିବାକୁ ଆଗେଇ ଆସନ୍ତୁ। ଏଠାରେ ପ୍ରଶ୍ନ ଉଠୁଛି ଶତ୍ରୁ କିଏ। ନିଜ ଦାୟିତ୍ୱରୁ ଓହରିଯାଇ ଏକ ଶତ୍ରୁର ଭୂତ ଲୋକଙ୍କ ଆଗରେ ଥୋଇଲେ ବୀରେନ୍ଦ୍ର ଭାବୁଛନ୍ତି ବୋଧେ ଜନସାଧାରଣଙ୍କୁ ବାଉଳା କରିହେବ।**

ମଣିପୁରରେ ହିଂସା ଯୋଗୁ କେବଳ ସଂଖ୍ୟାଲଘୁ କୁକି ନୁହନ୍ତି, ମେଇତି ସମ୍ପ୍ରଦାୟ ମଧ୍ୟ ଅସ୍ୱାଭାବିକ ସ୍ଥିତିର ସାମ୍ନା କରୁଛି। ଇତିମଧ୍ୟରେ ଯାହା କୁହାଯାଉଥିଲା ଯେ, ଭାଜପା ଏହି ଗଣ୍ଡଗୋଳକୁ ଭିଆଉଛି, ତାହା ଏବେ ସନ୍ଦେହ ଘେରରେ ଆସିଗଲାଣି। କାରଣ ମଣିପୁର ରାଜ୍ୟ ଭାଜପା ଶାଖା ଏବେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡାଙ୍କୁ ବିଗିଡ଼ି ଯାଉଥିବା ଅସ୍ୱାଭାବିକ ସ୍ଥିତି ସମ୍ପର୍କରେ ଅବଗତ କରାଇଲେଣି ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଏହାବ୍ୟତୀତ ଉତ୍ତର ପୂର୍ବାଞ୍ଚଳର ପ୍ରାୟ ସବୁ ରାଜ୍ୟର ଇତିହାସ ଦେଖିଲେ କେନ୍ଦ୍ରରେ ଯିଏ ସରକର ଗଢ଼େ, ସେହି ଦଳ ଏହି ଭୂଖଣ୍ଡର ସବୁ ପ୍ରଦେଶରେ ସରକାର ଗଢ଼ିଥାଏ। ଏହା ଗତାନୁଗତିକ।

ମଣିପୁର ନିଆଁ ବନାଗ୍ନି ଭଳି ବ୍ୟାପି ଚାଲିଛି। ତାହାର ଧାସରେ ସମସ୍ତେ ଆକ୍ରାମାକ୍ରା। ଗୋଟିଏ ପଟେ କେନ୍ଦ୍ର ସହିତ ସଲାସୁତରା କରି ମୁଖ୍ୟମନ୍ତ୍ରୀ ଚୌକି ଭିଡ଼ିଧରିଥିବା ଭଳି ମନେହେଉଛି। ଅନ୍ୟପକ୍ଷେ ଏଥିରୁ ନଜର ହଟେଇବା ଲାଗି କାନାଡା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଉଛି। ସ୍ଥିତି କେତେ ବିଗିଡ଼ିଲେ ପ୍ରତିକାରମୂଳକ ପଦକ୍ଷେପ ନିଆଯିବ, ତାହାକୁ ଯେପରି ଅପେକ୍ଷା କରାଯାଇଥିବା ଭଳି ମନେହେଉଛି। ଗଣତନ୍ତ୍ରରେ ଲୋକଙ୍କୁ ସୁରକ୍ଷା ଦେବା ସରକାରଙ୍କ ମୌଳିକ କାର୍ଯ୍ୟ। ଦେଶର ଗୋଟେ ପ୍ରାନ୍ତ ଜଳୁଥିବା ବେଳେ ତାହାକୁ ଅଣଦେଖା କରିଦିଆଗଲେ ବାହ୍ୟ ଶତ୍ରୁ ସେହି ଭୂଖଣ୍ଡକୁ ଟାର୍ଗେଟ କରିଦେବା ସ୍ୱାଭାବିକ।


# ଗାନ୍ଧୀ ଓ ଗଣତନ୍ତ୍ର



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ମହାତ୍ମା ଗାନ୍ଧୀ ଜଣେ ଧର୍ମପ୍ରାଣ ତଥା ଧର୍ମନିରପେକ୍ଷ ନୀତିନିଷ୍ଠ ସନ୍ଥ। କେବଳ ସନ୍ଥ ନୁହନ୍ତି, ସେ ଥିଲେ ଜଣେ ଅନୁଭୂତିସମ୍ପନ୍ନ ପ୍ରୟୋଗବାଦୀ ରାଜନୀତିଜ୍ଞ ଓ ବିପ୍ଳବୀ ଜନନାୟକ। ପିଲାଟିଦିନରୁ ତାଙ୍କୁ ପ୍ରଭାବିତ କରିଥିଲା ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ତ୍ୟାଗପୂତ ଜୀବନ ଓ ରାଜନୈତିକ ମୂଲ୍ୟବୋଧ। ତେଣୁ ସ୍ୱାଧୀନତା ଆନ୍ଦୋଳନ ବେଳେ ସେ ଯେଉଁ ସ୍ୱରାଜ୍ୟର ସ୍ୱପ୍ନ ଦେଖିଥିଲେ, ତାହାହିଁ ଥିଲା ଏକ ରାମରାଜ୍ୟର ପରିକଳ୍ପନା। ରାମରାଜ୍ୟରେ ସୁ-ଶାସନ ଥିଲେ ବି ସେଥିରେ ନଥିଲା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା। ତେଣୁ ସେ ସାମାଜିକ ନ୍ୟାୟକୁ ଆଖି ଆଗରେ ରଖି ଆଙ୍କିଲେ ସ୍ୱରାଜ୍ୟର ନକ୍ସା। ସେ ଜାଣିଥିଲେ ଗଣତନ୍ତ୍ର ହିଁ ସବୁଠାରୁ ଭଲ ଶାସନ ବ୍ୟବସ୍ଥା। ଗଣତନ୍ତ୍ରର ସଂଜ୍ଞା ପ୍ରଦାନ କରିବାକୁ ଯାଇ ସେ କହିଥିଲେ ପ୍ରତ୍ୟେକ ମଣିଷ ସମାନ ଓ ସ୍ୱୟଂଶାସିତ ହେବା ପାଇଁ ସକ୍ଷମ ହେବାର ବିଶ୍ୱାସ ଓ ବ୍ୟବସ୍ଥା ହିଁ ଗଣତନ୍ତ୍ର। ସ୍ୱରାଜ୍ୟର ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ, ବିଦେଶୀ ଶାସନରୁ ମୁକ୍ତି କିମ୍ବା ମୁଷ୍ଟିମେୟ ଲୋକଙ୍କ କ୍ଷମତାପ୍ରାପ୍ତି କେବେ ସ୍ୱରାଜ୍ୟ ନୁହେଁ, ଏହା ହେଉଛି ନେତା ଓ ଜନତାଙ୍କ ମଧ୍ୟରେ ପାରସ୍ପରିକ ନିର୍ଭରଶୀଳତା। ତାଙ୍କ ମତରେ ସ୍ୱରାଜ୍ୟ ଏକ ବୈଦିକ ଶବ୍ଦ, ଯାହାର ଅର୍ଥ ନିଜ ଉପରେ ନିଜେ ଶାସନ କରିବା। ଆପଣଙ୍କ ଉପରେ ମୋର ଶାସନ କିମ୍ବା ମୋ' ଉପରେ ଆପଣଙ୍କ ଶାସନ ନୁହେଁ, ଆମ ଉପରେ ଆମ ଶାସନ ହିଁ ସ୍ୱରାଜ୍ୟ।

ଗାନ୍ଧୀଙ୍କ ବିଚାରଧାରାକୁ ଆଖି ଆଗରେ ରଖି ସମ୍ବିଧାନର ମୁଖବନ୍ଧରେ ସ୍ଥାପନ କରାଗଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଆଦି ପ୍ରସଙ୍ଗ। ସମ୍ବିଧାନର ପ୍ରାଣବନ୍ତ ରୂପକାର ଡକ୍ଟର ବି. ଆର୍. ଆମ୍ବେଡକରଙ୍କ ବଳିଷ୍ଠ ନେତୃତ୍ୱରେ ସମ୍ବିଧାନ ସଭାରେ ଉପରୋକ୍ତ ତ୍ରିମୂର୍ତ୍ତି ସମ୍ପର୍କରେ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ଗୃହୀତ ହେବା ପରେ ମହାତ୍ମା ଗାନ୍ଧୀ କି ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗୃହ। ଗଣତନ୍ତ୍ର ହେଉଛି ଏକ ପ୍ରତିନିଧିମୂଳକ ଉତ୍ତରଦାୟୀ ଶାସନ ବ୍ୟବସ୍ଥା। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ନିର୍ବାଚନ ପ୍ରକ୍ରିୟାର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ନିର୍ବାଚନ ପରିଚାଳନା ପାଇଁ ଗଢ଼ାହେଲା ନିର୍ବାଚନ ଆୟୋଗ। ଦେଶର ପ୍ରଥମ ନିର୍ବାଚନ ଆୟୁକ୍ତ ଥିଲେ ସୁକୁମାର ସେନ୍। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ଦୁଇଟି ସ୍ୱଚ୍ଛ, ଅବାଧ ଓ ମୁକ୍ତ ନିର୍ବାଚନ। ପରବର୍ତ୍ତୀ ସମୟରେ ଦେଶର ଦଶମ ନିର୍ବାଚନ ଆୟୁକ୍ତ ଟି.ଏନ୍. ଶେଷାନ୍ (୧୯୯୦-୯୬) ଥିଲେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାର ପ୍ରତୀକ। ତାଙ୍କ ଦ୍ୱାରା ଅନୁସୃତ କାର୍ଯ୍ୟଧାରା ଓ ଶୈଳୀ କ୍ଷମତା କେନ୍ଦ୍ରର ଅସହ୍ୟ ହେବାରୁ ବଦଳିଲା ବ୍ୟବସ୍ଥା, ଯାହାର ପରିଣତି ସ୍ୱରୂପ ବଢ଼ିଚାଲିଛି କଳାଟଙ୍କା ଓ ବାହୁବଳର ପ୍ରୟୋଗ। ଅଥଚ ନିର୍ବାଚନ ଆୟୋଗଙ୍କୁ ଘେରି ରହିଛି ଏକ ଶୀତଳ ଅଥର୍ବ ନୀରବତା।



ଗାନ୍ଧିଜୀ ଯେଉଁ ଗଣତନ୍ତ୍ରର ପରିକଳ୍ପନା କରିଥିଲେ, ତାହା ଥିଲା ଲୋକମତଙ୍କର ପ୍ରତିଷ୍ଠିତ ଏକ ସର୍ବୋତ୍ତମ ଶାସନ ବ୍ୟବସ୍ଥା। ସେଥିରେ ନଥିଲା ଲୋକଙ୍କୁ ଭଣ୍ଡେଇ, ତଣ୍ଡେଇ ବା ଭୟ ଦେଖେଇ ଶାସନ କରିବା ନୀତି। ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଲେଖିଥିଲେ- ଡରାଇ ଶାସିବା ନୀତି ଭାଙ୍ଗିଯିବ/ ପ୍ରଜାଙ୍କ ମତରେ ଶାସନ ଚାଲିବ/ ଏହି ନବଯୁଗ ଆଣିବା ସକାଶେ/ ଗାନ୍ଧୀ ରହିଛନ୍ତି ସିନା କାରାବାସେ। ଗାନ୍ଧିଜୀ କହୁଥିଲେ, "ସ୍ୱରାଜ୍ୟରେ ଚାଲିବ ଲୋକମାନଙ୍କର ଶାସନ। ଏଠାରେ ସାଧାରଣ ନାଗରିକଟିଏ ହେବ ଅସାଧାରଣ କ୍ଷମତାର ଅଧିକାରୀ।" ପ୍ରୟୋଗଶାଳାରେ ତାହା ଏବେ ଏହା କେବଳ ଏକ ପୋଥିଗତ ଦୁଃଖଦ ଅନୁଭବ। ପ୍ରହସନରେ ପରିଣତ ହେଲାଣି ବିବେକାନୁମୋଦିତ ଭୋଟଦାନ ବ୍ୟବସ୍ଥା । ଗଣତନ୍ତ୍ର ମନ୍ଦିରକୁ କବ୍ଜା କରିନେଲେଣି ଭ୍ରଷ୍ଟାଚାରର ପ୍ରାୟୋଜକ, ଆୟୋଜକ ଓ ବାହୁବଳୀମାନେ।


ଗାନ୍ଧିଜୀଙ୍କ ମତରେ ଗଣତନ୍ତ୍ର କେବଳ ନିର୍ବାଚନ ସର୍ବସ୍ୱ ନୁହେଁ, ଏହା ଏକ ନୈତିକ ବିଚାରଧାରା। ଏହା ଟେକିଥିବା ହାତ ଓ ପଡ଼ିଥିବା ହାତର ମୁଣ୍ଡଗଣତି କିମ୍ବା ୫୧ ଓ ୪୯ର ନାଟକ ନୁହେଁ, ବରଂ ଏକ ଜୀବନଦର୍ଶନ। ଗଣତନ୍ତ୍ରରେ ନିର୍ବାଚନରେ ଜିତିବା ହାରିବା ବଡ଼କଥା ନୁହେଁ, ବଡ଼କଥା ହେଉଛି ରାଜନୈତିକ ଉଚ୍ଚାରଣ ଓ ଆଚରଣ ବା ଗଣତାନ୍ତ୍ରିକ ନୀତି ଓ ଆଦର୍ଶ ପ୍ରତି ଅଙ୍ଗୀକାରବଦ୍ଧତା। ପରସ୍ପରର ଦୃଷ୍ଟିକୋଣ ପ୍ରତି ସହନଶୀଳତା ଓ ପାରସ୍ପରିକ ବୁଝାମଣା ଭିତ୍ତିରେ ସମସ୍ୟାର ସମାଧାନ କରିବା ହେଉଛି ଗଣତନ୍ତ୍ରର ମୂଳକଥା। ତେଣୁ ଗଣତନ୍ତ୍ରର ଭାଷା ହେଉଛି ମୈତ୍ରୀର ଭାଷା। ସହଯୋଗ ଓ ସହାନୁଭବର ଭାଷା। ସମ ପର୍ଯ୍ୟାୟରେ ସମାନ ଆସନରେ ବସି ପରସ୍ପର ସହିତ ଅନ୍ତରଙ୍ଗ ଆଳାପ ହେଉଛି ଗଣତନ୍ତ୍ରର ଲକ୍ଷ୍ୟ। ଜଣେ ନେତା ନିଜ ଦଳର ବିଚାରର ବଳିଷ୍ଠତା ଓ ପ୍ରତିପକ୍ଷ ଦଳର ବିଚାରର ଅସାରତା ପ୍ରତିପାଦନ କରିବା ପାଇଁ ଶବ୍ଦର ତୀକ୍ଷ୍ଣ ଶର ପ୍ରୟୋଗ କରିପାରେ, କିନ୍ତୁ ଉଲ୍ଲଙ୍ଘନ କରିପାରିବନି ଭାଷାର ମର୍ଯ୍ୟାଦା। ଏହି ଦୃଷ୍ଟିରୁ ସ୍ୱାଧୀନତା ପ୍ରାପ୍ତିର ପ୍ରାୟତଃ ଚାରି ଦଶନ୍ଧି ପର୍ଯ୍ୟନ୍ତ ରାଜନେତାମାନଙ୍କର ଆଚରଣ ଓ ଉଚ୍ଚାରଣ ଥିଲା ଖୁବ୍ ଉଚ୍ଚ ମାନର। ସେତେବେଳେ ଅଧିକାଂଶ ରାଜନେତା ଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ। ଗଣତାନ୍ତ୍ରିକ ମୂଲ୍ୟବୋଧ ଥିଲା ସେମାନଙ୍କ ବ୍ୟକ୍ତିତ୍ୱର ପରିଚୟ ଓ ପ୍ରତିଷ୍ଠା। ପ୍ରତିନିଧିସଭାରେ ସେମାନେ ପରସ୍ପର ବିରୋଧରେ ଅକାଟ୍ୟ ଯୁକ୍ତି ରଖୁଥିଲେ ସତ, କିନ୍ତୁ ସେମାନଙ୍କର ବିତର୍କ ଥିଲା ଖୁବ୍ ଉଚ୍ଚମାନର। ପରବର୍ତ୍ତୀ ସମୟରେ ନିର୍ବାଚନ ଅର୍ଥସର୍ବସ୍ୱ ହୋଇପଡ଼ିବା କାରଣରୁ ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ସାଙ୍ଗକୁ ସମଷ୍ଟିଗତ ଅହଂର ଉପଦ୍ରବରେ ନଷ୍ଟ ହେଲା ପ୍ରତିନିଧିସଭାର ସୁସ୍ଥ ପରମ୍ପରା। ସଂଖ୍ୟାର ଅହଂକାର ଓ ଔଦ୍ଧତ୍ୟ ବଳରେ ଚାପି ଦିଆଗଲା ଅଳ୍ପମତର ସ୍ୱର। ଗାନ୍ଧିଜୀ କହିଥିଲେ, ବହୁମତର ଶାସନ ହେଉଛି ଏକ ମତ୍ତହସ୍ତୀ, ଯାହାର ଅଙ୍କୁଶ ହେଉଛି ବିରୋଧୀଙ୍କ ସମାଲୋଚନା। ତାଙ୍କ ମତରେ "ଜଣେ ଅନ୍ୟର କଥାର କୌଣସି ସତ୍ୟ ସହ ଏକମତ ନ ହୋଇପାରେ, କିନ୍ତୁ ପ୍ରତିପକ୍ଷଙ୍କ କହିବାର ଅଧିକାରକୁ ସୁରକ୍ଷା ଓ ସମ୍ମାନ ଦେବା ତାଙ୍କର ନୈତିକ କର୍ତ୍ତବ୍ୟ।" ଦୁର୍ଭାଗ୍ୟର ବିଷୟ, ଏବେ ସଂସଦରେ ବିନା ଆଲୋଚନାରେ ଗୃହୀତ ହେଉଛି ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍। ସରକାରଙ୍କର କୌଣସି ଜନବିରୋଧୀ ନିଷ୍ପତ୍ତି ବିରୋଧରେ ସ୍ୱର ଉଠେଇଲେ ଲଗେଇ ଦିଆଯାଉଛି ଦେଶଦ୍ରୋହୀର ମୋହର।

ଗାନ୍ଧିଜୀ ଯେଉଁ ରାମରାଜ୍ୟର ସ୍ୱପ୍ନ ଦେଖିଥିଲେ, ତାହାଥିଲା ଏକ ଅହିଂସାଭିତ୍ତିକ ରାଷ୍ଟ୍ରର ପରିକଳ୍ପନା। ତାଙ୍କ ମତରେ ହିଂସା ହିଁ ଅନ୍ୟାୟ, ଅନୀତିର ମୂଳ କାରଣ। ଗ୍ରାମ ସ୍ୱରାଜ୍ୟର ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ, ପ୍ରତ୍ୟେକ ଗ୍ରାମ ହବ ସ୍ୱୟଂସମ୍ପନ୍ନ ଓ ଭେଦଭାବରହିତ ତଥା ସତ୍ୟ, ଅହିଂସା ଶକ୍ତିର ବାହକ। ଏବେ କିନ୍ତୁ ଭୋଟ ରାଜନୀତିକୁ କେନ୍ଦ୍ର କରି ଗାଁକୁ ଘେରି ରହିଛି ହିଂସା ଓ ଅସହିଷ୍ଣୁତାର ବାତାବରଣ। ଗାନ୍ଧିଜୀ କହୁଥିଲେ ସ୍ୱରାଜ୍ୟରେ ରହିବନି ନେତା ଓ ଜନତାଙ୍କ ଭିତରେ ଫରକ। ଅଥଚ ଲୋକପ୍ରତିନିଧିମାନେ ନିଜକୁ ଅସାଧାରଣ ବୋଲି ଭାବୁଛନ୍ତି, ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି ଏବଂ ବିରାଟ ପଟୁଆରରେ ଯାଉଛନ୍ତି, ଯେମିତି ଯାଆନ୍ତି ରାଜା ମହାରାଜାମାନେ। ଦେଶରେ ଏବେ ବଢ଼ୁଛି ଧନୀ-ଦରିଦ୍ର ମଧ୍ୟରେ ଫରକ। ଅଥଚ ଧନ କୁବେରମାନଙ୍କୁ ମିଳୁଛି ଟିକସ ରିହାତି ଓ ଋଣଛାଡ଼ ସୁବିଧା। ଅନ୍ୟପକ୍ଷରେ ଦରିଦ୍ରମାନଙ୍କୁ ନିକମା କରି ରଖିବା ପାଇଁ କାର୍ଯ୍ୟକାରୀ ହେଉଛି ଭଳିକି ଭଳି ମାଗଣା ବଣ୍ଟା ଯୋଜନା।

ବହୁ ବାଦ, ମତବାଦ, ଗୋଷ୍ଠୀ ଓ ସମ୍ପ୍ରଦାୟର ଏକ ବିଚିତ୍ର ସମାହାର ହେଉଛି ଭାରତୀୟ ଗଣତନ୍ତ୍ର। ସେଥିପାଇଁ ସ୍ୱାଧୀନତା ବହୁ ପୂର୍ବରୁ ଗାନ୍ଧିଜୀ କହିଥିଲେ, ସ୍ୱରାଜ୍ୟ ହେବ ଏକ ସର୍ବଧର୍ମ ସମନ୍ୱୟର ମଞ୍ଚ। ଏଠାରେ ଅସ୍ପୃଶ୍ୟତା ବୋଲି କିଛି ରହିବନି ଏବଂ ସମ୍ପୂର୍ଣ୍ଣ ନିବାରିତ ହେବ ନିଶା। ବିଡ଼ମ୍ବନାର ବିଷୟ, ରାଜସ୍ୱ ଆୟ ବଢ଼େଇବା ପାଇଁ ଏବେ ସରକାରଙ୍କ ପାଇଁ ମଦ ସାଜିଛି ପ୍ରଗତି ରଥର ଘୋଡ଼ା। ସ୍ୱାଧୀନତା ପୂର୍ବରୁ ସାମ୍ପ୍ରଦାୟିକ ବିଭେଦତାର ଯେଉଁ ମନସ୍ତାତ୍ତ୍ୱିକ ବୀଜ ବପନ କରାଯାଇଥିଲା, ତାହା ଏବେ ଡାଳପତ୍ର ମେଲି ପ୍ରସରି ଚାଲିଛି ସବୁ ପକ୍ଷଙ୍କ ସଯତ୍ନ ପ୍ରୟାସରେ। ଅତଏବ ଭାରତ ଏବେ କେବଳ ଗଣତନ୍ତ୍ରର ମୁଖା ପିନ୍ଧିଛି, ଯେଉଁ ମୁଖା ତଳେ ଲୁଚିଛି ଦଳତନ୍ତ୍ର, ବ୍ୟକ୍ତିତନ୍ତ୍ର ଓ ଭୋଗତନ୍ତ୍ରର କଦର୍ଯ୍ୟ ଚେହେରା।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ଶ୍ରାଦ୍ଧ ପରମ୍ପରା ଓ ପିତୃପକ୍ଷ



ହରିଶଙ୍କର ମିଶ୍ର

ଶ୍ରାଦ୍ଧ ପରମ୍ପରା ଆମ ସଂସ୍କୃତି ସହ ଜଡ଼ିତ। ଏଥିରେ ବେଦୋକ୍ତ ମନ୍ତ୍ରପାଠ କରାଯାଇ ପିତୃପୁରୁଷଙ୍କୁ ପିଣ୍ଡ ଦିଆଯାଏ। ଲୋକାଚାରରେ କୁହାଯାଏ "ଜୀବେତୁ ବ୍ୟାଯ କରଣମ୍ ମୃତାହେ ଭୂରି ଭୋଜନମ୍। ଗୟାୟାଂ ପିଣ୍ଡଦାନଂ ଚ ଏଷଃ ସୁପୁତ୍ର ଲକ୍ଷଣମ୍।" ଅର୍ଥାତ୍ ପିତାମାତାଙ୍କ ଜୀବିତାବସ୍ଥାରେ ତାଙ୍କର ଆଜ୍ଞାଧୀନ ହେବା, ସେମାନଙ୍କର ମୃତ୍ୟୁ ତିଥିରେ ଲୋକଙ୍କୁ ଭୂରିଭୋଜନରେ ଆପ୍ୟାୟିତ ସହ ଗୟାରେ ଶ୍ରାଦ୍ଧ କରିବା ହିଁ ସୁପୁତ୍ରର ଲକ୍ଷଣ। ଆମ ଧର୍ମୀୟ ବ୍ୟବସ୍ଥା ସ୍ପଷ୍ଟ କରେ ଯେ, ଗୟାଶ୍ରାଦ୍ଧ ବା ବ୍ରହ୍ମ କପାଳରେ ଶ୍ରାଦ୍ଧ କରିଥିବା ସତ୍ତ୍ୱେ ସମସ୍ତଙ୍କ ଘରେ ପିତୃପୁରୁଷଙ୍କ ଶ୍ରାଦ୍ଧ କରଣୀୟ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଶ୍ରୀଜୀଉ, ଶ୍ରୀରାମ ଭାବରେ ଦଶରଥ, କୌଶଲ୍ୟାଙ୍କୁ, ଶ୍ରୀକୃଷ୍ଣ ଭାବରେ ଦେବକୀ ବସୁଦେବଙ୍କୁ ଏବଂ ନିଜପାଇଁ ନିଃବଂଶ ମାଗିଥିବା ଇନ୍ଦ୍ରଦ୍ୟୁମ୍ନଙ୍କୁ ଶ୍ରାଦ୍ଧରେ ପିଣ୍ଡଦାନ କରିଥା'ନ୍ତି। ଶ୍ରଦ୍ଧା ପାଇଁ ହେଉ ବା ମାତାପିତାଙ୍କ ତିନି ପୁରୁଷ ସ୍ମରଣର ପରମ୍ପରା ହେଉ, ଶ୍ରାଦ୍ଧ ଆମ ସାମାଜିକ ଚଳଣିର ସଂସ୍କୃତି ସହ ଜଡ଼ିତ ଏଥିରେ ଦ୍ୱିରୁକ୍ତି ନାହିଁ। କେହି ଇହଧାମ ତ୍ୟାଗ ପରେ ଶବଦାହ ପୂର୍ବରୁ ଅର୍ଦ୍ଧ ପଥ ଓ ପଥ ଶ୍ରାଦ୍ଧ କରାଯାଏ। ମୃତକଙ୍କ ଦଶାହ ପର୍ଯ୍ୟନ୍ତ ଯେଉଁ କର୍ମ କରାଯାଏ ତାହାକୁ ଅନ୍ତ୍ୟେଷ୍ଟି ଶ୍ରାଦ୍ଧ କୁହାଯାଏ। ପ୍ରତ୍ୟେକ ଗୃହୀ ପ୍ରତିବର୍ଷ ସ୍ୱଗୃହରେ ଦିବଂଗତ ମାତାପିତାଙ୍କ ସାମ୍ବତ୍ସରିକ ଶ୍ରାଦ୍ଧ ସହ ଆଶ୍ୱିନ ମାସ କୃଷ୍ଣପକ୍ଷରେ ମହାଳୟା ବା ମଉଳା ଏବଂ କାର୍ତ୍ତିକ ଅମାବାସ୍ୟାରେ ଦୀପଦାନ ବା ବଡ଼ବଡ଼ୁଆ ଶ୍ରାଦ୍ଧ କରିଥା'ନ୍ତି।

ଶାସ୍ତ୍ର ମତେ ମହାଳୟା ସମୟରେ ଅର୍ଥାତ୍ ଆଶ୍ୱିନ କୃଷ୍ଣପକ୍ଷରେ ପିତୃଲୋକରୁ ଆସିଥିବା ପୂର୍ବପୁରୁଷମାନେ କାର୍ତ୍ତିକ ଅମାବାସ୍ୟା ଦିନ ଉଜ୍ଜ୍ୱଳ ମାର୍ଗରେ ଫେରିଯିବା ପାଇଁ ଦୀପଦାନ ସହ କାଉଁରିଆ କାଠି ପ୍ରଜ୍ୱଳିତ କରାଯାଏ। ଏଇ ଦୁଇ ଶ୍ରାଦ୍ଧ ମାତାପିତାଙ୍କ ତିନି ପୁରୁଷ ସହ ଅଜାଆଈଙ୍କ ତିନି ପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ। ବାର୍ଷିକ ବା ସାମ୍ବତ୍ସରିକ ଶ୍ରାଦ୍ଧ ଦୁଇ ପ୍ରକାରର। ଯାହାର ଜରାଗ୍ରସ୍ତ ହୋଇ ସ୍ୱାଭାବିକ ମୃତ୍ୟୁ ହୋଇଥାଏ ତାଙ୍କ ପାଇଁ ପାର୍ବଣ ଓ ଆତ୍ମହତ୍ୟା ବା ଦୁର୍ଘଟଣାଜନିତ ମୃତ୍ୟୁ ହୋଇଥିଲେ ତାଙ୍କ ଉଦ୍ଦେଶ୍ୟରେ ଏକୋଦ୍ଦିଷ୍ଟ ଶ୍ରାଦ୍ଧ କରାଯାଏ। ଏକୋଦ୍ଦିଷ୍ଟ ଶ୍ରାଦ୍ଧରେ କେବଳ ମୃତକଙ୍କ ପାଇଁ ଗୋଟିଏ ପିଣ୍ଡ ଦିଆଯାଏ, ମାତ୍ର ପାର୍ବଣ ଶ୍ରାଦ୍ଧରେ ତିନି ପୁରୁଷଙ୍କୁ ପିଣ୍ଡ ଦିଆଯାଏ। ବାର୍ଷିକ ବା ସାମ୍ବତ୍ସରିକ ଶ୍ରାଦ୍ଧ ମୃତ୍ୟୁର ମାସ ଓ ତିଥି ଅନୁଯାୟୀ କରାଯାଏ। କିନ୍ତୁ ପ୍ରଥମ ବାର୍ଷିକ ଶ୍ରାଦ୍ଧ ପାଇଁ କିଛି ସ୍ୱତନ୍ତ୍ର ନିୟମ ରହିଛି। ମୃତକଙ୍କ ଉଦ୍ଦେଶ୍ୟରେ ପ୍ରଥମ ବର୍ଷର ପ୍ରତିମାସରେ ଶ୍ରାଦ୍ଧ କରଣୀୟ। କିନ୍ତୁ ଏହା ପାଳନରେ ବିଘ୍ନିତ ହେବା ସମ୍ଭାବନା ବା ଆଶଙ୍କା ଥିବାରୁ ମୃତକଙ୍କ ଦ୍ୱାଦଶାହ ଦିନ ବାର ମାସ ପାଇଁ ବାରୋଟି, ତ୍ରିପକ୍ଷ ପାଇଁ ଗୋଟିଏ ଏବଂ ବାର୍ଷିକ ଶ୍ରାଦ୍ଧ ପୂର୍ବରୁ ମଳମାସ ଥିଲେ ସେଥିପାଇଁ ଗୋଟିଏ ପିଣ୍ଡ ଦିଆଯାଏ। କିନ୍ତୁ ସେ ସମୟରେ ପରବର୍ତ୍ତୀ ବର୍ଷପାଇଁ ପଞ୍ଜିକା ପ୍ରକାଶିତ ହୋଇନଥିଲେ ମଳମାସର ସୂଚନା ଜଣାପଡିନଥାଏ। ସେଇ କାରଣରୁ ମଳମାସ ପାଇଁ ପିଣ୍ଡ ଦିଆଯାଇନଥିଲେ ସାବନ ମାସ ଅନୁଯାୟୀ ମୃତ୍ୟୁର ୩୬୦ ଦିନରେ ବାର୍ଷିକ ଶ୍ରାଦ୍ଧ କରାଯିବାକୁ ଧର୍ମଶାସ୍ତ୍ରୀୟ ବ୍ୟବସ୍ଥା ରହିଛି। ପ୍ରକାଶଯୋଗ୍ୟ, ସୌରମାସ ୩୬୫ ଦିନ, ଚାନ୍ଦ୍ରମାସ ୩୫୪ ଦିନ ଓ ସାବନ ମାସ ୩୬୦ ଦିନ ଗଣନା କରାଯାଏ।

ଏତଦ୍‌ବ୍ୟତୀତ ଝିଅଟିଏ ବିବାହ ପରେ ପିତାଙ୍କ ଗୋତ୍ର ତ୍ୟାଗ କରି ଶ୍ୱଶୁର ଘରକୁ ଚାଲିଯାଉଥିବାରୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଥାଏ। ତାହା ନାନ୍ଦିମୁଖି ବା ଆଭ୍ୟୁଦୟିକ ଶ୍ରାଦ୍ଧ କୁହାଯାଏ। ପିତାମହ ଭୀଷ୍ମ ଅବିବାହିତ ଥିବାରୁ ପ୍ରତ୍ୟେକ ବ୍ରାହ୍ମଣ ମାଘ ଶୁକ୍ଳପକ୍ଷ ଅଷ୍ଟମୀ (ଭୀଷ୍ମାଷ୍ଟମୀ)ରେ ତାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ମଧ୍ୟ ଦେଇଥା'ନ୍ତି। ପ୍ରତ୍ୟେକ ଶୁଭକାର୍ଯ୍ୟ ଆରମ୍ଭରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧର ବିକଳ୍ପ ଭାବେ ଚାଉଳ ପରିବା ଆଦି ଭୋଜ୍ୟ ବା ସଞ୍ଚାଦାନ ବିଧି ରହିଛି। ମାତାପିତାଙ୍କ ଋଣ କେହି ଜୀବଦ୍ଦଶାରେ ପରିଶୋଧ କରିବା ଅସମ୍ଭବ। କିନ୍ତୁ ପୂର୍ବ ବର୍ଣ୍ଣିତ ସୁପୁତ୍ର ଆଚରଣ ଦ୍ୱାରା ସେମାନଙ୍କ ସନ୍ତୋଷ ଆମପାଇଁ ଆଶିଷଦାୟକ ହୋଇଥାଏ। ମାତାପିତାଙ୍କ ଅସନ୍ତୋଷର ଫଳ ଏହି ଜନ୍ମ ସହ ପ୍ରାରବ୍ଧ ଭାବେ ପରଜନ୍ମକୁ ମଧ୍ୟ ପ୍ରଭାବିତ କରିଥାଏ ସେଥିପାଇଁ ପ୍ରତ୍ୟେକ ଘରେ ଶ୍ରାଦ୍ଧ ପାଳନ କଲେ ତାହା ପରପିଢ଼ି ପାଇଁ ଅନୁସରଣୀୟ ହୋଇଥାଏ।



ଧର୍ମଶାସ୍ତ୍ରୀୟ ବ୍ୟବସ୍ଥାନୁଯାୟୀ ଶ୍ରାଦ୍ଧ ଦିବସ ପୂର୍ବରୁ ଯଦି ଜନ୍ମ ବା ମରଣ ଅଶୌଚ ହୁଏ, ତେବେ ଶୌଚ ହେବା ପରଦିନ ଶ୍ରାଦ୍ଧ କରାଯିବ। କିନ୍ତୁ ଯଦି ଶ୍ରାଦ୍ଧ ଦିବସରେ ଅକସ୍ମାତ୍ ଶବାଶୌଚ, ଜନନାଶୌଚ ବା ଶ୍ରାଦ୍ଧକର୍ତ୍ତାଙ୍କ ପତ୍ନୀ ରଜସ୍ରାବଜନିତ ଅଶୌଚ ହେଲେ ସେଇ ଶ୍ରାଦ୍ଧ ପରବର୍ତ୍ତୀ କୃଷ୍ଣପକ୍ଷ ଏକାଦଶୀ ବା ଅମାବାସ୍ୟାରେ କରାଯିବ। ଯେଉଁ ମୃତକଙ୍କ ମୃତ୍ୟୁ ତିଥି ଜଣାଥିବ, ମାତ୍ର ମାସ ଜଣାନଥିଲେ ତାଙ୍କର ଶ୍ରାଦ୍ଧ ଆଷାଢ଼ ମାସର ସେହି ତିଥିରେ କରାଯିବ। ଶ୍ରାଦ୍ଧ ସର୍ବଦା ନିଜ ଘରେ କରାଯାଏ। ବିକଳ୍ପ ଭାବେ ତୀର୍ଥ ପୁଷ୍କରିଣୀ, ଗାଁ ପୋଖରୀ ତୁଠ, ନିଜସ୍ୱ ଜମି/ ସମୁଦ୍ର ତଟ ବା ପାହାଡ଼ ସମୀପରେ ବି ଶ୍ରାଦ୍ଧ କରାଯିବାର ଶାସ୍ତ୍ରୀୟ ବିଧାନ ରହିଛି। ପୁରାଣରେ ଶ୍ରାଦ୍ଧର ମହତ୍ତ୍ୱ ବିଭିନ୍ନ ଭାବେ ବର୍ଣ୍ଣିତ ହୋଇଛି। କୌଣସି ବିଶେଷ ପରିସ୍ଥିତିରେ ଶ୍ରାଦ୍ଧ କରିନପାରିଲେ କର୍ତ୍ତା ତର୍ପଣ ସହ ଉପବାସରେ ରହିଲେ ତାହା ଶ୍ରାଦ୍ଧର ବିକଳ୍ପ ହୋଇଥାଏ।

ଆଶ୍ୱିନ ମାସ କୃଷ୍ଣପକ୍ଷଟି ଅପରପକ୍ଷ ଭାବେ ପିତୃପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏହି ପକ୍ଷରେ କ୍ଷୌରକର୍ମ ସହ ସ୍ତ୍ରୀ ତୈଳଶଯ୍ୟା ବର୍ଜନ କରାଯାଏ। ବ୍ରାହ୍ମଣମାନେ ପ୍ରତିଦିନ ମଧ୍ୟାହ୍ନରେ ସ୍ନାନ ସାରି ହାତରେ କୁଶବଟୁ ଧାରଣ କରି ପୂର୍ବାଭିମୁଖୀ ହୋଇ ତର୍ପଣ କରିବା ବିଧେୟ। ମାତାପିତାଙ୍କ ତିନି ପୁରୁଷ ସହ ଅଜାଆଈଙ୍କ ତିନିପୁରୁଷ ଏବଂ ପରିବାରର ଦିବଂଗତ ବ୍ୟକ୍ତି, ଗୁରୁ ଗୁରୁପତ୍ନୀଙ୍କ ପାଇଁ ତିଳତର୍ପଣ କରାଯାଏ। ଏଥିସହିତ ସନକାଦି ସପ୍ତଋଷି, ଆଦିତ୍ୟାଦି ନବଗ୍ରହ, ଯମ, ସୋମ, ଅର୍ଯ୍ୟାମା ଆଦିଙ୍କ ପାଇଁ ତର୍ପଣ କରାଯାଏ। ତା'ପରେ ଦେବ, ଅସୁର, ଗନ୍ଧର୍ବ, ପିଶାଚଙ୍କ ସହ ଜଳ ସ୍ଥଳ ବାୟୁ ଅଗ୍ନି ବା ଅନ୍ତରୀକ୍ଷରେ ମୃତ୍ୟୁବରଣ କରିଥିବା ଆତ୍ମାଙ୍କ ଉଦ୍ଦେଶ୍ୟରେ ମଧ୍ୟ ତର୍ପଣ କରାଯାଏ। ଭୀଷ୍ମଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯାଇ ଶେଷରେ ଅପୁତ୍ରିକ ଭାବେ ମୃତ୍ୟୁବରଣ କରିଥିବା ବନ୍ଧୁ ବାନ୍ଧବଙ୍କ ପାଇଁ ତର୍ପଣ ପରେ କ୍ଷମାପ୍ରାର୍ଥନା କରାଯାଇ ତର୍ପଣ ଶେଷ ହୁଏ। ମାତାପିତା ଆମ ଜୀବନ୍ତ ଈଶ୍ୱର। ସେମାନଙ୍କ ଜୀବଦ୍ଦଶାରେ ଆମେ ଏଇ ଭାବନା ରଖିଲେ ଆମପାଇଁ ଈଶ୍ୱରୀୟ ଆଶୀର୍ବାଦ ରହିବ ଏବଂ ପରପିଢ଼ି ପାଇଁ ଅନୁସରଣୀୟ ହୋଇପାରିବ। ଆମ ସଂସ୍କୃତି ରକ୍ଷା ପାଇଁ କୌଣସି ପରିସ୍ଥିତିରେ ବି ଶ୍ରାଦ୍ଧ ବର୍ଜନୀୟ ନୁହେଁ।

**୧୧୩ ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

## ଏଇ ଭାରତରେ

ଶିକ୍ଷା ବ୍ୟବସ୍ଥାରେ ଯେତେ ଯୋଜନା କଲେ ମଧ୍ୟ ଡ୍ରପ୍ଆଉଟ୍ (ଅଧାରୁ ପାଠ ଛାଡ଼ିଦେବା) ସମସ୍ୟା ଦୂର ହୋଇପାରୁ ନାହିଁ। ପିଲାମାନେ ଅଧାରୁ ପାଠ ଛାଡ଼ିବା ଏବେ ଚିନ୍ତାର କାରଣ ହେଉଛି। ତେବେ ତେଲଙ୍ଗାନା ମଞ୍ଚେରିଲର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ନାଗୋରୀଙ୍କର ଏହି ସମସ୍ୟା ସମାଧାନ କରିବାର ପ୍ରୟାସ ବର୍ତ୍ତମାନ ଚର୍ଚ୍ଚରେ ରହିଥିବା ବେଳେ ସେ ବେଶ୍ ପ୍ରଶଂସା ସାଉଁଟୁଛନ୍ତି। ସେ ସ୍କୁଲକୁ ପିଲାମାନଙ୍କୁ ଆଣିବା ପାଇଁ ଗାଡ଼ି ବ୍ୟବସ୍ଥା କରିଛନ୍ତି। ପ୍ରାୟ ୫ କିଲୋମିଟର ଦୂରରୁ ଦୁର୍ଗମ ଅଞ୍ଚଳରୁ କଚ୍ଚା ରାସ୍ତାରେ ଗାଡ଼ି ଯୋଗେ ସେ ପିଲାମାନଙ୍କୁ ସ୍କୁଲକୁ ଆଣୁଛନ୍ତି। ଘରୁ ପିଲାମାନଙ୍କୁ ଆଣିବା ଦ୍ୱାରା ଏବେ ତାଙ୍କ ସ୍କୁଲର ଡ୍ରପ୍ଆଉଟ୍ ହାର ହ୍ରାସ ପାଇଛି। ସେ ପିଲାଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ସ୍କୁଲ ସମୟ ବାଦ୍ ଏକ୍ସଟ୍ରା କ୍ଲାସ୍ର ଆୟୋଜନ କରୁଛନ୍ତି। ଏହି ଏକ୍ସଟ୍ରା କ୍ଲାସ୍ ଓ ପରିବହନ ଖର୍ଚ୍ଚ ନାଗୋରୀ ନିଜ ଦରମାରୁ ଭରଣା କରୁଛନ୍ତି। ସେ ଏହି ସ୍କୁଲରେ ନିରବଚ୍ଛିନ୍ନ ଭାବେ ୨୦ ବର୍ଷ ହେଲା ଶିକ୍ଷାଦାନ କରୁଛନ୍ତି। ତାଙ୍କୁ ଏବେ ବୟସ ୪୩। ସେ ସ୍କୁଲରେ ଅନେକ ସଂସ୍କାରମୂଳକ ପରିବର୍ତ୍ତନ ଆଣିପାରିଛନ୍ତି। ୨୦୦୦ ମସିହାରେ ନାଗୋରୀ ସ୍କୁଲରେ ଯୋଗଦେବା ସମୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଥିଲା ମାତ୍ର ୩୪। ତାଙ୍କ ଅବିଶ୍ରାନ୍ତ ପ୍ରଚେଷ୍ଟା ବଳରେ ଏବେ ଏହି ସଂଖ୍ୟା ୨୭୫ରେ ପହଞ୍ଚିଛି ଓ ଏମାନଙ୍କ ମଧ୍ୟରେ ଛାତ୍ରୀଙ୍କ ସଂଖ୍ୟା ରହିଛି ୧୦୩।

## ଚିରନ୍ତନୀ

"ନିଭିନାହିଁ ହତାଶାର
ତପତ ବତାସ ଲାଗି ତହିଁ
"ଦୀନତାର ଅଶ୍ରୁ କେତେ
ଅବିରାମ ପଡିଅଛି ବହି!
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 6 | | 8 | | 9 |
| | 9 | 8 | | | | | 1 | |
| | | | | | 4 | | | |
| | | 7 | | | | | 6 | |
| | 5 | | 6 | | | | | 3 |
| | 8 | 9 | | 1 | | 2 | | |
| | | | 5 | | | | | |
| 1 | | 2 | | 3 | 7 | | 5 | |
| | 7 | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 9 | 6 | 4 | 7 | 1 | 2 | 5 |
| 7 | 4 | 2 | 1 | 8 | 5 | 3 | 6 | 9 |
| 6 | 5 | 1 | 9 | 2 | 3 | 7 | 8 | 4 |
| 8 | 3 | 6 | 2 | 1 | 9 | 5 | 4 | 7 |
| 4 | 1 | 7 | 3 | 5 | 8 | 6 | 9 | 2 |
| 9 | 2 | 5 | 4 | 7 | 6 | 8 | 1 | 3 |
| 2 | 6 | 8 | 5 | 3 | 4 | 9 | 7 | 1 |
| 5 | 9 | 4 | 7 | 6 | 1 | 2 | 3 | 8 |
| 1 | 7 | 3 | 8 | 9 | 2 | 4 | 5 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗୁହାରି କରିବା କାହାକୁ ?

ମହାଶୟ,

ଚାଷୀ ଗାଈଗୋରୁଙ୍କ ଦାଉରୁ ଫସଲ ରକ୍ଷାକରିବା ପାଇଁ ବାଡ଼ ଦିଏ। ଏଇ ବାଡ଼ ଯଦି ନିଜେ ଗାଈଗୋରୁ ହୋଇ ଫସଲ ଖାଏ, ତେବେ କ'ଣ କରିବ ଚାଷୀ ବିଚରା ? ସେହିପରି ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ବା ଅପରାଧ ନିୟନ୍ତ୍ରଣ କରିବା ପାଇଁ ପୋଲିସ ବାହିନୀ ସୃଷ୍ଟି ହୋଇଥିବା ବେଳେ କେସ୍‌କୁ ଦଫାରଫା ବା କୋହଳ କରିଦେବା ପାଇଁ ପୋଲିସ ଲାଞ୍ଚ ଚାହୁଁଛନ୍ତି। ଏବେ ପୋଲିସ ଗାଡ଼ିରେ ଚାଲୁଛି ଗଞ୍ଜେଇ ବେପାର। ଏମାନଙ୍କୁ ଧରିବ କିଏ ? ଟଙ୍କା ହେଲେ ସତକୁ ମିଛ ଓ ମିଛକୁ ସତ କରିବା ପାଇଁ ହାତରେ କ୍ଷମତା ଅଛି। ଯେମିତି ଏବେ ମନ୍ତ୍ରୀଙ୍କ ଗାଡ଼ିରେ ଟଙ୍କା ଥଳି ଯାଉଛି ନିର୍ବାଚନରେ ଲୋକଙ୍କୁ ବାଣ୍ଟି ଭୋଟ କିଣିବା ପାଇଁ। ଲୋକେ ତ ଭୋଟ ଦେଉ ନାହାନ୍ତି, ଭୋଟ ନିଆଯାଉଛି ଟଙ୍କା ଦେଇ। ଦୁର୍ନୀତି ଧରିବା ପାଇଁ ଥିବା ଭିଜିଲାନ୍ସ ଅଧିକାରୀମାନେ କେସ୍‌କୁ କୋହଳ କରିବା ପାଇଁ ଦାବି କଲେଣି ଟଙ୍କା। ଏସ୍‌ପି ନିଜେ ଉତ୍ତର ଦେଇଛନ୍ତି ପ୍ରମାଣ ମିଳିଲେ ଦଣ୍ଡ ଦିଆଯିବ କହି ଅପରାଧୀଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି।

**– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ବରିଷ୍ଠ ନାଗରିକଙ୍କ ଆଶୀର୍ବାଦ ସମାଜ ପାଇଁ ମୂଲ୍ୟବାନ୍’



ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ବାର୍ତ୍ତା ଦେଉଛନ୍ତି। ମଞ୍ଚରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି। (ଫଟୋ-ବିକାଶ ନାୟକ)

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଭୁବନେଶ୍ୱର, ୧।୧୦(ଅସମାପିକା ସାହୁ)

ବରିଷ୍ଠ ନାଗରିକଙ୍କ ପାଖରେ ଅଭିଜ୍ଞତା ଓ ସମସ୍ୟାର ସମାଧାନ ରହିଛି। ସେମାନଙ୍କଠାରୁ ଆମକୁ ବହୁତ କିଛି ଶିଖିବାର ଅଛି। ସେମାନେ ଯେପରି ମର୍ଯ୍ୟାଦା ଓ ମାନସିକ ଶାନ୍ତି ସହ ଜୀବନଯାପନ କରିବେ ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଦରକାର। ସେମାନଙ୍କ ଆଶୀର୍ବାଦ ସମାଜ ଓ ଆମ ସମସ୍ତଙ୍କ ପାଇଁ ବହୁ ମୂଲ୍ୟବାନ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସମସ୍ତେ ମିଶି ଆମର ବରିଷ୍ଠ ନାଗରିକଙ୍କ ସୁସ୍ଥ ଓ ନିରାମୟ ଜୀବନ ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବରିଷ୍ଠ ନାଗରିକଙ୍କୁ ସମାଜର ମଙ୍ଗୁଆଳ ଭାବେ ଅଭିହିତ କରିବା ସହିତ ସେମାନଙ୍କ ପାଇଁ ରହିଥିବା ସୁବିଧାଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବାରେ ବରିଷ୍ଠ ନାଗରିକମାନେ ଉପଯୁକ୍ତ ପରାମର୍ଶ ଓ ମତାମତ ଦେବା ଉଚିତ ବୋଲି କହିଥିଲେ। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜଧାନୀ ଭୁବନେଶ୍ୱରରେ ବୟସ୍କ ନାଗରିକଙ୍କ ସଂଖ୍ୟା ୨୦ ପ୍ରତିଶତରେ ପହଞ୍ଚିଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ବୈଷୟିକ ବିଦ୍ୟା ଓ ଚିକିତ୍ସା ବିଜ୍ଞାନର ବିକାଶ ଫଳରେ ବୟସ୍କ ନାଗରିକଙ୍କ ଆୟୁ ବୃଦ୍ଧି ପାଇଛି ଏବଂ ସେମାନଙ୍କ ପାଇଁ ଅଧିକ ସେବା ଓ ସୁରକ୍ଷା ଆବଶ୍ୟକ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ବିଭାଗର ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ ସରକାରଙ୍କ ପକ୍ଷରୁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ସୂଚନା ଦେଇଥିବାବେଳେ ସ୍ୱତନ୍ତ୍ର ଶାସନ ସଚିବ ଦିଲୀପ ରାୟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଡ. କୃପାସିନ୍ଧୁ ପଣ୍ଡା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସାଇଟ୍ ସେଭର୍ସ ଇଣ୍ଡିଆ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଓ ୟୁଏନ୍‌ଏଫ୍‌ପିଏ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।


# ରାଜ୍ୟ ଭିନ୍ନକ୍ଷମ କମିଶନର ହେଲେ ବ୍ରତତୀ ହରିଚନ୍ଦନ

ଭୁବନେଶ୍ୱର, ୧।୧୦ (ଅସମାପିକା ସାହୁ)

ବ୍ରତତୀ ହରିଚନ୍ଦନଙ୍କୁ ରାଜ୍ୟ ଭିନ୍ନକ୍ଷମ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ରତତୀ ଏବେ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ ଅନୁଯାୟୀ ରାଜ୍ୟ ସରକାର ତାଙ୍କୁ ଏହି ନୂଆ ଦାୟିତ୍ୱ ଦେଇଛନ୍ତି। ସେ ଆସନ୍ତା ନଭେମ୍ବର ମାସରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ, ରାଜ୍ୟ ଭିନ୍ନକ୍ଷମ କମିଶନର ଭାବେ ମେୟର ସୁଲୋଚନା ଦାସ କାର୍ଯ୍ୟ କରୁଥିଲେ। କିନ୍ତୁ ବିଏମ୍‌ସିର ମେୟର ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା ହେବା ପରେ ଗତବର୍ଷ ମାର୍ଚ୍ଚରେ ସେ ଇସ୍ତଫା ଦେଇଥିଲେ। ସେବେଠାରୁ ଏହି ପଦବୀ ଖାଲି ପଡ଼ିଥିଲା।

# ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ରସୁଲପୁର,୧।୧୦(ରଞ୍ଜିତ ରାଉତ): କୁଆଖିଆ ଥାନା ନଠୁଆବର ପଞ୍ଚାୟତ ଟାକୁଆଠେଙ୍ଗ ଗ୍ରାମର ଚାଷୀ କଳାକର ଭୂୟାଁ(୬୫)ଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ରବିବାର ଅପରାହ୍ନରେ ସେ କ୍ଷେତକୁ ଯାଇଥିଲେ। ହଠାତ୍ ବର୍ଷାପବନ ଆସିବା ସହ ବିଜୁଳି ଘଡ଼ଘଡ଼ି ମାରିଥିଲା। ଏହା ଦେଖି କଳାକର ଘରକୁ ଫେରୁଥିବା ସମୟରେ ତାଙ୍କୁ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କ ଶରୀରର ଅଧିକାଂଶ ପୋଡ଼ିଯାଇଥିଲା। ସେ ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ଡାକ୍ତରଖାନାରେ ସଂରକ୍ଷିତ ରଖାଯାଇଛି। କୁଆଖିଆ ପୋଲିସକୁ ଖବର ଦିଆଯାଇଛି। ପୋଲିସ ଓ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଜଣାପଡ଼ିଛି।




# ଶାଳକ, ଭିଣୋଇଙ୍କ ସହ ୩ ମୃତ

## ପମ୍ପ ହାଉସ୍ କାନ୍ଥରେ ପିଟି ହେଲା ବାଇକ୍

ନୂଆପଡ଼ା,୧।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା ଲର୍କା ଗାଁ ନିକଟ ରବିବାର ମଧ୍ୟାହ୍ନରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସ କାନ୍ଥରେ ବାଇକ୍ ଭାରସାମ୍ୟ ହରାଇ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଶାଳକ ଓ ଭିଣୋଇଙ୍କ ସହ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଚାଉଳବାଞ୍ଜି ଗାଁର ଭିଣୋଇ ପରମିତ ନିଆଲ (୩୫), ଲାଠୋର ଥାନା ଜଳପାଖେର ଗାଁର ଶାଳକ ଗିରି ଚନ୍ଦନ (୨୩) ଓ ଅନ୍ୟ ଜଣେ ମଧ୍ୟ ଚାଉଳବାଞ୍ଜି ଗାଁର ଅର୍ଜୁନ ବାରିହା (୧୯) ବୋଲି ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ମଧ୍ୟାହ୍ନରେ ଚାଉଳବାଞ୍ଜି ଗାଁର ପରମିତ, ଜଳପାଖେର ଗାଁର ଗିରି ଓ ଅନ୍ୟ ଜଣେ ଯୁବକ ଅର୍ଜୁନଙ୍କୁ ଧରି ଏକ ବାଇକ୍ (ନଂ. ଓଆର-୧୫କ୍ୟୁ୯୯୦୭) ଯୋଗେ ଜଳପାଖେରରୁ ବାହାରି ଉଦ୍ୟାନବନ୍ଧ ପଟେ ଯାଉଥିଲେ। ଉଦ୍ୟାନବନ୍ଧ-ବଲାଙ୍ଗୀର ରାସ୍ତା ଗଣ୍ଡାମେର ପଞ୍ଚାୟତ ଲର୍କା ଗାଁ ନିକଟ ରାସ୍ତା କଡରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପମ୍ପ ହାଉସରେ ବାଇକ୍ ଭାରସାମ୍ୟ ହରାଇ ପିଟି ହେବାରୁ ୩ଜଣ ଯୁବକ ଗାଡିରୁ ଛିଟିକି ରାସ୍ତା କଡରେ ପଡିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କୋମନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଭିଣୋଇ ପରମିତ ଓ ଶାଳକ ଗିରିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅର୍ଜୁନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ୩ଜଣଙ୍କ ମୃତଦେହ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ପରିବାର ଲୋକେ ଆସିଲେ ସୋମବାର ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ କୋମନା ଥାନା ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ ସୂଚନା ଦେଇଛନ୍ତି।

# ୧୨ ବର୍ଷରେ ଅବକାରୀ ରାଜସ୍ୱ ଆଦାୟରେ ୩୬୮% ବୃଦ୍ଧି

## ମନ୍ତ୍ରୀଙ୍କ ବିଧାନସଭା ତଥ୍ୟ

ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର)

ରାଜ୍ୟରେ ୨୦୧୨ ମସିହାରେ ଅବକାରୀ ରାଜସ୍ୱ ଯେତିକି ଥିଲା ୨୦୨୨-୨୩ ବର୍ଷରେ ଏହା ୩୬୮ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୨ରେ ଅବକାରୀ ରାଜସ୍ୱ ଆକାରରେ ରାଜ୍ୟ ସରକାର ୧୩୭୯.୯୧ କୋଟି ଟଙ୍କା ପାଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୪୫୫.୦୬ କୋଟି ଟଙ୍କାରେ ପହଞ୍ଚିଛି ବୋଲି ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ୧୨ ବର୍ଷର ତଥ୍ୟ ଅନୁଯାୟୀ କେବଳ କୋଭିଡ୍ କଟକଣା ଲାଗି ଗୋଟିଏ ବର୍ଷ ୨୦୨୦-୨୧ରେ ରାଜସ୍ୱ ଆଦାୟରେ ୯.୮୩ ପ୍ରତିଶତ ହ୍ରାସ ପାଇଥିବାବେଳେ ବାକି ସବୁବର୍ଷ ରାଜସ୍ୱ ପୂର୍ବ ତୁଳନାରେ ବଢ଼ିଚାଲିଛି। ବିଧାନସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି ଯେ, ୨୦୧୧-୧୨ରେ ରାଜ୍ୟ ସରକାର ୧୩୭୯. ୯୧ କୋଟି ଟଙ୍କା ରାଜସ୍ୱ ପାଇଥିବା ବେଳେ ଏହା ଗତ ବର୍ଷ ତୁଳନାରେ ୨୬.୦୯ ପ୍ରତିଶତ ଅଧିକ ଥିଲା। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ୨୦୨୨-୨୩ ବର୍ଷରେ ରାଜ୍ୟରେ ୫୦୯ଟି ଅଫ୍ ସପ୍ ମୁଖ୍ୟ ମଦ ଦୋକାନ, ୧୨୪୦ଟି ଅଫ ସପ୍ ଶାଖା ମଦ ଦୋକାନ, ୨ଟି ପାଚୋଇ ଦୋକାନ, ୫୧ଟି ତାଡି ଦୋକାନ, ୩୫ଟି ମିଲିଟାରି କ୍ୟାଣ୍ଟିନ, ୪୬ଟି ବିୟର ପାର୍ଲର, ୧୯ଟି କ୍ଲବ ଅନ, ହୋଟେଲ ଓ ରେଷ୍ଟୁରାଣ୍ଟ, ଠିପିଖୋଲା ମଦ ଦୋକାନ ୬୭୩ଟି ଚାଲୁଥିଲା। ସେହିପରି ୨୦୨୩-୨୪ ସୁଦ୍ଧା ପ୍ରଚଳନ ଥିବା ମଦ ଦୋକାନ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏବେସୁଦ୍ଧା ୧୯୨୮ଟି ବିଭିନ୍ନ କିସମର ମଦ ଦୋକାନ ପ୍ରଚଳନ ଅଛି। ବିୟର ପାର୍ଲର ୪୫ଟି, କ୍ଲ ଅନ୍ ୧୯ଟି, ହୋଟେଲ ୧୯୧ଟି, ଠିପି ବନ୍ଦ ବିଦେଶୀ ମଦ ଦୋକାନ ୧୧୫୬ଟି, ବିଦେଶୀ ପ୍ରିମିୟମ ମଦ ଦୋକାନ ୧୫ଟି ଏବଂ ରେଷ୍ଟୁରାଣ୍ଟ ଅନ ସପ୍ ୫୦୨ଟି ପ୍ରଚଳନ ଅଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଅଦ୍ୟାବଧି ନୂତନ ଠିପି ଖୋଲା ମଦ ଦୋକାନ ପାଇଁ ୧୧ଟି ଦରଖାସ୍ତ ଜିଲାସ୍ତରରେ ଗ୍ରହଣ କରାଯାଇଛି।


# ରାଜଧାନୀରେ ଯୁବକଙ୍କ ଆତ୍ମହତ୍ୟା

## ମୋବାଇଲ, ଲାପ୍‌ଟପ ଜବତ କରି ପୋଲିସର ଛାନଭିନ

ଭୁବନେଶ୍ୱର,୧।୧୦ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଜିଜିପି କଲୋନୀରେ ରବିବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ବାଲିପାଟଣା ଅଞ୍ଚଳର ସଚିତ୍ର ବାରିକ(୨୫)। ସେ ଏଠାରେ ଏକ ଶପିଂ ମଲ୍‌ରେ କାମ କରୁଥିଲେ। ପୋଲିସ ଫରେନ୍‌ସିକ୍ ଟିମ୍ ସହାୟତରେ ସଚିତ୍ରଙ୍କ ମୃତଦେହ ସହ ରୁମ୍‌ରୁ ଲାପଟପ ଓ ମୋବାଇଲ ଜବତ କରିଛି। ପୋଲି ଏକ ଅପମୃତ୍ୟୁ ମାମଲା (ନଂ.୯୦/୨୩) ରୁଜୁ କରି ଛାନଭିନ ଚଳାଇଛି। ମୋବାଇଲର ଶେଷ କଲ୍ ଓ ମେସେଜକୁ ପୋଲିସ ଯାଞ୍ଚ କରୁଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ଘଟଣା ପଛରେ ପ୍ରେମ ରହିଥିବା ପରିବାର ଲୋକେ ଅନୁମାନ କରୁଛନ୍ତି। ସଚିତ୍ର ଯେଉଁ ଯୁବତୀଙ୍କୁ ପ୍ରେମ କରୁଥିଲେ, ତାଙ୍କୁ ଖୋଜି ବାହାର କରିବାକୁ ସେମାନେ ଦାବି କରିଛନ୍ତି। ତେବେ ପୋଲିସ ପ୍ରେମ ବ୍ୟାପାର ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସଚିତ୍ର ଦୀର୍ଘଦିନ ଧରି ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ତାଙ୍କ ସହ ଭଡ଼ାରେ ରହୁଥିବା ଜଣେ ରୁମ୍‌ମେଟ କହିଛନ୍ତି। ସେ କାହା ସହ ଠିକ୍ ଭାବେ କଥା ନ ହୋଇ ଚୁପ ଚାପ ରହୁଥିଲେ। ପଚାରିଲେ କିଛି କହୁ ନ ଥିଲେ। ଗଣେଶ ଭସାଣି ପାଇଁ ସେ ୪ଦିନ ତଳେ ଘରକୁ ଯାଇ ଫେରିଥିଲେ ବୋଲି ରୁମ୍‌ମେଟ୍ ଜଣକ କହିଛନ୍ତି।

ସୂଚନାନୁସାରେ, ସଚିତ୍ର ଶନିବାର ସପିଙ୍ଗ୍ ମଲ୍‌ରେ କାମ ସାରି ରାତିରେ ରୁମ୍‌କୁ ଫେରିଥିଲେ। ଏହି ସମୟରେ ରୁମମେଟ୍ ତାଙ୍କ ସାଙ୍ଗଙ୍କ ପାଖକୁ ଯାଇଥିଲେ। ସେ ରବିବାର ସକାଳ ୧୦ଟାରେ ରୁମ୍‌କୁ ଆସି କବାଟ ବାଡେଇ ସହ ଫୋନ୍ କରିଥିଲେ ମଧ ସଚିତ୍ର ଶୁଣି ନ ଥିଲେ। ଝରକା ବାଟେ ଡାକିବାକୁ ଯିବାବେଳେ ସଚିତ୍ର ଗାମୁଛା ଦ୍ୱାରା ଫ୍ୟାନରେ ଝୁଲୁଥିବା ଦେଖିବା ପରେ ତାଙ୍କ ଘର ଲୋକଙ୍କୁ ଖବର ଦେବା ସହ ପୋଲିସକୁ ସୂଚନା ଦେଇଥିଲେ। ସଚିତ୍ରଙ୍କ ଭାଇ ପହଞ୍ଚି ପୋଲିସ ଉପସ୍ଥିତିରେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଜବତ କରିଥିଲେ।



## ସଂକ୍ଷେପରେ

### ଦୁର୍ଗା ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଦୁର୍ଗୀ, ୧।୧୦(ଶିଶିର କୁମାର ପାତ୍ର)

ବିଷମକଟକ ବ୍ଲକ୍ ଅନ୍ତର୍ଗତ ଦୁର୍ଗୀ ଗ୍ରାମର ଏମସିସି ଗ୍ରାଉଣ୍ଡରେ ରବିବାର ଦୁର୍ଗା ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଦୁର୍ଗୀ ଦୁର୍ଗା ପୂଜା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗୋପାଳ ପାତ୍ର ଏବଂ କର୍ତ୍ତା ଭାବେ ରଜନୀକାନ୍ତ ପାଳ ଦାୟିତ୍ୱ ତୁଲାଇଥିଲେ। କଳସ ସ୍ଥାପନ କରି ବାଉଁଶରେ ହଳଦୀ, ଚନ୍ଦନ ସିନ୍ଦୁର ଲଗାଯାଇ ରୀତିନୀତି ଅନୁସାରେ ପୂଜା ପାଠ କରାଯାଇଥିଲା। ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମା'ଙ୍କ ପୂଜା ହେବ ବୋଲି କମିଟି ତରଫରୁ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟି କର୍ମକର୍ତ୍ତା ସୁକାନ୍ତ ପଣ୍ଡୁ ସାହୁ, ଅନି ବେହେରା, ମିଟୁ ମହାପାତ୍ର, କେ. ମୋହନ, ଲାଲୁ ପାଣିଗ୍ରାହୀ, ଦୀପକ, ସୁମନ ପାଢ଼ି, ଶିଶିର ପାତ୍ର, ବାବୁ ଦେବେନ୍ଦ୍ରରାଜ, ସୋମନାଥ ମାଦଳା ପ୍ରମୁଖ ରହି କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

### କ୍ଲିନ୍ ଇଣ୍ଡିଆ କ୍ୟାମ୍ପେନ କାର୍ଯ୍ୟକ୍ରମ

ରାୟଗଡା,୧।୧୦ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ନେହରୁ ଯୁବ କେନ୍ଦ୍ର ଏବଂ ୪ର୍ଥ ବାଟାଲିୟନ ସିଆରପିଏଫ ମିଳିତ ସହଯୋଗରେ ରାୟଗଡା ରେଳବାଇ ଷ୍ଟେସନଠାରେ କ୍ଲିନ୍ ଇଣ୍ଡିଆ କ୍ୟାମ୍ପେନ ୩.୦ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଟାଲିୟନର କମାଣ୍ଡେଣ୍ଟ ମନୋଜ କୁମାର ଯାଦବ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସେକେଣ୍ଡଇନ କମାଣ୍ଡାଣ୍ଟ ସଞ୍ଜୟ କୁମାର ରାଉତ, ଡେପୁଟି କମାଣ୍ଡାଣ୍ଟ ଜ୍ୟୋତିର୍ମୟ ଆଚାର୍ଯ୍ୟ, ରମେଶ କୁମାର, ଚନ୍ଦ୍ରଶେଖର ପଟେଲ, ଷ୍ଟେସନ ମାଷ୍ଟର ପରମାନନ୍ଦ ଚକ୍ରବର୍ତ୍ତୀ, ନେହରୁ ଯୁବ କେନ୍ଦ୍ରର ଏମଟିଏସ ଲକ୍ଷ୍ମୀନାରାୟଣ ସେଠୀ, ସିଆରପିଏଫ ଯବାନ ଏବଂ ରେଳବାଇ କର୍ମଚାରୀ, ନେହରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀମାନେ ପ୍ଲାଟଫର୍ମ ସଫେଇ କରିଥିଲେ।

### ଦୁର୍ଗାପୂଜା ଲାଗି ଶୁଭ ଖୁଣ୍ଟି ସ୍ଥାପନ

ଅମ୍ବାଦଳା,୧।୧୦(ରବୀନ୍ଦ୍ର ପଣ୍ଡା)

ଅମ୍ବାଦଳାର ହାଟପଦା ପରିସରରେ ଚଳିତ ବର୍ଷ ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ପୂଜା ଅନୁଷ୍ଠିତ ହୋଇଛି। ଅମ୍ବାଦଳା ଦୁର୍ଗାପୂଜା କମିଟିର ସଭାପତି ସନ୍ତୋଷ ପାତ୍ର ଓ ସମ୍ପାଦକ ବିଦ୍ୟାଧର ସାହୁଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଶୁଭଖୁଣ୍ଟି ସ୍ଥାପନ ପୂଜାରେ ପୁରୋହିତ ବିଜୟ ମିଶ୍ର, ବିପିନ ନିହାରି କର, ଅକ୍ଷୟ ରଥ ଓ ସିବାସୀଷ ମିଶ୍ରଙ୍କ ପୌରାହିତ୍ୟରେ ବୈଦିକ ରୀତିନୀତି ଅନୁଯାୟୀ ପ୍ରଥମେ କଳସ ସ୍ଥାପନ କରି ବିଭିନ୍ନ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ଭାବେ ପରମେଶ୍ୱର ରାଓ କାର୍ଯ୍ୟ ତୁଲାଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜାରେ ସହଯୋଗୀ ଭାବେ କମିଟିର ୫ଜଣ ଉପସଭାପତି ଓ ୫ ଜଣ ସହ ସମ୍ପାଦକ ଉପସ୍ଥିତ ଥିଲେ। ଦୁର୍ଗାପୂଜା ୧୫ରୁ ଆରମ୍ଭ ହୋଇ ୨୪ ତାରିଖ ପର୍ଯ୍ୟନ୍ତ ନଅ ଦିନ ଧରି ଚାଲିବ କମିଟି ପକ୍ଷରୁ କୁହାଯାଇଛି।

### ଆଇନ ସଚେତନତା ଶିବିର

ରାୟଗଡା,୧।୧୦(ଭାଗ୍ୟଶ୍ରୀ ମିଶ୍ର)

ସ୍ଥାନୀୟ ମାତୃ ଶକ୍ତି ବରିଷ୍ଠ ନାଗରିକ ଗୃହରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନିବେଦିତା ପଣ୍ଡା ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା। ସିଭିଲ ଜଜ ରିଚି ମିଲନ ପାତ୍ର, ଓକିଲ ସୀତାରାମ ପଣ୍ଡା, ଗୁଣପୁର ଏସଏସଏସଓ ଏଲ. ସନ୍ତୋସ କୁମାର, ରାୟଗଡା ବ୍ଲକର ଜିପିଇଓ ଗୋପାଳ ପଣ୍ଡା, ମାତୃ ଶକ୍ତି ବରିଷ୍ଠ ନାଗରିକ ଗୃହର ଡାଇରେକ୍ଟର ରମେଶ ନାଏକ ଓ ଅଧିକାରୀ ଏମ.କ୍ରୀଷ୍ଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ସମସ୍ତ ବରିଷ୍ଠ ନାଗରିକ ପାଇଁ ମଧ୍ୟାହ୍ନ ଭୋଜନ ଆୟୋଜନ କରାଯାଇଥିଲା।

# ଡଙ୍ଗରିଆ ସମ୍ପ୍ରଦାୟର ଭୋଟ ବର୍ଜନ ନିଷ୍ପତ୍ତି

- ଖଣି ଖନନ, ପୋଲିସ ଦମନଲୀଳାକୁ ପ୍ରତିବାଦ
- କମ୍ପାନୀ ଦଲାଲଙ୍କୁ ଦଳରୁ ବହିଷ୍କାର ପାଇଁ ଦାବି

ରାୟଗଡ଼ା,୧।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ନିୟମଗିରି, ସିଜିମାଳି, କୁଟ୍ରୁମାଳି, ମାଜିଙ୍ଗମାଳି, ମାଳି ପର୍ବତ, କୋଡ଼ିଙ୍ଗମାଳି ଆଦି ଅଞ୍ଚଳର ଖଣିକୁ ଘରୋଇ କମ୍ପାନୀକୁ ଲିଜ୍‌ରେ ଦିଆଯାଇଛି। ଅଞ୍ଚଳର ସୁରକ୍ଷା ପାଇଁ ମୂଳନିବାସୀ ବିରୋଧ କଲେ ସେମାନଙ୍କ ଉପରେ ପୋଲିସ ଜୁଲମ କରାଯାଉଛି। ଏଭଳିକି ଅଞ୍ଚଳବାସୀଙ୍କୁ ପୋଲିସ ଲଗାଇ ରାତିଅଧିଆ ଉଠାଇ ନେଇ ଦମନ କରୁଛନ୍ତି। ତେଣୁ ଏହି ଅନ୍ୟାୟର ପ୍ରତିବାଦରେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ ପାଇଁ ନିୟମଗିରି ସୁରକ୍ଷା ସମିତି ନିଷ୍ପତ୍ତି ନେଇଥିବା ଏକ ପ୍ରେସ ବିବୃତି ଜାରି କରି ସୂଚନା ଦିଆଯାଇଛି।

ଅଗଷ୍ଟ ମାସରେ ୨ ଡଙ୍ଗରିଆ ଯୁବକଙ୍କୁ ଗିରଫ ପ୍ରତିବାଦରେ ନିୟମଗିରି ସୁରକ୍ଷା ସମିତି ପ୍ରତିବାଦ କରିବାରୁ ୮ଜଣଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିବା ନିୟମଗିରି ସୁରକ୍ଷା ସମିତି ଅଭିଯୋଗ କରିଛି। ସେହିଭଳି ଖଣି ଖନନକୁ ବିରୋଧ କରିବାରୁ ପୋଲିସ ଲଗାଇ ୨୫ଜଣଙ୍କୁ ଗିରଫ କରାଯାଇଥିବା ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି। ଏଥିସହ ରାଜନୈତିକ ଦଳମାନେ ମଧ୍ୟ ଅଞ୍ଚଳବାସୀଙ୍କୁ ସମର୍ଥନ କରିବା ବଦଳରେ ଖଣି କମ୍ପାନୀ ସପକ୍ଷରେ ବିକାଶର ଡିଣ୍ଡିମ ପିଟୁଛନ୍ତି। ତେଣୁ କମ୍ପାନୀ ସପକ୍ଷରେ ବିବୃତି ଦେଇଥିବା ବିଜେଡ଼ି, କଂଗ୍ରେସ, ଭାଜପା ଓ ବିଏସପି ଦଳ ନିଜ ଭୂମିକା ଓ ପକ୍ଷକୁ ନିର୍ବାଚନ ଇସ୍ତାହାରର ସ୍ପଷ୍ଟ କରିବାକୁ ସମିତି ଆହ୍ୱାନ ଦେଇଛି। ଏଥିସହିତ ସମିତି କହିଛି ଯେ, ଯେଉଁ ରାଜନୈତିକ ଦଳ ଗରିବ ଖଟିଖିଆ ଓ ଆଦିବାସୀଙ୍କ ଦଳ ବୋଲି ନିଜକୁ ପରିଚୟ ଦେଉଛନ୍ତି, ସେମାନଙ୍କ ଦଳରେ ଥିବା ଏଭଳି ଦଲାଲ ନେତାମାନଙ୍କୁ ଦଳରୁ ବାହାର କରନ୍ତୁ। ଅକ୍ଟୋବର ୧୬ ତାରିଖରେ ଦୁଇ ଘରୋଇ କମ୍ପାନୀ ପାଇଁ ହେବାକୁ ଥିବା ଜନଶୁଣାଣି, ଅଞ୍ଚଳରେ ଦମନଲୀଳା ବନ୍ଦ କରା ନ ଗଲେ ଲୋକେ ଏହାର ଜବାବ୍ ଦେବେ ବୋଲି ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକ୍କା କହିଛନ୍ତି। ସେପ୍ଟେମ୍ବର ୨୭ତାରିଖରେ ନିୟମଗିରି ସୁରକ୍ଷା ସମିତି ଲଦ ସିକକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ସବୁ ସର୍ତ୍ତମାନ ଗୃହୀତ ହୋଇଥିଲା। ଏହି ବୈଠକରେ କମିଟି ସଦସ୍ୟ ଦଧି ପୁଷିକା, କୁଣ୍ଡୁଜୀ କୁଟ୍ରୁକା, ଡ୍ରେଞ୍ଜୁ କୃଶିକା, ସମ୍ଭା ହୁଇକା, ଦାସୁ କାଡ୍ରାକା ଓ ସାଇବ ପୁଷିକାଙ୍କ ସହ ପର୍ଯ୍ୟବେକ୍ଷକ ଲେନିନ୍ କୁମାର ଯୋଗ ଦେଇଥିବା ପ୍ରେସ ବିବୃତିରୁ ଜଣାପଡ଼ିଛି।



ବୈଠକରେ ଉପସ୍ଥିତ ନିୟମଗିରି ସୁରକ୍ଷା ସମିତିର କର୍ମକର୍ତ୍ତାମାନେ।

# ପୀଡ଼ିତାଙ୍କୁ ଭେଟିଲେ ଆଇନ ମନ୍ତ୍ରୀ, ବିଧାୟକ



ପୀଡ଼ିତାଙ୍କ ବାପାଙ୍କ ସହ ମନ୍ତ୍ରୀ ଜଗନ୍ନାଥ ସାରକା ଓ ବିଧାୟକ ମକରନ୍ଦ ମୁଦୁଲି ଆଲୋଚନା କରୁଛନ୍ତି।

**ଡଙ୍ଗାସିଲ ବଳାତ୍କାର ଘଟଣା**

ରାୟଗଡ଼ା,୧।୧୦ (ଆଶିଷ ରଞ୍ଜନ ପଣ୍ଡା)

କାଶୀପୁର ବ୍ଲକ ଡଙ୍ଗାସିଲ କନ୍ୟାଶ୍ରମରେ ବଳାତ୍କାର ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ନାବାଳିକା ପୀଡ଼ିତାଙ୍କୁ ରବିବାର ଭେଟିଛନ୍ତି ଆଇନ ଓ ଅନୁସୂଚିତ ଜନଜାତି, ଜାତି ମନ୍ତ୍ରୀ ଜଗନ୍ନାଥ ସାରକା ଓ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି। ଉଭୟେ ପୀଡ଼ିତାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ପୀଡ଼ିତାଙ୍କ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଚିକିତ୍ସାଳୟରେ ତାଙ୍କ ମା'ବାପାଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟବିମା ବିଷୟରେ ବୁଝିବାକୁ ପଠାଇଥିବା ମନ୍ତ୍ରୀ ସାରକା କହିଥିଲେ। ଏଥିସହିତ ପୀଡ଼ିତାଙ୍କୁ ନିଶ୍ଚୟ ନ୍ୟାୟ ମିଳିବ ଏବଂ ରାଜ୍ୟ ସରକାର ସବୁବେଳେ ତାଙ୍କ ସାଥୀରେ ଅଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

# ଶତାୟୁ ମତଦାତାଙ୍କୁ ସମ୍ବର୍ଦ୍ଧିତ କଲେ ଉପଜିଲାପାଳ

ଗୁଣପୁର,୧।୧୦(ପ୍ରଦୀପ କୁମାର ପାଢ଼ୀ)

ବରିଷ୍ଠ ନାଗରିକ ଦିବସ ଅବସରରେ ଗୁଣପୁର ବେବର୍ତ୍ତା ସାହିର ଶତାୟୁ ବରିଷ୍ଠ ମତଦାତା ଗୁଣମଞ୍ଜରୀ ବେବର୍ତ୍ତାଙ୍କୁ ରବିବାର ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଛନ୍ତି। ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ୧୩୮-ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୩୩ ବୁଥ୍ ଗୁଣପୁର ବେବର୍ତ୍ତା ସାହିର ଗୁଣମଞ୍ଜରୀବେବର୍ତ୍ତା ୧୦୫ ବର୍ଷ ଅତିକ୍ରାନ୍ତ କରି ସାରିଛନ୍ତି। ତେଣୁ ବରିଷ୍ଠ ନାଗରିକ ଓ ବରିଷ୍ଠ ମତଦାତା ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ସେ ବରିଷ୍ଠ କୃଷିବିତ୍ କୃଷ୍ଣଚନ୍ଦ୍ର ବେବର୍ତ୍ତାଙ୍କ ମା'। ଉପଜିଲାପାଳ କହଁର ଗୁଣମଞ୍ଜରୀଙ୍କ ଘରକୁ ଯାଇ ତାଙ୍କୁ ସମ୍ମାନିତ କରିଥିଲେ। ଏହି ସମୟରେ ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପୂର୍ଣ୍ଣା ରାଉତ, ସହକାରୀ ଜିଲାପାଳ ସୁଜାତା ପାଢ଼ୀ, ସତ୍ୟଜିତ ନାୟକ, ବେବର୍ତ୍ତାଙ୍କ ପୁଅ କୃଷ୍ଣ ପ୍ରସାଦ ବେବର୍ତ୍ତା, ନାତି ବିଭୁ ପ୍ରସାଦ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ନିର୍ବାଚନ ଉପବିଭାଗର ବରିଷ୍ଠ ସହାୟକ ସୁଶାନ୍ତ କୁମାର ଦାସ, କନିଷ୍ଠ ସହାୟକ ପ୍ରସନ୍ନ ପଣ୍ଡା, ପୌର କାର୍ଯ୍ୟାଳୟର ସତ୍ୟଜିତ ସ୍ୱାଇଁ, ତାପସ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।



ବରିଷ୍ଠ ମତଦାତା ଗୁଣମଞ୍ଜରୀ ବେବର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପଦ୍ମପୁର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପଦ୍ମପୁର, ୧।୧୦(ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକସ୍ଥିତ ଜୁମୁରୁଗୁଡ଼ାଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି-୨୦୨୩ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଓ ଇନ୍ଦୁପୁର ଗ୍ରାମ ପଞ୍ଚାୟତ ଅଧୀନ ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଶବର ଓ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା ଓ ସତ୍ୟ ନାରାୟଣ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ ପଦ୍ମପୁର କ୍ଲଷ୍ଟର୍ ସିଆର୍‌ସିସି ମୋହନ ରାଓ ମାଲା, ରାଧାକୃଷ୍ଣ ପଣ୍ଡା, ପୋନାଡ଼ା ବିଶନାଥ ପ୍ରମୁଖଙ୍କ ଉପସ୍ଥିତିରେ ବିଭିନ୍ନ ବର୍ଗର ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ସମସ୍ତ ବର୍ଗରେ ୧ମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଚୟନ କରି ପୁରସ୍କୃତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଭାଗରେ ସରକାରୀ ବିଜୟା ନନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ର ଚିନ୍ମୟ ବେହେରା (ବିତର୍କ), ଶୁଭଶ୍ରୀ ସାହୁ (ପ୍ରବନ୍ଧ), ଇପ୍ସେଶ ମାଝି (ଚିତ୍ରାଙ୍କନ), ପରମେଶ୍ୱର ସାହୁ (କୁଇଜ), ଆୟୁଷ୍ମାନ ପଣ୍ଡା (ବକ୍ତୃତା), ଅଞ୍ଜଳି ସାହୁ (ହସ୍ତାକ୍ଷର), ମୋନାଲିସା ପଣ୍ଡା ସଙ୍ଗୀତରେ ୧ମ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରେ ସରକାରୀ ଉଚ୍ଚ ବିଦ୍ୟାଳୟ ଲାଉଗୁଡ଼ାର ଆଦିତ୍ୟ ବେହେରା-ଚିତ୍ରାଙ୍କନ, ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରର ସ୍ମୃତିରେଖା ସାହୁ-କୁଇଜ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଇ.ସୁପ୍ରିୟା -ସୃଜନଶୀଳ ଲିଖନ, ସରକାରୀ ଉଚ୍ଚ ବିଦ୍ୟାଳୟ ଇନ୍ଦୁପୁରର ଜସ୍ମିନ ବାଉରୀ-ବକ୍ତୃତାରେ ୧ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ ନୃତ୍ୟ ପରିବେଷଣ କରି ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ୧ମ ସ୍ଥାନ ଅଧିକାର କରିଛନ୍ତି।

# ନଗର ଭାଜପା ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ




ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

ରାୟଗଡା,୧।୧୦(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସହରରେ ନଗର ଭାଜପା ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହେଇଯାଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଶ୍ରମଦାନ କରି 'ସ୍ୱଚ୍ଛାଞ୍ଜଳି' ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏହି କ୍ରମରେ ଗୋଟିଏ ତାରିଖ, ଗୋଟିଏ ଘଣ୍ଟା ଓ ଗୋଟିଏ ସାଥୀରେ ସ୍ୱଚ୍ଛ ଭାରତ ଅଭିଯାନରେ ଅକ୍ଟୋବର ୧ ତାରିଖରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଆଧାରରେ ଭାରତୀୟ ଜନତା ପାର୍ଟି ରାୟଗଡା ନଗର ତରଫରୁ ମଞ୍ଜୁଳା ମିଣିଆକାଙ୍କ ନେତୃତ୍ୱରେ ଓ ଜିଲା ସମ୍ପାଦକ ପଦ୍ମନାଭ ଦାଶଙ୍କ ତତ୍ତ୍ୱାବଧାନରେ ପିଏଚଡିସ୍ଥିତ ବାଲୁଙ୍କେଶ୍ୱର ଶୈବ ପୀଠ ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଭାରତୀୟ ଜନତା ପାର୍ଟିର ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ୱାର୍ଡ ନମ୍ବର ୧୨ର କାଉନସିଲର ଏ. ବାଣିଶ୍ରୀ, ଅଜୟ ଚୁଲେଟ, ରଚନା ସାହୁ, ଆନନ୍ଦ ରାଓ, ବିଜୟ କୁମାର ଓ ଅନେକ ଭାଜପା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସେହିପରି ପିତାମହଲସ୍ଥିତ ସେଞ୍ଚୁରିଅନ ବିଶ୍ୱ ବିଦ୍ୟାଳୟ ତରଫରୁ ଫାର୍ମାସୀ ବିଭାଗ ଅନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ଼ା.ରାଜେଶ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେସ୍ଥାନୀୟ ବେହେରାଗୁଡା ଗାଁରେ ବିଭାଗୀୟ ଅଧାପକ ଅଧାପିକାଙ୍କ ସମେତ ଛାତ୍ରୀଛାତ୍ରମାନେ ଗାଁ ପରିସରରେ ସଫାଇ କାର୍ଯ୍ୟକ୍ରମ କରିଥିଲେ।

# ଡୁକୁମ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବିଷମ କଟକ, ୧।୧୦(ବିଭୂତି ଭୂଷଣ ନାୟକ)

ବିଷମକଟକ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶନିବାର ଝିଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ମିଳେଟ୍ସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଝିଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୂରଲୀଧର ଶବରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୧୫ରୁ ଉର୍ଦ୍ଧ୍ୱ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ୱାଡକା, ଗୁଣପୁର ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ମନୋଜ କୁମାର ଗମାଙ୍ଗ, ବିଷମକଟକ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ପଛୁଆ ବର୍ଗର ଉନ୍ନୟନ ଉପଦେଷ୍ଟା ପୃଥ୍ୱୀରାଜ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଡୁକୁମ କ୍ଲଷ୍ଟର ଅଧିନସ୍ଥ ସମସ୍ତ ୧୫ ବିଦ୍ୟାଳୟରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁର୍ଲି ସିଆରସିସି ଦୀନବନ୍ଧୁ ଜେନା, ବେଥିଆପଡା ସିଆରସିସି ମଦନ ମୋହନ ଜେନା, ଚାଟିକଣା ସିଆରସିସି ରବୀନ୍ଦ୍ର କୁମାର ନାଗ, ମଧୁମିତା ବଳ, ଚନ୍ଦ୍ରକାନ୍ତି ନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ନିର୍ମଳା ବିଶାଳ ଓ କେଦାରେଶ୍ୱର ରତ୍ନାଲୁ ମଞ୍ଚ ପରିଚାଳନା କରିଥିଲେ। ରାଇସେନ ୱାଡ଼କା, ଶୈଳବାଳା ବେହେରା, ଶିବ ପ୍ରସାଦ ବାଉରୀ, ପଦ୍ମନ ତୁଳ, ହେମନ୍ତ କୁମାର ମିଶ୍ର, ମନୋରଞ୍ଜନ ସାହୁକାର ଓ ସାଗର ପାତ୍ର ଆଦି ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଥିବା ଛାତ୍ରୀମାନେ।

# ବରିଷ୍ଠ ନାଗରିକ ଦିବସରେ ବୃଦ୍ଧାଙ୍କୁ ଶାଢ଼ି ବଣ୍ଟନ

ରାୟଗଡ଼ା,୧।୧୦(ଆଶିଷ ରଞ୍ଜନ ପଣ୍ଡା)

ଜିଲା ବରିଷ୍ଠ ନାଗରିକ କଲ୍ୟାଣ ସଂଗଠନ ପକ୍ଷରୁ ସ୍ଥାନୀୟ ଗାୟତ୍ରୀ ନଗରସ୍ଥିତ କାର୍ଯ୍ୟାଳୟଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ରବିବାର ସକାଳୁ ସଂଗଠନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଏବଂ ବିଧାୟକ ମକରନ୍ଦ ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ଆୟୋଜିତ ଶାଢ଼ୀ ବଣ୍ଟନ କାର୍ଯ୍ୟକ୍ରମରେ ବୃଦ୍ଧାଙ୍କୁ ଶାଢ଼ି ବଣ୍ଟନ କରିଥିଲେ। ସଂଗଠନ ସମ୍ପାଦକ ଦ୍ୱାରିକାନାଥ ଦାସ ଅତିଥି ପରିଚୟ ପ୍ରଦାନ କରିବା ପରେ ସଭାପତି ବିନୋଦ ଚନ୍ଦ୍ର ପଣ୍ଡା ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବରିଷ୍ଠ ନାଗରିକଙ୍କ ବିକାଶ ଓ କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ମକରନ୍ଦ ମୁଦୁଲି ୫ ଲକ୍ଷ ଟଙ୍କା ପ୍ରଦାନ କରିଥିବା ନେଇ ସଭାପତି ବିନୋଦ ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୧୧ଜଣ ତେଜାବ କୁମାର ସୁନା, ପିଙ୍କି ହୁଇକା, ଶିଶିରକାନ୍ତ ମହାପାତ୍ର, ରାଜେଶ୍ୱରୀ ଦଳାଇ, ସତ୍ୟନାରାୟଣ ଗନ୍ତାୟତ, ଶାନ୍ତନୁ କୁମାର ସାହୁ, ଏ.ନେହା ପଟ୍ଟନାୟକ, ଅଭିପ୍ସା ନାୟକ, କିଶୋର ଚନ୍ଦ୍ର ରଥ, ତ୍ରିଲୋଚନ ସାହୁ ଓ ଗଣେଶ ବିଶ୍ୱକର୍ମାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ଚନ୍ଦ୍ରଶେଖର ପାତ୍ର, ଦିଲୀପ୍ ପଟ୍ଟନାୟକ, ବି.ଥାପ୍ପା, ଶଙ୍କର୍ଷଣ ମଙ୍ଗରାଜ, ଏଲ.ଏନ.ପାତ୍ର, ପ୍ରଳୟ କୁମାର ସାହୁ ଓ ସମସ୍ତ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଗୁଡ଼ାରି,୧।୧୦ (ପ୍ରମୋଦ କୁମାର ପତି)

ଗୁଡ଼ାରି ଏନଏସି ପକ୍ଷରୁ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷା ସରମିତା ଶବର, ତହସିଲଦାର ହୃଷିକେଶ ପଣ୍ଡା, ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଲେଜ ଛାତ୍ରୀଛାତ୍ରଙ୍କ ସହ ସହର ପରିକ୍ରମା କରି ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଥିଲେ। ସହରକୁ ପଲିଥିନ ମୁକ୍ତ କରିବା, ଅଳିଆ ଆବର୍ଜନାକୁ ବାହାରେ ନ ଫିଙ୍ଗି ଏନଏସି ଗାଡିରେ ନିର୍ଦ୍ଧାରିତ ସମୟରେ ପକାଇବା ପାଇଁ କହିଥିଲେ। ଏହାଛଡା ରାସ୍ତାରେ ଅଳିଆ ନ ପକେଇବା ପାଇଁ କଡା ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସହରର ଅନେକ ରାସ୍ତା ଓ କାର୍ଯ୍ୟାଳୟ ପରିସର ମଧ୍ୟ ସଫା କରାଯାଇଥିଲା। ଗୁଡ଼ାରି ସହରରେ ହାଇସ୍କୁଲ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମେଡ଼ିକାଲ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଇଛି।



ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ଆମର ଦାୟିତ୍ୱ

ରାୟଗଡ଼ା,୧।୧୦(ଆଶିଷ ରଞ୍ଜନ ପଣ୍ଡା)

ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ନେଇ ଯୋଗ ଓ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ ହୋଇଥିଲା।

ସକାଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ପାଇଁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଶୋକ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ବ୍ଲକର ୧୫୦ଜଣ ଓ ରାୟଗଡ଼ା ପୌରାଞ୍ଚଳର ୫୦ଜଣ, କଲ୍ୟାଣସିଂହପୁର ବ୍ଲକର ୧୦୦ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ସେହିଭଳି ୬ଜଣଙ୍କୁ ଆଶାବାଡ଼ି ଓ ଜଣେ ବ୍ୟକ୍ତିଙ୍କୁ ଶ୍ରବଣ ଯନ୍ତ୍ର ଦିଆଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମା' ବାପା ପରିଣତ ବୟସକୁ ଆସିବା ପରେ ସନ୍ତାନସନ୍ତତି ସେମାନଙ୍କୁ ହତାଦର ନ କରି ଯତ୍ନ ଓ ସମ୍ମାନର ସହ ନିଜ ପାଖରେ ରଖି ସେବା ଶୁଶ୍ରୂଷା କରିବା ନେଇ ସଚେତନ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଆମର ଦାୟିତ୍ୱ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଏସ୍‌କେୱାଇ ଉପଦେଷ୍ଟା ସୁଧୀର ଦାସ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଏସପି ବିଜୟ କୁମାର ନନ୍ଦ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା, ପୌରାଧ୍ୟକ୍ଷ ମହେଶ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଗୁଣପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍.ସନ୍ତୋଷ କୁମାର ଓ ରାୟଗଡ଼ା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବରିଷ୍ଠ ନାଗରିକ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ସଂକ୍ଷେପରେ**

## ପାଠପଢ଼ାରେ କେନ୍ଦୁପତ୍ର ତୋଳାଳିଙ୍କ ପିଲାଙ୍କୁ ଆର୍ଥିକ ପ୍ରୋତ୍ସାହନକୁ ଅବହେଳା

ବୈପାରିଗୁଡ଼ା,୧।୧୦ (ଡି.ଏନ୍.ଏ)

କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କ ସନ୍ତାନସନ୍ତତିମାନେ ସରକାରଙ୍କ ପକ୍ଷରୁ ମିଳିଥିବା ଆର୍ଥିକ ପ୍ରୋତ୍ସାହନ ରାଶି ପାଇବାରେ ଅନିଶ୍ଚିତତା ଦେଖା ଦେଇଥିବାରୁ ଏବେ ସେମାନେ ଦ୍ୱନ୍ଦରେ ପଡ଼ିଛନ୍ତି। କେନ୍ଦୁପତ୍ର ତୋଳା କାର୍ଯ୍ୟରେ ନିଯୋଜିତ ଶ୍ରମିକମାନଙ୍କ ପିଲାମାନଙ୍କ ପାଠପଢା ପାଇଁ ଗତ ୨୦୧୮ରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ଏଥିପାଇଁ କେନ୍ଦୁଲିପ୍ ବିଭାଗ ଜରିଆରେ ହିତାଧିକାରୀମାନଙ୍କୁ ଅପ୍ ଲାଇନ୍‌ରେ ଆବେଦନ କରିବାକୁ ପଡୁଥିଲା। ତେବେ ଗୋଟିଏ ବର୍ଷ ସହାୟତା ରାଶି ମିଳିବା ପରେ ପରବର୍ତ୍ତୀ ବର୍ଷମାନଙ୍କରେ କେନ୍ଦୁପତ୍ର ତୋଳା କାର୍ଯ୍ୟରେ ନିଯୋଜିତ ଶ୍ରମିକଙ୍କ ପିଲାଙ୍କୁ ପାଠପଢା ଲାଗି ଆଉ ସହାୟତା ମିଳୁନାହିଁ। ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟରେ ସେମାନେ ଆବେଦନ ପତ୍ର ଦାଖଲ କରିଥିଲେ ସୁଦ୍ଧା କୌଣସି ସହାୟତା ମିଳିନି। ଏ ସମ୍ପର୍କରେ ସ୍ପଷ୍ଟ ଭାବେ ସେମାନଙ୍କୁ କିଛି କୁହାଯାଇନାହିଁ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ ଯୋଜନାରେ ସ୍କଲାରସିପ୍ ଲାଗି ଆବେଦନ ବ୍ୟବସ୍ଥା ଥିବା ବେଳେ କେନ୍ଦୁପତ୍ର ଶ୍ରମିକଙ୍କ ପିଲାଙ୍କ ପାଇଁ ଏଥିରେ କିଛି ବ୍ୟବସ୍ଥା ନାହିଁ। ଉକ୍ତ ପୋର୍ଟାଲରେ ମଙ୍ଗଳ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଅନ୍‌ଲାଇନ୍‌ଆବେଦନ ଫର୍ମରେ ତଫସିଲଭୁକ୍ତ ଜାତି,ତଫସିଲଭୁକ୍ତ ଜନଜାତି ପିଲାଙ୍କ ସହ ଏସ୍‌ଇବିସି ପିଲା ଆବେଦନ କରିପାରିବେ ବୋଲି ଉଲ୍ଲେଖ ରହିବା ସହ ଏନେଇ ଏସ୍‌ଇବିସି ପିଲାଙ୍କ ପାଇଁ ମାର୍କହାର ୫୦ ପ୍ରତିଶତ ଧାର୍ଯ୍ୟ କରାଯାଇଛି। ତେବେ ଏଥିରେ ଆବେଦନ କରୁଥିବା ହିତାଧିକାରୀଙ୍କଠାରୁ କେନ୍ଦୁପତ୍ର ଶ୍ରମିକଙ୍କ ପ୍ରୋତ୍ସାହନ ରାଶି ଅଧିକ। ତେବେ ଯେକୌଣସି ଗୋଟିକରେ ଆବେଦନ କରିବାର ନିର୍ଦ୍ଦେଶ ଥିବାରୁ ଅନେକ କେନ୍ଦୁପତ୍ର ଶ୍ରମିକଙ୍କ ଝିଅପୁଅ କେନ୍ଦୁପତ୍ର ବିଭାଗରେ ଆବେଦନ ଫର୍ମ ଦାଖଲ କରି ନିରାଶ ହେବାକୁ ପଡୁଛି। ଉକ୍ତ ବିଭାଗର କେତେକ କର୍ମଚାରୀ କେନ୍ଦୁପତ୍ର ତୋଳାଳି ଶ୍ରମିକ ପିଲାମାନଙ୍କୁ ପ୍ରତିବର୍ଷ ଫର୍ମ ଦାଖଲ କରିବାକୁ ପରାମର୍ଶ ଦେଉଛନ୍ତି। ମାତ୍ର ପରେ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଏ ସମ୍ପର୍କରେ କେନ୍ଦୁପତ୍ର ଜୟପୁର ଡିଭିଜନର ରେଞ୍ଜର ନିରୁପମା ଶାହାଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ଉପର ମହଲରୁ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ। ଏହା ଆସିଲେ ସେମାନଙ୍କୁ ଅବଗତ କରାଯିବ। ଏହାକୁ ଅପେକ୍ଷା ନ କରି ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲରେଚ ହିତାଧିକାରୀମାନେ ଆବେଦନ କରନ୍ତୁ ବୋଲି ଶାହା କହିଥିଲେ। ତେବେ ଉକ୍ତ ପୋର୍ଟାଲରେ ନିର୍ମାଣଶ୍ରମିକ ପିଲାଙ୍କ ପାଇଁ ଆବଦେନ ବ୍ୟବସ୍ଥା ଥିବାବେଳେ କେନ୍ଦୁପତ୍ର ତୋଳାଳିଙ୍କ ପିଲାଙ୍କୁ ବାଦ୍ ଦେବା ଉଦ୍‌ବେଗର ବିଷୟ ବୋଲି ସାଧାରଣରେ ଅଭିଯୋଗ ହେଉଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ଆମ କର୍ତ୍ତବ୍ୟ

ସୁନାବେଡ଼ା/ସେମିଳିଗୁଡ଼ା,୧।୧୦
(କୃତିବାସ ପ୍ରଧାନ/ବାସୁଦେବ ବରାଡ଼)

ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଅବସରରେ ସେମିଳିଗୁଡା ବାର ଆସୋସିଏଶନ ପକ୍ଷରୁ ସେମିଳିଗୁଡା ବିଲେଇଗୁଡାସ୍ଥିତ ଅଙ୍ଗନୱାଡିକେନ୍ଦ୍ର ପରିସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତାଲୁକା ଲିଗାଲ ସେଲ ଅଧକ୍ଷା ଶର୍ମିଷ୍ଠା ଜେନା ଯୋଗ ଦେଇ ବରିଷ୍ଠ ନାଗରିକ ହେଉଛନ୍ତି ଆମର ପଥ ପ୍ରଦର୍ଶକ। ସେମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ଉପଯୁକ୍ତ ଦାୟିତ୍ୱ ନେବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଖାଉଟି ଅଦାଲତ ବିଚାରପତି ସଲମା ବାନୁ ଯୋଗ ଦେଇ ଉପସ୍ଥିତ ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ସୁରକ୍ଷା ପାଇଁ ରହିଥିବା ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ବାର ଆସୋସିଏସନ ସଭାପତି ସନ୍ତୋଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରି ସମସ୍ତ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇ ସରକାରୀ ଯୋଜନାରେ ସେମାନେ ପାଉଥିବା ୫୦୦ଟଙ୍କା ଭତ୍ତାକୁ ୨ ହଜାର କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଏହି ଅବସରରେ ନିମନ୍ତ୍ରିତ ସମସ୍ତ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନାଗରିକ ସଂଘ ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପାତ୍ର, ବିକେ ସାହୁ, ଟିପି ଆର. ପଟ୍ଟନାୟକ,ରଘୁନାଥ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଆସୋସିଏଶନ ଉପସଭାପତି ଜେ. ପ୍ରସାଦ, ସୀତାରାମ ପଟ୍ଟନାୟକ, ଚିତ ମହାରଣା, ଧରଣୀଧର ପ୍ରଧାନ, ରମେଶ ସାହୁ, ସତ୍ୟବ୍ରତ ପାଢ଼ୀ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ

- ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ
- ଜୟପୁରରେ ବୃଦ୍ଧାଶ୍ରମ, ଆବାସିକ ବିଦ୍ୟାଳୟ ପରିଦର୍ଶନ କଲେ ସଚିବ

ଜୟପୁର,୧।୧୦
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)






କୋରାପୁଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପଦ୍ମଶ୍ରୀ କମଳା ପୂଜାରୀ, ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକାଙ୍କୁ ସମ୍ମାନିତ କରୁଛନ୍ତି। ଜୟପୁର ନାଗରିକ କମିଟି ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ଅତିଥିମାନେ।

କୋରାପୁଟ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଉପବିଭାଗ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଟାଉନ ହଲଠାରେ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ରଘୁରାମ ପଡ଼ାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ଯତ୍ନ ନେବା ସହ ସେମାନଙ୍କୁ ସର୍ବଦା ସମ୍ମାନ ଦେବା ଦେବା ନେଇ ଆଜିର ଯୁବପିଢ଼ି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିରୂପେ ପଦ୍ମଶ୍ରୀ କମଳା ପୂଜାରୀ, ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଏସ୍‌ପି ବଳଭଦ୍ର ଦୀପ, ଏଡିଏମ୍‌ଓ ଶୁଭ ନାରାୟଣ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ଯୋଗ, ପ୍ରାଣାୟାମ ଉପରେ ଅବଗତ କରାଯାଇଥିଲା। ପରେ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ପଦ୍ମଶ୍ରୀ କମଳା ପୂଜାରୀ, ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକାଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ସରକାରୀ ବାଳକ ବିଦ୍ୟାଳୟ ଓ ସରାକାରୀ ବାଳିକା ବିଦ୍ୟାଳୟ କୋରାପୁଟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନ ବୈଦ, କନିଷ୍ଠ ସହାୟକ ସୁବ୍ରତ ପାଣିଗ୍ରାହୀ, ସୁଧାଂଶୁ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜୟପୁରରେ ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ବୈପାରିଗୁଡା ବ୍ଲକର ମୁଣ୍ଡାଗୁଡାଠାରେ ପାଳିତ ହୋଇଛି। ଏଥିରେ ବିଚାରପତି ତଥା ପ୍ରାଧିକରଣ ସଚିବ ସୁମନ ଜେନା ବରିଷ୍ଠ ନାଗରିକମାନେ ସମାଜର ପଥ ପ୍ରଦର୍ଶକ ବୋଲି ପ୍ରକାଶ କରି ସେମାନଙ୍କୁ ଆମେ ସବୁବେଳେ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା ଉଚିତ ବୋଲି କହିଥିଲେ। ଏଥିସହ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରେ ସାମିଲ ନେଇ ସଚେତନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ ବୃଦ୍ଧାଶ୍ରମ ପରିଦର୍ଶନ କରି ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ସୁରକ୍ଷା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସଚିବ ଜେନା ମୁଣ୍ଡାଗୁଡାସ୍ଥିତ ଆବାସିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀମାନଙ୍କ ଶିକ୍ଷା, ସୁରକ୍ଷା ଓ ଯତ୍ନ ସମ୍ପର୍କରେ ତଦାରଖ କରିଥିଲେ।

ଏହି ଅବସରରେ ମଧ୍ୟ ଜୟପୁର ନାଗରିକ କମିଟି ପକ୍ଷରୁ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଛି। ସାଇନଗରସ୍ଥିତ ସିଟିଜେନ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ଉପ ଜିଲାପାଳ ପ୍ରଭାତ ପରିଡା ମୁଖ୍ୟବକ୍ତା, ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କମିଟି ସଭାପତି ମୀନ କେତନ ଦାସ, ସାଧାରଣ ସମ୍ପାଦକ ଜି.ଭେଙ୍କଟେଶ୍ୱର ରାଓ ସମ୍ମାନିତ ଅତଥି ରୂପେ ଉପସ୍ଥିତ ଥିଲେ। ଶଙ୍କର ପ୍ରହରାଜ ପରିଚାଳନା କରିଥିଲେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଦିବସ

କୋରାପୁଟ,୧।୧୦(ଅମିତାଭ ବେହେରା)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରଠାରେ ରବିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ , ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନସି ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୁଳପତି ଓ ଭାରପ୍ରାପ୍ତ କୁଳସଚିବ କହିଲେ, ଆମ ପରିବେଶକୁ ସ୍ୱଚ୍ଛ ରଖିବା ହେଉଛି ଏକ ପଦକ୍ଷେପ। ଏହା ସାରା ଜୀବନ ଜାରି ରହିବା ଉଚିତ୍। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ଏକାଡେମିକ, ପ୍ରଶାସନ ଏବଂ ନିକଟସ୍ଥ ନୂଆଗୁଡା ଗ୍ରାମର ଓ ରାସ୍ତାକୁ ସ୍ୱଚ୍ଛ ଓ ପରିଷ୍କାର କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଓ ନୂଆଗୁଡା ଗ୍ରାମ ଆଖପାଖରେ ଥିବା ଖୋଲା ସ୍ଥାନ, ହଷ୍ଟେଲ ଓ ପଡ଼ିଆରୁ ଘାସ କଟାଯାଇ ପରିଷ୍କାର କରାଯାଇଥିଲା। ଜଙ୍ଗଲିଆ ବୁଦା କାଟିବା ସହ ଆଖପାଖରେ ପଡିଥିବା ପଲିଥିନ ବ୍ୟାଗ, ଅଳିଆ ଆବର୍ଜନା ପରିଷ୍କାର ନେଇ ବ୍ୟବସ୍ଥା କରାଯାଇଥିଲା। ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# କ୍ଷେତ୍ର ପରିଦର୍ଶନ କରି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା



ଏସ୍‌ଏଚଜି ସଦସ୍ୟାଙ୍କ ସହ ମିଶନ ଶକ୍ତି ରାଜ୍ୟ ଉପଦେଷ୍ଟା ଲୋପା ମୁଦ୍ରା ବକ୍ସିପାତ୍ର।

**ମିଶନ ଶକ୍ତି ରାଜ୍ୟ ଉପଦେଷ୍ଟାଙ୍କ ଦଶମନ୍ତପୁର ଗସ୍ତ**

ଦଶମନ୍ତପୁର,୧।୧୦(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକକୁ ରବିବାର ମିଶନ ଶକ୍ତିର ରାଜ୍ୟ ଉପଦେଷ୍ଟା ଲୋପା ମୁଦ୍ରା ବକ୍ସିପାତ୍ର ଗସ୍ତ କରିଥିଲେ। ଏହି ଅବସରରେ ବ୍ଲକ ସଭାଗୃହରେ ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ବଟକୃଷ୍ଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବେ ଉପଦେଷ୍ଟା ବକ୍ସିପାତ୍ର, ସମ୍ମାନିତ ଅତିଥି ଭାବେ ଡିପିସି ଜୟକୃଷ୍ଣ ମହାପାତ୍ର, ଡିପିଏମ୍ ପ୍ରିୟମ୍ବଦା ବିଶୋୟୀ, ଆରଏମ୍‌ସି ଅଧକ୍ଷ ନାରାୟଣ ବିଶୋୟୀ ପ୍ରମୁଖ ଯୋଗ ଦେଇଥିଲେ। ଜୀବନଜୀବିକା ଯୋଜନାରୁ ମହିଳାମାନେ କିପରି ଲାଭ ଉଠାଇପାରିବେ ସେନେଇ ୧୬ଟି ପଞ୍ଚାୟତରୁ ଆସିଥିବା ଏସଏଚଜି ମହିଳାମାନଙ୍କ ସହ ସେ ଆଲୋଚନା କରିଥିଲେ। ପରେ ଉପଦେଷ୍ଟା ବକ୍ସିପାତ୍ର ଦଶମନ୍ତପୁର ପଞ୍ଚାୟତ ର ବାଣୁଆଗୁଡ଼ା ଗ୍ରାମରେ ଥିବା ମିଲେଟ ମିଶିନକୁ ଅନୁଧ୍ୟାନ କରି ମାଣ୍ଡିଆରେ ପ୍ରସ୍ତୁତ ହେଉଥିବା ସାମଗ୍ରୀ ଦ୍ୱାରା ମହିଳାମାନେ କିପରି ଉପକୃତ ହୋଇଛନ୍ତି ସେ ନେଇ ପଚାରି ବୁଝିଥିଲେ। ବଦଲିକୁଡୁମା ଗ୍ରାମକୁ ଯାଇ ମିଶନ ଶକ୍ତି ପକ୍ଷରୁ ଏସ୍‌ଏଚଜି ମହିଳାଙ୍କୁ ପ୍ରଦାନ କରାଯାଉଥିବା କୁକୁଡ଼ା ଚିଆଁ, ମକା ଓ ବିଭିନ୍ନ ପ୍ରକାରର କୃଷି ଜାତୀୟ ନର୍ସରୀ ଚାରା ଉପରେ କ୍ଷେତ୍ର ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ। ରାଜ୍ୟ ଉପଦେଷ୍ଟା ବକ୍ସିପାତ୍ରଙ୍କ ଗସ୍ତ ସମୟରେ ଧନୁ ବିଶୋୟୀ, ଅନନ୍ତ ଖରା, ପଦ୍ମନାଭ ଜାନିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଶିକ୍ଷାଗତ ପ୍ରମାଣ ପତ୍ରକୁ ନେଇ ବିଧାୟକଙ୍କ ନାଁରେ ଅଭିଯୋଗ ଆଣିଲେ ସିପାହି

କୋରାପୁଟ,୧।୧୦(ଅମିତାଭ ବେହେରା)

ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ କୋରାପୁଟ ନିର୍ବାଚନ ମଣ୍ଡଳୀରେ ତେଜୁଛି ରାଜନୀତି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ନାମରେ ମିଥ୍ୟା ଶିକ୍ଷାଗତ ପ୍ରମାଣପତ୍ର ଦେଇ ବିଧାୟକ ହେଇଥିବା ନେଇ ରବିବାର ଅଭିଯୋଗ ଆଣିଛନ୍ତି ଓଏସ୍‌ଏପି ତୃତୀୟ ବାଟାଲିୟନର ସିପାହି ଜୟରାମ ପୂଜାରୀ। କିଛି ଦିନ ତଳେ ସୋସିଆଲ ମିଡ଼ିଆରେ କୋରାପୁଟ ବିଧାୟକଙ୍କ ଲେଟର ପ୍ୟାଡ଼ରେ ସିପାହି ଜୟରାମ ପୂଜାରୀଙ୍କ ନାମରେ କିଛି ଅଭିଯୋଗ ହୋଇଥିବା ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିଲା। ଲେଟର ପ୍ୟାଡ଼ରେ ଜୟରାମ ଜଣେ ସରକାରୀ କର୍ମଚାରୀ, ତାଙ୍କର ଅନେକ ଗାଡି ରହିଥିବା ବେଳେ ଆୟ ବହିର୍ଭୂତ ସମ୍ପତି ରହିଛି। ତାଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଓ ପଟ୍ଟାଙ୍ଗି ବିଧାୟକ ପ୍ରିତମ ପାଢ଼ୀ ପ୍ୟାଡରେ ଲେଖିଥିବା ସୂଚନା ମିଳିଥିଲା। ଏନେଇ ଜୟରାମଙ୍କ ନାମରେ ଟାଉନ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଏ ନେଇ ଜୟରାମ ରବିବାର ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି କହିଛନ୍ତିଯେ, ଦୁଇ ବିଧାୟକ ତାଙ୍କ ନାମରେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କୋରାପୁଟ ବିଧାୟକ ପଡାଲ ନିଜେ ମିଛ ଶିକ୍ଷାଗତ ପ୍ରମାଣ ପତ୍ର ନିର୍ବାଚନ କମିଶନରଙ୍କ ପାଖରେ ଦାଖଲ କରି ବିଧାୟକ ହେଇଛନ୍ତି। ବିଧାୟକ ପଡ଼ାଲ ସପ୍ତମ ଓ ଦଶମ ପାସ କରିଥିବା ସାର୍ଟିଫିକେଟ ଦେଇଥିବା ଜୟରାମ ପ୍ରକାଶ କରିଛନ୍ତି। ଏ ନେଇ ଜୟରାମ ଖବରଦାତା ସମ୍ମିଳନୀରେ ସମସ୍ତ ତଥ୍ୟ ଦେବା ସହ ତାଙ୍କ ନାମରେ ଦୁଇ ବିଧାୟକ ଆଣିଥିବା ଅଭିଯୋଗ ନେଇ ସେ କୋର୍ଟର ଦ୍ୱାରସ୍ଥ ହେବେ। ସେମାନଙ୍କ ନାମରେ ମାନହାନି କେସ୍ କରିବେ ବୋଲି ଜୟରାମ କହିଛନ୍ତି। ଏ ନେଇ ବିଧାୟକ ରଘୁରାମ ପଡ଼ାଲଙ୍କୁ ପ୍ରପଚାରିବାରୁ ସେ କହିଲେ, ଏଥିରେ କୌଣସି ସତ୍ୟତା ନାହିଁ। ମିଥ୍ୟା ଅଭିଯୋଗ କଲେ କଣ ଫାଶୀ ହୋଇଯିବ ବୋଲି ବିଧାୟକ ପ୍ରତିକ୍ରିୟାରେ କହିଛନ୍ତି।

# ଭେଜାପୁଟରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପର୍ଯ୍ୟନ୍ତ ସଫେଇ



ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ଶପଥପାଠ କରୁଛନ୍ତି।

**ନାଲ୍‌କୋ ପକ୍ଷରୁ ସ୍ୱଚ୍ଛତା ଅଭିଯାନ**

କୋରାପୁଟ/ଦାମନଯୋଡି, ୧।୧୦
(ଅମିତାଭ ବେହେରା/ରାଧାକାନ୍ତ ବ୍ରହ୍ମା)

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ସ୍ୱଚ୍ଛତା ହିଁ ସେବା ଆଧାରରେ ତାଙ୍କ ଜନ୍ମତିଥିର ଅବ୍ୟବହିତ ପୂର୍ବରୁ ଏବଂ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲ୍‌କୋ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାମନଯୋଡ଼ି ଅଞ୍ଚଳର ସମସ୍ତ ପାରିପାର୍ଶ୍ୱିକ ଗ୍ରାମମାନଙ୍କରେ ସ୍ୱଚ୍ଛତା ପାଇଁ ରବିବାର କାର୍ଯ୍ୟକ୍ରମମାନ କରାଯାଇଛି। ସରସ୍ୱତୀ ବିଦ୍ୟାମନ୍ଦିର, ଦିଲ୍ଲୀ ପବ୍ଲିକ ସ୍କୁଲ, ଦାମନଯୋଡ଼ି ଓ ଭେଜାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରାଇବା ସହ ଏକ ସ୍ୱଚ୍ଛ ଏବଂ ସୁନ୍ଦର ପରିବେଶ ଗଠନରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେମାନଙ୍କୁ ଅବଗତ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ୧ଘଣ୍ଟା ଶ୍ରମଦାନ ବାର୍ତ୍ତାନୁଯାୟୀ ନାଲ୍‌କୋ ଗେଟ (ଭେଜାପୁଟ)ଠାରୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ନାଲକୋ କର୍ମଚାରୀ, ନାଲ୍‌କୋର ସମସ୍ତ ୟୁନିୟନ ଏବଂ ଆସୋସିଏଶନ କର୍ମକର୍ତ୍ତା, ସିଆଇଏସ୍‌ଏଫ କର୍ମଚାରୀ, ଭେଜାପୁଟ ବଣିକ ସଂଘ ସଦସ୍ୟ, ଟାଉନଶିପ ପୋଲିସ, ଠିକାକର୍ମଚାରୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ଦାମନଯୋଡ଼ିର ପ୍ରମୁଖ ସ୍ଥାନମାନଙ୍କରେ ପୋଷ୍ଟର୍ ଓ ବ୍ୟାନର୍ ଲଗାଯାଇ ଦାମନଯୋଡ଼ିକୁ ଏକ ପ୍ଲାଷ୍ଟିକମୁକ୍ତ ସ୍ୱଚ୍ଛ ସହର ଭାବେ ଗଢ଼ିତୋଳିବା ପାଇଁ ନାଲ୍‌କୋ ପକ୍ଷରୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଲକୋର ଅର୍ଥ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଯୋଶୀ ଉପସ୍ଥିତ ସମସ୍ତଙ୍କୁ ସ୍ୱଚ୍ଛତା ନେଇ ଶପଥ ପାଠ କରାଇଥିଲେ। ପଟ୍ଟାଙ୍ଗି ବିଧାୟକ ପୀତମ ପାଢ଼ୀ, ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ମହାପ୍ରବନ୍ଧକ ସରୋଜ ନାଥ,ସିଆଇଏସଏଫ କମାଣ୍ଡାଣ୍ଟ ସତୀଶ ସିଂହଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ନନ୍ଦପୁରରେ ସ୍ୱଚ୍ଛତା ପଖାୱାଡା ଦିବସ

ନନ୍ଦପୁର, ୧।୧୦(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ସଦର ମହକୁମା ସମେତ ବ୍ଲକ ଅଧୀନରେ ଥିବା ୨୩ ପଞ୍ଚାୟତ ଅଞ୍ଚଳରେ ଅକ୍ଟୋବର ୧ ରବିବାର ସ୍ୱଚ୍ଛତା ପଖାୱାଡା ଦିବସ ପାଳନ କରାଯାଇଛି। ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଯଥା ବ୍ଲକ, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୃଷି ବିଭାଗ, ପଞ୍ଚାୟତ କାର୍ଯ୍ୟାଳୟ, ସରକାରୀ ବେସରକାରୀ ବିଦ୍ୟାଳୟ, ସିନ୍ଧେଦେବୀ କନିଷ୍ଠ ଓ ସ୍ନାତକ ମହାବିଦ୍ୟାଳୟ, ରାଧାକୃଷ୍ଣ କନିଷ୍ଠ ଓ ସ୍ନାତକ ମହାବିଦ୍ୟାଳୟ, ଶିଶୁ ବିକାଶ କାର୍ଯ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ପରିସର ସଫେଇ କରି ଉପସ୍ଥିତ କର୍ମଚାରୀଙ୍କୁ ଶପଥ ପାଠ କରାଯାଇଥିଲା। ନନ୍ଦପୁର ବ୍ଲକ ସଦର ମହକୁମାରେ ଫିଟ ଇଣ୍ଡିଆ ସ୍ୱେଚ୍ଛାସେବୀ, ନନ୍ଦପୁର ବଜାର ଅଞ୍ଚଳ ଓ ପାଡୁଆ ଅଞ୍ଚଳରେ ମୋଟର ଚାଳକ ସଂଘର କର୍ମକର୍ତ୍ତା ବଡ ଦେବତା ମନ୍ଦିର ପରିସର ସଫେଇ କରିଥିଲେ। ଏଥିରେ ମହିଳା ଗୋଷ୍ଠୀ ଯୁବଗୋଷ୍ଠୀ ମଧ୍ୟ ସାମିଲ ଥିଲେ।




ଫିଟ ଇଣ୍ଡିଆ ସ୍ୱେଚ୍ଛାସେବୀମାନେ ବ୍ଲକ ସଦର ମହକୁମାରେ ସଫେଇ କରୁଛନ୍ତି।

## ମାଛପୁଟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଦଶମନ୍ତପୁର,୧।୧୦(ଅରବିନ୍ଦ ନାୟକ)–

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ମାଛପୁଟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନରେନ୍ଦ୍ର ଖୋସଲାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇ ସ୍କୁଲ ପରିସରଓ ଚତୁଃପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ପରିବେଶ ସଫା ସୁତୁରା ରଖିବା ନେଇ ଛାତ୍ରୀଛାତ୍ରମାନେ ଶପଥ ପାଠ କରିଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଜୟପୁର, ୧।୧୦ (ପବନ ପାଣିଗ୍ରାହୀ)

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଜୟପୁର ଗାନ୍ଧୀ ଛକସ୍ଥିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏଥିରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ ଶପଥ ପାଠ କରିଥିଲେ। ପରେ ଗାନ୍ଧୀ ଛକ ଓ ଏହାର ଆଖପାଖ ଅଞ୍ଚଳ ସଫେଇ କରିଥିଲେ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ପ୍ରଭାତ ପରିଡା, ଏସଡିପିଓ ହରିସ ବିଶି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି, ଏନସିସି କ୍ୟାଡେଟ, ଏସଏଚଜି ସଦସ୍ୟା, ସଫେଇ କର୍ମଚାରୀ ଓ ସୁପଭାଇଜର ସାମିଲ ହୋଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢୀ, ହସ୍ପିଟାଲ ମ୍ୟାନେଜର ରୁପସୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭାରତୀୟ ଖାଦ୍ୟ ନିଗମ ଜୟପୁର ମଣ୍ଡଳ କାର୍ଯ୍ୟାଳୟ ଦ୍ୱାରା ବିକ୍ରମଦେବ ବିଶ୍ୱ ବିଦ୍ୟାଳୟଠାରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ହୋଇଥିଲା। ଏଫସିଆଇ ପ୍ରବନ୍ଧକ ଆଶିଷ ଭୌମିକ, କୈଳାସ ଚନ୍ଦ୍ର ଶର୍ମା, ଗୌରହରି ସାହୁ, ବିରି ପ୍ରଧାନ, ରେଖାପ୍ରତି ଗହ୍ମା ମନୋଜ ନାଥ, ହେମନ୍ତ ବିଶ୍ୱାଳ ନିରଜ ବର୍ମା ଏବଂ ରଞ୍ଜିତ ମଲ୍ଲିକ ଏଥିରେ ସାମିଲ ହୋଇ ସଚେତନ କରିଥିଲେ। ଏକମ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ ମୁଖ୍ୟଅତିଥି, ସିଆରସିସି ସର୍ବେଶ୍ୱର ପଟ୍ଟନାୟକ ସମ୍ମାନିତ ଅତଥି ରୂପେ ଉପସ୍ଥିତ ଥିଲେ। ସେହିପରି ସରକାରୀ ମହାରଣା ହୀରାଦେବୀ ପୌର ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ସେବା ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାତୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ପଣ୍ଡା, ଆଲୁମିନି ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ବରିଷ୍ଠ ଆଲୁମିନି ଜି. ନାଗାରାଜୁ, ସତ୍ୟ ନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ଦିନ ପରେ ଗଣେଶଙ୍କ ଲଡ୍ଡୁ ହେଲା ନିଲାମ

**୧୭ହଜାର ୭୭୭ ଟଙ୍କାରେ ଲଡୁ କିଣିଲେ ପଦ୍ମନାଭ**

ପଟ୍ଟାଙ୍ଗି,୧।୧୦(ଶରତ ଧଳ)–

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଗେଟସାହିରେ ଦୀର୍ଘ ୧୨ ଦିନ ଧରି ପୂଜା ପାଉଥିବା ଅଗ୍ରପୂଜ୍ୟ ଗଣେଶଙ୍କ ବୁନ୍ଦି ଲଡ୍ଡୁ ପୂଜା କମିଟି ପକ୍ଷରୁ ନିଲାମ ହୋଇଛି। ଏହାର ଓଜନ ୨୧ କିଲୋ ଗ୍ରାମ। ପୂଜା କମିଟି ପକ୍ଷରୁ ଲଡୁ ନିଲାମ ପ୍ରକ୍ରିୟା ଶନିବାର ରାତି ୮ଟା ୧୫ରେ ଆରମ୍ଭ ହୋଇଥିଲା। ପୂଜା କମିଟି ପକ୍ଷରୁ ଲଡୁର ନିଲାମ ମୂଲ୍ୟ ୨୫୫୬ ଟଙ୍କା ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ନିଲାମ ଡାକ ୨୯୯୯ ଟଙ୍କାରେ ଡାକ ଦେଇଥିଲେ ଏସ ବାସୁ। ଦ୍ୱିତୀୟ ଡାକ ଗାଙ୍ଗେଶ୍ୱରୀ ହାଡ ୱେୟାର ମାଲିକ କିଶୋର ଚୌଧୁରୀ ୩୫୫୫ଟଙ୍କାରେ ଡାକ ଦେବା ପରେ ଲଡୁ ନିଲାମ ଡାକରା ବଢିବାରେ ଲାଗିଥିଲା। ୧୦/୧୨ ଜଣ ଅଂଶଗ୍ରହଣକାରୀ ୫୨ଟି ଡାକ ଦେଇଥିଲେ। ଶେଷରେ ପଦ୍ମନାଭ ପାତ୍ର ୧୭ହଜାର ୭୭୭ ଟଙ୍କାରେ ନିଲାମ ଡାକ ଦେଇ ଗଣେଶଙ୍କ ଲଡୁ କ୍ରୟ କରିଥିଲେ। ରବିବାର ପୂଜା କମିଟି ପକ୍ଷରୁ ଗଣେଶଙ୍କୁ ବିସର୍ଜନ କରିବା ପୂର୍ବରୁ ନିଲାମ ଲଡୁକୁ ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ପାତ୍ରଙ୍କ ପରିବାର ସଦସ୍ୟ ଏବଂ ସମ୍ପର୍କୀୟମାନେ ଲଡୁକୁ ଏକ ପଟୁଆରରେ ନିଜ ସାହିକୁ ନେଇଥିଲେ। ନିଲାମ କାର୍ଯ୍ୟକୁ ପୂଜା କମିଟି ମୁଖ୍ୟ ଅର୍ଜୁନ ଖରା, ବଳରାମ ହନ୍ତାଳ, ସ୍ୱପ୍ନା ଖରା, ଅଞ୍ଜଳି ଖରା, ସରୋଜ ଖରାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।




ପଦ୍ମନାଭ ପାତ୍ର ନିଲାମ ଲଡୁକୁ ପଟୁଆରରେ ନିଜ ସାହିକୁ ନେଉଛନ୍ତି।

## ସଡକ ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ

ପଡିଆ,(ଭାସ୍କର ରାଓ ) -ସଡକ ଦୁର୍ଘଟଣାରେ ଜଣେ ୭୦ ବର୍ଷ ବୟସ୍କ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଏମ୍ବି ୭୯ ଥାନା ଅନ୍ତର୍ଗତ ଶିମିଳି ବାଞ୍ଛା ପଞ୍ଚାୟତ ସଦର ଗ୍ରାମର ଦେବେ ମାଡକାମୀ। ପ୍ରକାଶ ଯେ, ଦେବେ ରାସ୍ତାରେ ଚାଲି ଚାଲି ଘରକୁ ଯାଉ ଥିଲା ବେଳେ ପଛ ପଟୁ ଏକ ବାଇକ୍ ଟିଏସ୍ ୨୯ଏନ୍ ୪୫୩୨ ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ବୃଦ୍ଧା ଜଣଙ୍କ ଛିଟିକି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଏମ୍ବି ୭୯ଥାନାରେ ନଂ.୧୫୩/୨୩ରେ ମାମଲା ରୁଜୁ କରାଯାଇଛି।

## ୩୯ ୟୁନିଟ ରକ୍ତ ସଂଗ୍ରହ

ଉମରକୋଟ, ୧।୧୦ (ସନ୍ତୋଷ ଶତପଥୀ)

ସେବାପକ୍ଷ ପାଳନ ଅବସରରେ ରବିବାର ଉମରକୋଟ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ, ଜିଲା ସମ୍ପାଦକ ରାମ ନାୟକ, ନଗର ସଭାପତି ଗୋପୀନାଥ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ମିଲୁ ପଣ୍ଡା, ସତ୍ୟ ବେହେରା, ଅଶୋକ ସାହୁ, ଟିଙ୍କୁ ଭାଇ, ସାନ ଭାଇ, ବାବୁ ଶର୍ମା, ବାଦଲ ପଟ୍ଟନାୟକ, ସନ୍ତୋଷ ନାୟକ, ଜିଲା ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ପବିତ୍ର ଗରଡା ପ୍ରମୁଖ ଯୋଗଦାନ କରିଥିଲେ। ସକାଳ ୧୦ରୁ ୧୧ ଟା ପର୍ଯ୍ୟନ୍ତ ଉମରକୋଟ ଭାରତୀୟ ଜନତା ପାର୍ଟି ତରଫରୁ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ନିକଟସ୍ଥ ଟେକ୍ସିଷ୍ଟାଣ୍ଡ ଓ ଭାଲୁଗୁଡା କଲ୍ୟାଣ ମଣ୍ଡପଠାରେ ସ୍ୱଚ୍ଛ ଭାରତ ଯୋଜନାରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

# ସଫେଇ କର୍ମଚାରୀଙ୍କ ଗୋଡ଼ ଧୋଇ ସମ୍ମାନିତ କଲେ ବିଧାୟକ

ପାପଡାହାଣ୍ଡି୧।୧୦, (ସ୍ୱପ୍ନିଲ ପଟ୍ଟନାୟକ)

ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦେଖିବାକୁ ମିଳିଛି ଏକ ନିଆରା ଦୃଶ୍ୟ। ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସବୁ ସମୟରେ ସଫେଇ କରି ଆମକୁ ସୁସ୍ଥ ପରିବେଶ ଦେଉଥିବା ସଫେଇ କର୍ମଚାରୀଙ୍କୁ ବିଧାୟକ ରନ୍ଧାରୀ ସମ୍ମାନିତ କରିଛନ୍ତି। ରବିବାର ପୂର୍ବାହ୍ନ ୧୨ଟାରେ ବିଧାୟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପହଞ୍ଚି ସେଠାରେ କାର୍ଯ୍ୟରତ ୬ ଜଣ ସଫେଇ କର୍ମଚାରୀଙ୍କ ହଳଦୀପାଣିରେ ଗୋଡ଼ ଧୋଇଥିଲେ। ପରେ ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସଫେଇ କର୍ମଚାରୀ ସବୁ ସମୟରେ ଆମକୁ ଏକ ସୁସ୍ଥ ପରିବେଶ ଦେଇଥାନ୍ତି, ଯଦ୍ୱାରା ରୋଗୀମାନେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରୁଛନ୍ତି। ତେଣୁ ସେମାନଙ୍କୁ ସମ୍ମାନିତ କରି ନିଜକୁ ଗର୍ବିତ ଅନୁଭବ କରୁଛି ବୋଲି ରନ୍ଧାରୀ ମତବ୍ୟକ୍ତ କରିଥିଲେ। ଏହି ସମୟରେ ବିଧାୟକଙ୍କ ସହ ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ବିନୋଦ ଅଗ୍ରୱାଲ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରିୟ ରଞ୍ଜନ ବାହାଲି ଉପସ୍ଥିତ ଥିଲେ।



ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ସଫେଇ କର୍ମଚାରୀଙ୍କ ଗୋଡ଼ ଧୋଇ ଦେଉଛନ୍ତି ।

# ବରିଷ୍ଠ ନାଗରିକ ଦିବସରେ ଆଇନ ସଚେତନତା ଶିବିର

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି,୧।୧୦ (ସଦାଶିବ ପ୍ରହରାଜ/ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତେନ୍ତୁଳିଖୁଣ୍ଟି ନିର୍ମଳ ଆକାଶ ବୃଦ୍ଧାଶ୍ରମଠାରେ ବରିଷ୍ଠ ନାଗରିକଙ୍କୁ ନେଇ ବିଶ୍ୱ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସୋ ଆକ୍ଟ) ପ୍ରଣତି ସାହା ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ବିଭିନ୍ନ ଅଧିକାର ବିଷୟରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ, ରେଜିଷ୍ଟ୍ରାର ଜିଲ୍ଲା କୋର୍ଟ ସୁକାନ୍ତ କିଶୋର ଜେନା, ପାପଡାହାଣ୍ଡି ଏସଡିପିଓ ଆଦିତ୍ୟ ସେନ, ନବରଙ୍ଗପୁର ଆଇନଜୀବୀ ସଙ୍ଘର ସଭାପତି ନରସିଂହନାଥ ତ୍ରିପାଠୀ, ଆଇନଜୀବୀ ତପନ ସିଂହ, ସଞ୍ଜୀବ ଭଞ୍ଜ, ନବରଙ୍ଗପୁର ଓକିଲ ସଂଘ ଓ ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ଦୁର୍ଗା ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ବରିଷ୍ଠ ନାଗରିକଙ୍କ ପାଇଁ ସମ୍ବିଧାନରେ ଥିବା ବିଭିନ୍ନ ଆଇନ ବିଷୟ ନେଇ ସଚେତନ କରିଥିଲେ ଓ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। ଶେଷରେ ହାବିବ ମହମ୍ମଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ଓ ପାରା ଲିଗାଲ ସଦସ୍ୟମାନେ ସହଯୋଗ କରିଥିଲେ।


ଶିବିରରେ ମଞ୍ଚାସୀନ ଅତିଥିମାନେ ।

# ଗଣେଶ ପୂଜା ଉପଲକ୍ଷେ ନୂଆଖାଇ ଭେଟଘାଟ

ତେନ୍ତୁଳିଖୁଣ୍ଟି, ୧।୧୦ (ଚିଦାନନ୍ଦ ସାହୁ)



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାଠାରେ ଗଣେଶ ପୂଜା ଉପଲକ୍ଷେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇନ୍ଦ୍ରାବତୀ ଯୁବ ବଣିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ସ୍ତ୍ରୀ କୌଶଲ୍ୟା ପ୍ରଧାନୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିଳେନ୍ଦ୍ରୀ ନାୟକ, ନନ୍ଦାହାଣ୍ଡି ଜୋନ-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ପରଜାବାରଙ୍ଗପଦର ସରପଞ୍ଚ ବନ୍ଦିତା ନାୟକ, ସମିତିସଭ୍ୟା ସୁକାନ୍ତି ମହାନ୍ତି, ବଣିକ ସଂଘ ଉପଦେଷ୍ଟା ସୁରେନ୍ଦ୍ରନାଥ ରାଉତ, ସଭାପତି ଏସ. ମୃତ୍ୟୁଞ୍ଜୟ ପାତ୍ର, ଉପସଭାପତି ସୁରେନ୍ଦ୍ର ରାଉତ, କୋଷାଧ୍ୟକ୍ଷ ମନୋଜ ମହାପାତ୍ର, ସମ୍ପାଦକ ହରିବନ୍ଧୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି ମନବସେବା ସଂଘ ସଭାପତି ଅଖିଳ ଭତରାଙ୍କ ସମ୍ମାନିତ କରାଯାଇଥିଲା। ସେହିଭଳି ସମାଜସେବା ପାଇଁ ସଞ୍ଜୟ ବେହେରା, କୃପାନିଧି ରାଉତ, କୁନୁ ହରିଜନ ପ୍ରମୁଖଙ୍କୁ ମଧ୍ୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଗୌଡ଼ ଦେଓପାଲି, ପରଜା ଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଇଣ୍ଡସ ପବ୍ଲିକ ସ୍କୁଲ, ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱଜିତ ତ୍ରିପାଠୀ, ସୁଶାନ୍ତ ରାଉତ , ଇନ୍ଦ୍ରଜିତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲାଇନ୍ସ ସଭାପତି ଅଖିଳ ଭତରା,ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା, ବଣିକ ସଂଘ ସଭାପତି ତ୍ରିପତି ପାତ୍ର, ବ୍ୟବସାୟୀ ଟୁଟୁ ତ୍ରିପାଠୀ, ନନ୍ଦାହାଣ୍ଡି ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ପୁରନ୍ଦର ଭତ୍ରା, ଯୁବନେତା ଚନ୍ଦ୍ର ଦଳେଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଦାଶିବ ଜାନୀ, ବାବୁନି ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମଙ୍ଗଳମୟୀ ଫାର୍ମର୍ସ ପ୍ରଡ୍ୟୁସରର ବାର୍ଷିକ ସଭା

ଝରିଗାଁ,୧।୧୦(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଫୁପୁଗାଁ ପଞ୍ଚାୟତ ପୂଜାରିଗୁଡ଼ାଠାରେ ମଙ୍ଗଳମୟୀ ଫାର୍ମର୍ସ ପ୍ରଡ୍ୟୁସର ଡାଇରେକ୍ଟର ସୁପତି ମାଝିଙ୍କ ସଭାପତିତ୍ୱରେ ପ୍ରଥମ ବାର୍ଷିକ ସଭା ରବିବାର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ ବାଗ, ବ୍ଲକ ମିଶନ ଶକ୍ତି ସଂଯୋଜକ ଦେବୀଦତ୍ତ ବ୍ରହ୍ମା, ହର୍ଷ ଟ୍ରଷ୍ଟର ଜିଲା ସଂଯୋଜକ ମଦନ ମୋହନ ମହାନ୍ତି, ବ୍ଲକ ସଂଯୋଜକ କାହ୍ନୁ ଚରଣ ମଲ୍ଲିକ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଆମ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧାଂଶ ହେଉଛନ୍ତି ମହିଳା। ଏଣୁ ଆମ ଦେଶର ପ୍ରଗତି ନିମନ୍ତେ ମହିଳାମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଭାବେ ସଶକ୍ତୀକରଣ କରିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ସର୍ବଦା ମହିଳାଙ୍କ ବିକାଶ ନେଇ ଗୁରୁତ୍ୱ ଦେଉଥିବା ବ୍ଲକ କୃଷି ଅଧିକାରୀ ବାଗ୍ କହିଥିଲେ। ଦେଶର ସାମଗ୍ରିକ ବିକାଶ ପାଇଁ ମହିଳାମାନଙ୍କ ସୁରକ୍ଷା ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ନାରୀଟିଏ ଆତ୍ମନିର୍ଭରଶୀଳ ହେଲେ ସମାଜର ପ୍ରଗତିରେ ଯୋଗଦାନ କରିପାରିବେ ବୋଲି ହର୍ଷ ଟ୍ରଷ୍ଟ ଜିଲା ସଂଯୋଜକ ମହାନ୍ତି କହିଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରଡ୍ୟୁସର ମହିଳାମାନେ ୮୧ ଲକ୍ଷ ଟଙ୍କାର କାରବାର କରି ଲାଭ କରିଥିବା ଟ୍ରଷ୍ଟର ଟିମ ଲିଡର ମଲ୍ଲିକ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ, ମଙ୍ଗଳମୟୀ ଫାର୍ମର୍ସ ପ୍ରଡ୍ୟୁସର ୧୧୩୭ ମହିଳାଙ୍କୁ ନେଇ କାର୍ଯ୍ୟ କରୁଛି।


## ପ୍ରଶାସନ ଏବଂ ମାନବ ସମ୍ବଳ ନିର୍ଦ୍ଦେଶାଳୟ
## ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ

ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ଭାରତ ସରକାର
ଗ୍ରାମୋଦୟ, ୩, ଇର୍ଲା ରୋଡ୍, ଭିଲେ ପାର୍ଲେ (ପଶ୍ଚିମ), ମୁମ୍ବାଇ - ୪୦୦୦୫୬
ଟେଲି: ୦୨୨-୨୬୭୧୪୨୬୭, ଇ-ମେଲ: adm.kvic@gov.in
ୱେବ୍‌ସାଇଟ୍: www.kvic.gov.in

Ministry of Micro, Small & Medium Enterprises, Government of India

### ଓବିସି ବର୍ଗ ଅଧୀନରେ ସହକାରୀ ନିର୍ଦ୍ଦେଶକ-୧ ପଦବୀ ନିମନ୍ତେ ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି

ଗ୍ରୁପ୍-ବି ବର୍ଗରେ ବେତନ ମାଟ୍ରିକ୍ସ ଲେଭଲ-୯ରେ ସହକାରୀ ନିର୍ଦ୍ଦେଶକ-୧ ପଦବୀ ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ସମସ୍ତ ପ୍ରାର୍ଥୀମାନଙ୍କ ସୂଚନାର୍ଥେ ଏହା ଜଣାଇ ଦିଆଯାଉଛି ଯେ, ସହକାରୀ ନିର୍ଦ୍ଦେଶକ- ୧ ପଦବୀ ନିମନ୍ତେ ପଞ୍ଜୀକରଣ କରିବା ଏବଂ ଅନ୍‌ଲାଇନ୍ ଦରଖାସ୍ତ ଫର୍ମର ଚୂଡ଼ାନ୍ତ ଦାଖଲ କରିବାର ତାରିଖ, ଯାହା ପୂର୍ବରୁ ତା୩୦।୦୯।୨୦୨୩ ରିଖ ଭାବେ ଅଧିସୂଚିତ ହୋଇଥିଲା, ତାହାକୁ ତା୧୫।୧୦।୨୦୨୩ ରିଖ (୨୩.୪୫ ଘଟିକା ପର୍ଯ୍ୟନ୍ତ) ବୃଦ୍ଧି କରାଯାଇଛି ।

ଏହା ଧ୍ୟାନରେ ରଖିବା ଆବଶ୍ୟକ ଯେ ପଞ୍ଜୀକରଣ/ଆବେଦନର ଅବଧିକୁ ଉକ୍ତ ତାରିଖରୁ ଆଉ ଅଧିକ ବୃଦ୍ଧି କରାଯିବ ନାହିଁ ।

ନିର୍ଦ୍ଦେଶକ (ପ୍ରଶାସନ ଏବଂ ମାନବ ସମ୍ବଳ)


# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି , ୧।୧୦ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ପରିସରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ନିଳେନ୍ଦ୍ରୀ ନାୟକ, ଏବିଡିଓ କୃପାସିନ୍ଧୁ ନାୟକ, କନିଷ୍ଠ ଯନ୍ତ୍ରୀ କ୍ରାନ୍ତି ପଟ୍ଟନାୟକ, ବିକାଶ ବାରା, ବ୍ଲକର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ପରିବେଶକୁ ସ୍ୱଚ୍ଛ ରଖିବାକୁ ପ୍ରଥମେ ସମସ୍ତେ ଶପଥ ପାଠ କରିଥିଲେ। ପରେ ବ୍ଲକ୍ ପରିସରରେ ଝାଡ଼ୁ ମାରି ସଫା କରିଥିଲେ। ସେହିପରି ସମସ୍ତ କର୍ମଚାରୀ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ପରିସର ସଫା କରିଥିଲେ। ତେନ୍ତୁଳିଖୁଣ୍ଟି ଥାନା ତରଫରୁ ହୋମଗାର୍ଡମାନେ ନୂତନ ଥାନା ସମ୍ମୁଖ ଅଞ୍ଚଳ ସଫା କରିଥିଲେ।

**ଡାବୁଗାଁ, (ପ୍ରଜ୍ଞାରଞ୍ଜନ ପରିଡା)-** ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ର ନିଶା ନିବାରଣ, ପ୍ଲାଷ୍ଟିକ ହଟାଓ ଆଦି ସଚେତନତା ବାର୍ତ୍ତା ଦେଇ ବଜାର ପରିକ୍ରମା କରିବା ସହ ଅଳିଆ ଆବର୍ଜନା ସଫା କରିଥିଲେ। ପରେ ମହାବିଦ୍ୟାଳୟର ସଭା ଗୃହରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭୈରବ ସ୍ନାତକ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ଯୋଗଦେଇଥିଲେ । ଏହି ସଭାରେ ଅଧ୍ୟାପକ ମେକ୍ସ ନାୟକ, ଦୟାରାମ ମନହୋର, ପଞ୍ଚାନନ ପୂଜାରୀ ଓ ଅଧ୍ୟାପିକା ଉର୍ମିଳା ବ୍ରହ୍ମା, ପୁଷ୍ପାଞ୍ଜଳି ସାହୁ, ଚନ୍ଦନା ପଣ୍ଡା ଓ ମନିଷା ସରକାର ଯୋଗ ଦେଇଥିଲେ ।

**କୋଡିଙ୍ଗା, (ସମରେନ୍ଦ୍ର ପଟ୍ଟନାୟକ)-** କୋଷାଗୁମୁଡା ବ୍ଲକ କୋଡିଙ୍ଗା ସଦର ପଞ୍ଚାୟତଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୋଡିଙ୍ଗା ତହସିଲଦାର ଟିଙ୍କୁନୁ ପୁଟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଗ୍ରାମର ଜଗନ୍ନାଥ ମନ୍ଦିର, ଦୁର୍ଗା ମଣ୍ଡପ, ମୁଖ୍ୟ ରାସ୍ତା ସଫେଇ କରାଯାଇଥିଲା। ଏହାପରେ ଗ୍ରାମର ମୁଖ୍ୟରାସ୍ତା ଛକରେ ପଥଚାରୀଙ୍କୁ ସ୍ୱଚ୍ଛତାକୁ ନେଇ ସଚେତନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାରଙ୍କ ସମେତ, କୋଡିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, କୋଡିଙ୍ଗା ଥାନା ଅଧିକାରୀ ଯୁଗଳ ଶବରଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି କୋଷାଗୁମୁଡା ଠାରେ ବ୍ଲକ ମୋଟର ଚାଳକ ସଂଘ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରଯାଇଥିଲା ।


କୋଡିଗାଁ ଛକରେ ସଫେଇ କାର୍ଯ୍ୟ କରାଯାଉଛି ।


ଡାବୁଗାଁରେ ସଫେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସଦସ୍ୟ ।

# ବିଶ୍ୱ ପର୍ଯ୍ୟଟନ ଦିବସରେ କୁଇଜ୍ ପ୍ରତିଯୋଗିତା



ବିଶ୍ୱ ପର୍ଯ୍ୟଟନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର,୧।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପର୍ଯ୍ୟଟନ ବିଭାଗ ତରଫରୁ ଶନିବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ସ୍ଥାନୀୟ ପୌରପାଳିକା ଉଚ୍ଚବିଦ୍ୟାଳୟ ଓ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଟି ବର୍ଗର ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଜିଲା ସଂସ୍କୃତି ତଥା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ,ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ରାୟ, ଅଧ୍ୟକ୍ଷ ଡିଗ୍ରୀ ମହାବିଦ୍ୟାଳୟ ଡ. ରଞ୍ଜନ କୁମାର ବେହେରା, ସହକାରୀ ପ୍ରଧାପକ ରାଜୀବ ଜାଲଙ୍କ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ନବରଙ୍ଗପୁର ପୌରପାଳିକା ଓ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।


## OFFICE OF THE DHENKANAL MUNICIPAL COUNCIL, DHENKANAL

No.C-1523

### E-Procurement Notice

**Tender Call Notice No.3840/DKLMPLTY/Date:27.09.2023**

1. Name of the Work : Individual Civil Construction Work Published the website.
2. No. of Works put to tender : 104 Nos. individual works
3. Estimated Cost : Rs.1.926 Lakhs upto 19.97 Lakhs
4. Period of Completion : 45 days
5. Date and Time of availability of bid document in the portal : From 11.00 hours of Dt.03.10.2023 to 17.30 hrs of Dt.09.10.2023
6. Last date/time for receipt of bids : 17.30 hours of Dt.09.10.2023
7. Date and Time of Opening of Bid : 11.00 hours of Dt.11.10.2023
8. Name and Address of the Officer Inviting Bid : Executive Officer, Dhenkanal Municipality, Dhenkanal

Further details can be seen from the e-Procurement portal **https://tenderorissa.gov.in.**

**Sd./- Executive Officer**
**Dhenkanal Municipality**
**OIPR-13146/11/0025/2324**


# ସ୍ୱଚ୍ଛ ପରିବେଶ ଆମ ଦାୟିତ୍ୱ

ନବରଙ୍ଗପୁର,୧।୧୦(ସଦାଶିବ ପ୍ରହରାଜ)

ଜାତୀୟ ସେବା ଯୋଜନାର (ଏନଏସଏସ) ପୁରୁଷ ଶାଖା ପକ୍ଷରୁ ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଏକ ପରିବାର,ଏକ ଘଣ୍ଟା,ଏକ ଲକ୍ଷ୍ୟ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଭାସ୍କର ନାଥ ବିଶାଳ ଯୋଗଦେଇ ଛାତ୍ରୀଛାତ୍ରୀଙ୍କୁ ନିଜ ଚତୁଃପାର୍ଶ୍ୱର ପରିବେଶ ସ୍ୱଚ୍ଛତା ନିଜର ଦାୟିତ୍ୱ ବୋଲି କହି ନିଜ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ଼ି ଗୋବିନ୍ଦା ରାଓ, ପ୍ରାଧ୍ୟାପିକା ସଙ୍ଗୀତା ତ୍ରିପାଠୀ, ଅଧ୍ୟାପକ ପ୍ରଭଞ୍ଜନ ବେହେରା, ଅଧ୍ୟାପକ ଡ. ରୁଦ୍ର ମାଝୀ, ଡେମନଷ୍ଟ୍ରେଟର ସୁରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ଡକ୍ଟର ଜାହାଙ୍ଗୀର ମହମ୍ମଦ ପରିଚାଳନା କରିଥିବା ବେଳେ ଜୀବବିଜ୍ଞାନ ବିଭାଗର ଲ୍ୟାବ ସହାୟକ ରାଜନ ତ୍ରିପାଠୀ ସହଯୋଗ କରିଥିଲେ ।


## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR

Ph.No.-0674-2301787, Fax No.0674-2300965, Email ID:eerw_bbsr@yahoo.co.in
No.Tender-Online-BBSR Divn.-19 Date:26.10.2023

### e-Procurement NOTICE

**No.O-1162:**1. Name of the Work: Construction of Building Work. 2. Total No. of Projects: 14 Nos. 3.Class of Contractor (As per Works Deptt. Office Memorandum No.12586, dt.09.09.2022). a) Above Rs.20 lakh and upto 3 Crore : 'B' Class (of Odisha PWD) or equivalent class of other licensing authorities. b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities. c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities. 4. Estimate cost of Individual Projects: Rs.40.00 lakh to Rs.70.00 Lakh. 5. Time for completion: 6 (Six) Calendar Months. 6. Other details:

| Procurement Officer | Bid Identification No. | Availability of Tender online for Bidding | | Date & Time of opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-19 | 04.10.2023 at 11.00 A.M. | 17.10.2023 upto 5.00 P.M. | 18.10.2023 at 11.00 A.M. | 25.10.2023 at 11.00 A.M. |

7. Further details can be seen from the website www.tendersorissa.gov.in.
8. Corrigendum if any/ shall only be published in the above website.

OIPR-25189/11/0007/2324 **Sd./- Superintending Engineer, Rural Works Division, BBSR**



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.RDM-LAA-MBJ-0007-2023-23976 / R&DM, Dated 06.07.2023

No. XXI-23:- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ଦେଓ ଜଳସେଚନ ପ୍ରକଳ୍ପର ଟେଲ ମାଇନର କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଫୁଲଗୁଛା, ଥାନା- ରରୁଆଁ ନଂ.୧୫୨, ତହସିଲ- ଶୁକ୍ରୁଲି, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୫୯ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଦେଓ ଜଳସେଚନ ପ୍ରକଳ୍ପର ଟେଲ ମାଇନର କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ -ନିର୍ବାହୀ ଯନ୍ତ୍ରୀ, ଦେଓ କେନାଲ ଡିଭିଜନ, କରଞ୍ଜିଆ, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ସ୍ୱତନ୍ତ୍ର ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜ।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ଶୁକ୍ରୁଲି | ଫୁଲଗୁଛା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୮.୩୮ | ଏ.୧.୫୯ | ଏଥିସହିତ ସଂଲଗ୍ନ |

ଉକ୍ତ ଜମିର ଏକ ନକ୍ସା ଭୂ-ଅର୍ଜନ ପୁନଃ ବସତି ଓ ଥଇଥାନ ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

LAND SCHEDULE FOR PERMANENT ACQUISITION OF LAND FOR TAIL MINOR OF RIGHT MAIN DISTRIBUTARY OF DEO IRRIGATION PROJECT, KARANJIA

**ମୌଜା- ଫୁଲଗୁଛା, ଥାନା- ରରୁଆଁ-୧୫୨, ତହସିଲ- ଶୁକ୍ରୁଲି, ଜିଲ୍ଲା- ମୟୂରଭଞ୍ଜ**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|
| ୧ | ୨୬ | ୧୪୦୯ | ୦.୧୯ | ୦.୧୦ | ଚାରିବା ପୂର୍ତ୍ତି, ସ୍ୱା.- ମହେଶ୍ୱର ପୂର୍ତ୍ତି, ଜା- କୋହ୍ଲ, ବା- ନିଜଗାଁ |
| ୨ | ୨୯ | ୧୫୦୨ | ୦.୦୭ | ୦.୦୪ | ଜୟଦେବ ନାଏକ, ପରମେଶ୍ୱର ନାଏକ, ବନେଶ୍ୱର ନାଏକ, ପି.- ବିଦ୍ୟାଧର ନାଏକ, ଗୋବର୍ଦ୍ଧନ ନାଏକ, ପି.- ଲୋଚନ ନାଏକ, ଅର୍ଜୁନ ଚରଣ ନାଏକ, ପି.- ମଧୁସୂଦନ ନାଏକ, ରୁଦନା ନାୟକ, ସ୍ୱା.- କ୍ଷେତ୍ରମୋହନ ନାଏକ, ଜା- ଗଣ୍ଡ, ବା- ନିଜଗାଁ |
| | | ୧୫୦୩ | ୦.୨୫ | ୦.୦୫ | |
| | | ୧୫୦୪ | ୦.୧୫ | ୦.୦୩ | |
| | | ୧୫୦୫ | ୦.୧୯ | ୦.୦୪ | |
| | | ୧୫୧୦ | ୦.୨୧ | ୦.୧୨ | |
| | | ୧୫୧୧ | ୦.୧୪ | ୦.୦୪ | |
| | | ୧୫୧୨ | ୧.୮୫ | ୦.୩୦ | |
| | | ୧୫୧୩ | ୦.୬୦ | ୦.୦୩ | |
| | | ୧୪୯୯ | ୧.୪୮ | ୦.୦୩ | |
| ୩ | ୩୯ | ୧୪୩୧ | ୦.୧୨ | ୦.୦୧ | ତାରାଚାନ୍ଦ ନାଏକ, ପି.- ମକରୁ ନାଏକ, ତାରାମଣି ନାଏକ, ସ୍ୱା.- ମକରଧ୍ୱଜ ନାଏକ, ଜା- ଗଣ୍ଡ, ବା- ନିଜଗାଁ |
| | | ୧୪୩୨ | ୧.୨୫ | ୦.୦୮ | |
| ୪ | ୪୪ | ୧୪୧୩ | ୦.୧୬ | ୦.୦୩ | ଦୀନବନ୍ଧୁ ନାଏକ, କୋହ୍ଲୁ ନାଏକ, ପି.- ମକୁନ୍ଦ ନାଏକ, ସୁମିତ୍ରା ନାଏକ, ସ୍ୱା.- ଶମ୍ଭୁ ନାଏକ, ଖଇରମଣି ନାଏକ, ପି.- ଦୀନବନ୍ଧୁ ନାଏକ, ଜା- ଗଣ୍ଡ, ବା- ନିଜଗାଁ |
| | | ୧୪୧୪ | ୦.୪୦ | ୦.୧୩ | |
| ୫ | ୬୦ | ୧୪୧୬ | ୦.୧୦ | ୦.୦୫ | ପ୍ରତାପ ଚନ୍ଦ୍ର ନାଏକ, ପି.- ଜଗବନ୍ଧୁ ନାଏକ, ବାସ ନାଏକ, ସ୍ୱା.- ଜଗବନ୍ଧୁ ନାଏକ, ବନମାଳୀ ନାଏକ, ପି.- ଭାଗୀରଥି ନାଏକ, ଜା- ଗଣ୍ଡ, ବା- ନିଜଗାଁ, ପ୍ରଭାକର ନାଏକ, ଦିବାକର ନାଏକ, ପି.- ଦର୍ଶନ ନାଏକ, ଜା- ସାଉନ୍ତି, ବା- ସୁନାପୋଷି |
| ୬ | ୭୧ | ୧୪୩୦ | ୦.୪୩ | ୦.୧୮ | ବିମଳା ନାଏକ, ପି.- ମଙ୍ଗୁଲୁ ନାଏକ, ଜା- ଗଣ୍ଡ, ବା- ନିଜଗାଁ |
| ୭ | ୧୧୧ | ୧୪୧୫ | ୦.୪୧ | ୦.୨୯ | ରଷିନାଥ ନାଏକ, ପି.- ଇନ୍ଦ୍ରନାଥ ନାଏକ, ଡମ୍ବରୁଧର ନାଏକ, ପି.- ମାର୍କଣ୍ଡ ନାଏକ, ବୁଧୁରାମ ନାଏକ, ପି.- କାନ୍ଦୁର ନାଏକ, ଜା- ଗଣ୍ଡ, ବା- ନିଜଗାଁ |
| ୮ | ୧୨୨ | ୧୪୩୩ | ୦.୩୮ | ୦.୦୪ | ଶ୍ରୀହରି ନାଏକ, ପି.- ଭାଗିରଥୀ ନାଏକ, ଜା- ଗଣ୍ଡ, ବା- ନିଜଗାଁ |
| | ମୋଟ | ୧୮ ଗୋଟି ପ୍ଲଟ୍ | ୮.୩୮ | ୧.୫୯ | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଏଲୋରା ସାମଲ), ଯୁଗ୍ମ ଶାସନ ସଚିବ**

OIPR-24001/14/0072/2324

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ମାଲକାନଗିର, ୧।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୁଲ୍ୟରେ ଜିଲାପାଳ ବିଶାଳ ସିଂଙ୍କ ତତ୍ତ୍ୱାବଧାନରେ –ରବିବାର ସ୍ଥାନୀୟ ମାଲ୍ୟବନ୍ତ ଛାତ୍ରାବାସ ପ୍ରାଙ୍ଗଣରେ ଜିଲା ପ୍ରଶାସନ ତରଫରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସମାରୋହର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ଓ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗ ଦେଇଥିଲେ। ଅତିଥିମାନେ ବରିଷ୍ଠ ନାଗରିକମାନଙ୍କର ଅଧିକାର ପ୍ରତି ସଚେତନତା କରାଇବା ସହ ସେମାନଙ୍କ ସହ ସମ୍ବେଦନଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧାରୁଆ ସ୍ୱାଗତ ଭାଷଣ ଦେଇ ବିଭାଗ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୂଜବଳ, ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାସ, ପୂର୍ବତନ ଉପଜିଲାପାଳ ରଥିକୃଷ୍ଣ ପାତ୍ର ପୂର୍ବତନ ଶିକ୍ଷାବିତ ରବୀନ୍ଦ୍ରନାଥ ମହାରଣା, ପ୍ରଫେସର ନୀଳମାଧବ ବେହେରା, ଦୁର୍ଗା ପ୍ରସାଦ ରାଜ, ଦୁର୍ଗା ପ୍ରସାଦ ତ୍ରିପାଠୀ ଓ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକ ସମାରୋହରେ ପ୍ରଥମେ ସମସ୍ତ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ୩ ଜଣ ବରିଷ୍ଠ ନାଗରିକ ଶିବ ପ୍ରସାଦ ପାତ୍ର, ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ନବକିଶୋର ସାହୁ, ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କର୍ମଚାରୀ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉପଢୌକନ ପ୍ରଦାନ ପୂର୍ବକ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

ମଧ୍ୟାହ୍ନ ଭୋଜନ ପରେ ସମସ୍ତ ବରିଷ୍ଠ ନାଗରିକଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର ଏବଂ ହାଣ୍ଡି ଭଙ୍ଗା ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ବ୍ରହ୍ମ କୁମାରୀ ସେବା ସଂଗଠନ ଦ୍ୱାରା ଧାର୍ମିକ ଏବଂ ପ୍ରେରଣା ଦାୟକ ଉଦ୍‌ବୋଧନ ଦିଆଯାଇଥିଲା। ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ, ବିଭିନ୍ନ ବ୍ଲକ ଓ ପୌର ପରିଷଦର ବରିଷ୍ଠ ନାଗରିକ, ସାମାଜିକ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପରିଚାଳନା କରିଥିଲେ।



ବରିଷ୍ଠ ନାଗରିକ ଦିବସ ଅବସରରେ ଯୋଗ ଦେଇଥିବା ଅତିଥି ।

## ସଂକ୍ଷେପରେ

### ଷ୍ଟେଟ ବ୍ୟାଙ୍କ ତରଫରୁ ସ୍ୱଚ୍ଛତା ଦିବସ ପାଳନ



ମାଲକାନଗିର, ୧।୧୦(ଦୁର୍ଯ୍ୟୋଧନ ପାତ୍ର)
ମାଲକାନଗିରି ଜିଲା ସଦର ମହକୁମାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ରବିବାର ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କର କମୁଖ୍ୟ ପରିଚାଳକଙ୍କ ସହ ସମସ୍ତ ସହ ପରିଚାଳକ, କର୍ମଚାରୀମାନେ ବ୍ୟାଙ୍କ ପରିସରରୁ ବାହାରି ଦୈନିକ ବଜାର, ସୁବାସ ବୋଷ ଛକ ଠାରୁ ଥାନା ଛକ ପର୍ଯ୍ୟନ୍ତ ସଫେଇ କରିଥିଲେ। ଏଥିସହ ସାଧାରଣ ଜନତା ନିଜ ଘର ପରିବେଶ ପରିଷ୍କାର ପରିଛନ୍ନ ରଖିବା ସହ ପ୍ଲାଷ୍ଟିକ ବର୍ଜନ, କରିବା ପାଇଁ ସଚେତନତା କରିଥିଲେ। କାର୍ଯ୍ୟକ୍ରମକୁ ନରସିଂହ ସାହୁ ପରିଚାଳନା କରିଥିଲେ। ଏଥିସହ ଜିଲା ବାଳକ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମହିଳା ମହାବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବିଭିନ୍ନ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସ୍ୱଚ୍ଛତା ଦିବସ ପାଳନ କରିଥିଲେ।

### ଅସହାୟଙ୍କୁ ସହଯୋଗର ହାତ ବଢ଼ାଇଲେ ମହିଳା ସଭାନେତ୍ରୀ

ଚିତ୍ରକୋଣ୍ଡା, ୧।୧୦(କ୍ଷୀରୋଦ ବେହେରା)
ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ପଣସପୁଟ, ଯୋଡାମ୍ବ ଓ ଆଣ୍ଡରାପାଲି ପଞ୍ଚାୟତ ଗସ୍ତ ସମୟରେ ରୋଗ ଶଯ୍ୟାରେ ପଡ଼ିଥିବା ରୋଗୀଙ୍କ ବନ୍ଧୁ ସାଜିଲେ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ। ଲକ୍ଷ୍ମୀପ୍ରିୟା ଓ ସୁନିତା ଜେନା ଏବଂ ଅନ୍ୟ ବରିଷ୍ଠ ବିଜେଡି କର୍ମୀ ଶିବ ପ୍ରସାଦ ଖରା, ଅବଜରଭର ବିଜିତ ସିଂ,ବରିଷ୍ଠ କର୍ମୀ ଦେବେନ୍ଦ୍ର ଦାସ, ପୀତାମ୍ବର ଖେମୁଡୁ, ଡମ୍ବରୁ ହରିଜନ, ସୁବର୍ଣ୍ଣ ପାଲିଗୁ, ଲକ୍ଷ୍ମୀ ମାଣ୍ଡି ମିଶି ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳ ଗସ୍ତ କରିଥିଲେ। ସେହି ସମୟରେ ଦୀର୍ଘ ଦିନ ହେବ ରୋଗ ଶଯ୍ୟାରେ ପଡିଥିବା ରୋଗୀଙ୍କ ଉପରେ ଦୃଷ୍ଟି ପଡିଲା। ତେଣୁ ସେ ତାଙ୍କ ଘର ଲୋକଙ୍କଠାରୁ ଅବଗତ ହୋଇ ୧୯ ଜଣ ରୋଗୀଙ୍କୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରି ଟିମ ଉନ୍ନତ ମାନର ଚିକିତ୍ସା ପାଇଁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ତୁରନ୍ତ ନାୟକ ବସ ଏବଂ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

### ରକ୍ତଦାନ କାର୍ଯ୍ୟକ୍ରମ କରି ଶଶିଭୂଷଣ ସମ୍ବର୍ଦ୍ଧିତ

ଜୟପୁର, ୧।୧୦ (ପବନ ପାଣିଗ୍ରାହୀ )
କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଅବସରରେ ଶଶିଭୂଷଣ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦାଶ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱ ବହନ କରିବା ସହିତ ବିଭିନ୍ନ ରକ୍ତଦାନ ଶିବିର ଆୟୋଜନ ଓ ଏ କ୍ଷେତ୍ରରେ ସହଯୋଗ କରି ଆସୁଥିବାରୁ ତାଙ୍କୁ କୁଳପତି ସମ୍ବର୍ଦ୍ଧିତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଦାଶ ଓଡ଼ିଶା ଅମଲା ସଂଘ ସଭାପତି, କୋରାପୁଟ ଜିଲାର ମିଳିତ ଅମଲା ସଂଘ ସଭାପତି ଏବଂ ଓଡ଼ିଶା ଅମଲା ସଂଘର ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ରୂପେ ଦାୟିତ୍ୱ ତୁଲାଉଛନ୍ତି।

# ୟାମାହା ଶୋ ରୁମ୍ ଉଦ୍‌ଘାଟିତ

ମାଲକାନଗିରି, ୧।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଗଣେଶ ମାର୍କେଟ ମୁଖ୍ୟ ରାସ୍ତା କଡରେ ରବିବାର ୟାମାହା ଶୋ ରୁମ୍‌କୁ କୋରାପୁଟ ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସ୍ୱତନ୍ତ୍ର ଉନ୍ନୟ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ସଭାପତି ମାନସ ମାଡକାମି, ବରିଷ୍ଠ ନେତା ସତ୍ୟ ପାଣିଗ୍ରାହୀଙ୍କ ସହ କୋରୁକୋଣ୍ଡା, ବାଲିମେଲା, ମାଥିଲି ଏବଂ ମାଲକାନଗିରି କାଲିମେଲା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣ କରିଥିଲେ । ଏହି ଶୋ ରୁମ ମାଲିକ ଉମା ସାହୁ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମାଲକାନଗିରି ଜିଲାରେ ଏପରି ଏକ ଶୋ ରୁମର ଆବଶ୍ୟକତା ଅଛି। ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ସ୍କୁଟି ପ୍ରଦାନ କରିଥିବାରୁ ବର୍ତ୍ତମାନ ଜିଲାରେ ଏହି ବାଇକ୍‌ର ଚାହିଦା ବୃଦ୍ଧି ପାଇଛି।



ୟାମାହା ଶୋ ରୁମ୍‌କୁ ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି ।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ୪ ଗିରଫ

ମାଲକାନଗିରି, ୧।୧୦(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଆଦର୍ଶ ଥାନା ପୋଲିସ ଓ ଅବକାରୀ ବିଭାଗ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସୂଚନାନୁଯାୟୀ, ଶନିବାର ରାତିରେ ମାଲକାନଗିରି ଥାନା ଏସ୍‌ଆଇ ସପ୍ନେଶ୍ୱର ଭୋଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ମାଲକାନଗିରି ସଦର ମହକୁମାଠାରୁ ୫ କିଲୋମିଟର ଦୂରରେ ଥିବା ଚମ୍ପାଖାରୀ ଗ୍ରାମ ନିକଟରେ ପାଟ୍ରୋଲିଂ ଓ ଗାଡି ଯାଞ୍ଚ କରୁଥିବା ସମୟରେ ତିନୋଟି ବୋଲେର ଦ୍ରୁତଗତିରେ ଆସୁଥିବା ଦେଖି ଉକ୍ତ ଗାଡିଗୁଡିକୁ ଅଟକାଇ ଯାଞ୍ଚ କରିବାରୁ ଗାଡିରେ ଗଞ୍ଜେଇ ଥିବା ଜାଣି ଗାଡି ଜବତ ସହ ୩ଜଣଙ୍କୁ ଗିରଫ କରିଥିଲେ। ଏହି ତିନୋଟି ଗାଡିରୁ ମୋଟ ୬୦୪ କେଜି ଗଂଜେଇ ଜବତ ହୋଇଥିବା ବେଳେ ଅଭିଯୁକ୍ତ ୩ ଜଣ ମାଲକାନଗିରି ସଦର ମହକୁମା ତଳସାହି ନିବାସୀ ଏମ୍. ମୋହନ ରାଓ, ଚିତ୍ରକୋଣ୍ଡା ବ୍ଲକ ରାଜବନ୍ଧ ଗ୍ରାମର ପଦ୍ମନ ମୁଦୁଲି ଓ ନାକାମାମୁଡି ଗ୍ରାମର ଶିବଶଙ୍କର ଖିଲଙ୍କୁ ଗିରଫ କରିଛନ୍ତି। ରବିବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏଥିସହ ୩ ମୋବାଇଲ, ନଗଦ ୩୫୦ ଟଙ୍କା ମଧ୍ୟ ଜବତ କରାଯାଇଛି।

ସେହିପରି ଅନ୍ୟ ଏକ ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଗୌଡଗୁଡା ପଞ୍ଚାୟତ ଛକରେ ପାଟ୍ରୋଲିଂ ଚାଲିଥିଲା। ସେହି ସମୟରେ ଏକ କାର ଦ୍ରୁତଗତିରେ ଆସୁଥିବା ଦେଖି ଅଟକାଇ ଯାଞ୍ଚ କରିବାରୁ ସେଥିରେ ୪ଟି ବସ୍ତାରେ ଗଞ୍ଜେଇ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ତେବେ ଉକ୍ତ କାର ଓ ଗଞ୍ଜେଇ ବସ୍ତା ସହ ଗାଡି ଚାଳକଙ୍କୁ ଗିରଫ କରିଥିଲେ । ଉକ୍ତ ଚାରୋଟି ବସ୍ତାରେ ମୋଟ ୮୮ କେଜି ଗଞ୍ଜେଇ ଥିବା ବେଳେ ଅଭିଯୁକ୍ତ ଜଣଙ୍କ ସଞ୍ଜୟ ବିଶ୍ୱାସ ବୋଲି ଜଣାପଡଛି। ଏହି ଗଞ୍ଜେଇ ଚିତ୍ରକୋଣ୍ଡା ଅଞ୍ଚଳରୁ ଚୋରା ଚାଲାଣ ହେଉଥିବା ତଦନ୍ତରୁ ଜଣାପଡିଛି ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ।

# ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା, ୧।୧୦(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମସ୍ତ ସହଯୋଗୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ନେଇ ବିଦ୍ୟାଳୟ ପରିସରକୁ ଏକ ଦିନ ଏକ ଘଣ୍ଟା ଉଦ୍ଦେଶ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମକୁ ଆଗେଇ ନେଇ ବିଦ୍ୟାଳୟ ପରିବେଶକୁ ସଫା କରାଯାଇଛି। ସଦାସର୍ବଦା ବିଦ୍ୟାଳୟ ତଥା ଦେଶକୁ ସ୍ୱଚ୍ଛ ଆଡକୁ ଆଗେଇ ନେବାକୁ ଶପଥ ପାଠ କରିବା ସହିତ ବ୍ୟାନର ପୋଷ୍ଟର, କୋଡି, କୋଦାଳ ଓ ଝାଡୁ ଧରି ସ୍ୱଚ୍ଛତା ଉପରେ ଏକ ସଚେତନତାର ବାତାବରଣ ସୃଷ୍ଟି କରିଛନ୍ତି। ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଙ୍କୁ ନେଇ ଏକ ସାଧାରଣ ସଭା କରାଯାଇ ଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ସଫା କରି ସରସ ସୁନ୍ଦର ଓ ସ୍ୱଚ୍ଛ ରଖିବାକୁ ଆଲୋଚନା କରାଯାଇଥିଲା ।




ବାଳିକା ଉଚ୍ଚବିଦ୍ୟାଳୟ ପକ୍ଷରୁ ବାହାରିଥିବା ସ୍ୱଚ୍ଛତା ରାଲି ।

# ଶତାୟୁ ମଣିମା ରନ୍ଧାରୀଙ୍କୁ ସମ୍ବର୍ଦ୍ଧିତ କଲେ ଉପଜିଲାପାଳ

ଜୟପୁର, ୧।୧୦ (ପବନ ପାରିଗ୍ରାହୀ )

କୋରାପୁଟ ଜିଲା ପ୍ରଶାନ ପକ୍ଷରୁ କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଟପାଡ଼ ବ୍ଲକର ଭନସୁଲି ଗ୍ରାମର ୧୦୧ ବର୍ଷୀୟା ମଣିମା ରନ୍ଧାରୀଙ୍କୁ ରବିବାର ବିଶ୍ୱ ବରିଷ୍ଠ ନାଗରିକ ଦିବସ ଅବସରରେ ଉପଜିଲାପାଳ ପ୍ରଭାତ ପରିଡ଼ା ଏବଂ କୋଟପାଡ଼ ବିଡିଓ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଶାସନ ତରଫରୁ ବିଭିନ୍ନ ବ୍ଲକର ପଞ୍ଚାୟତଗୁଡିକରେ ବରିଷ୍ଠ ନାଗରିକମାନଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ଜୟପୁର ବ୍ଲକ ବାରିଣିପୁଟ ପଞ୍ଚାୟତ ଏବଂ ଉମୁରୀ ପଞ୍ଚାୟତ ବରିଷ୍ଠ ନାଗରିକ ଦିବସରେ ବିଡିଓ ରାଜୀବ ଦାଶ ବରିଷ୍ଠ ନାଗରିକ ମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ସହିତ ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର, ପିଇଓ ଶ୍ରୀନିବାସ ପଟ୍ଟନାୟକ ଉପସ୍ଥିତ ଥିଲେ।

# ବସୁଧା ପ୍ରକଳ୍ପ ଅଚଳ, ଜଳକଷ୍ଟରେ ଗ୍ରାମବାସୀ

ନନ୍ଦପୁର, ୧।୧୦ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତ ଖିନବର ପଞ୍ଚାୟତ ସଦର ମହକୁମାରେ ବର୍ଷା ଦିନରେ ପାନୀୟ ଜଳକଷ୍ଟ ଦେଖା ଦେଇଛି। ଗ୍ରାମରେ ଥିବା ବସୁଧା ପ୍ରକଳ୍ପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଦେଢ଼ ମାସ ହେଲା ଲଗାଣ ବର୍ଷା ଲାଗି ରହିଛି। ଲୋକେ ଘରୁ ବାହାରିବା କଷ୍ଟ ହେଉଛି। ପଞ୍ଚାୟତରେ ନେଟୱର୍କ ସେବା କୌଣସି ଗ୍ରାମରେ ନାହିଁ। ମାସାଧିକ କାଳ ହେଲା ପଞ୍ଚାୟତର ପିଇଓ, ସରପଞ୍ଚ, ସମିତି ସଭ୍ୟ ନିଜ ନିଜ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ଧାରଣା ଓ ପ୍ରତିବାଦରେ ଲିପ୍ତ ରହିଥିବାରୁ ପ୍ରକଳ୍ପ ଅଚଳ ପ୍ରତି କାହାରି ଦୃଷ୍ଟି ନଥିବା ୱାର୍ଡ ସଭ୍ୟା ବାସନ୍ତୀ ଖିଲ ଅଭିଯୋଗ କରିଛନ୍ତି। ଖିନବର ଗ୍ରାମର ୮୦ରୁ ଉର୍ଦ୍ଧ୍ୱ ପରିବାର ବର୍ଷାଦିନେ ଝରଣା ଜଳ ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ନନ୍ଦପୁର ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀଙ୍କୁ ପଚାରିବାରୁ ସେ କହିଲେ, ଆସନ୍ତା ଦୁଇ ଦିନ ମଧ୍ୟରେ ମରାମତି ନିମନ୍ତେ ଆବଶ୍ୟକ ସରଞ୍ଜାମ ଯୋଗାଡ଼ କରି ମଙ୍ଗଳବାର ସୁଦ୍ଧା ମରାମତି କରାଯାଇ ଜଳଯୋଗାଣ ହେବ ବୋଲି ସେ କହିଛନ୍ତି।

# ୧୮ ପଞ୍ଚାୟତକୁ ମିଳିବ ଆବର୍ଜନା ନିଷ୍କାସନ ଗାଡ଼ି

ଚିତ୍ରକୋଣ୍ଡା, ୧।୧୦(କ୍ଷୀରୋଦ ବେହେରା)

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା ବ୍ଲକରେ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ଆନୁକୂଲ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କନିଷ୍ଠ ଯନ୍ତ୍ରୀ ବିବେକ ଜାନିଙ୍କ ସହଯୋଗରେ ବ୍ଲକ ତଥା ପଞ୍ଚାୟତର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ବ୍ଲକ ପରିଷରକୁ ସଫା କରାଯାଇଛି। ନିଜ ଗାଁ, ବ୍ଲକ ତଥା ଦେଶକୁ ସ୍ୱଚ୍ଛତା ଆଡକୁ ଆଗେଇ ନେବାକୁ ଶପଥ ପାଠ କରିବା ସହିତ ବ୍ୟାନର ପୋଷ୍ଟର, କୋଡି, କୋଦାଳ ଓ ଝାଡୁ ଧରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ୱଚ୍ଛତା ଉପରେ ଏକ ସଚେତନତା ବାତାବରଣ ସୃଷ୍ଟି କରିଛନ୍ତି । ବ୍ଲକର ୧୮ ପଞ୍ଚାୟତକୁ ଆବର୍ଜନା ନିଷ୍କାସନ ଗାଡି ଯୋଗାଇବାକୁ ନିଷ୍ପତ୍ତି ହୋଇଛି। ରବିବାର କାର୍ଯ୍ୟକ୍ରମ ଚାଲିଥିବା ସମୟରେ ୪ ଗାଡି ପହଞ୍ଚିଥିଲା । କାର୍ଯ୍ୟକ୍ରମକୁ ଓଡିଶା ଜୀବିକା ମିଶନ ବିପିଏମ୍ ପର୍ଶୁରାମ ବେହେରା, ବିଏଲସି ସୋମନାଥ କୁମ୍ଭାର, ମିଶନ ଶକ୍ତି ସଂଯୋଜକ ରବୀନ୍ଦ୍ର ଭୂୟାଁ ଓ ସମସ୍ତ ଆଇସିଡିଏସ ସୁପରଭାଇଜର, ଏମ୍‌ବିକେ ଓ ସିଆରପି ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

# ବାଲିମେଲା ଏନ୍‌ଏସିରେ ସ୍ୱଚ୍ଛ ଭାରତ ଅଭିଯାନ



ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ଅନ୍ୟମାନେ ସଫେଇରେ ସାମିଲ ହୋଇଛନ୍ତି ।

ବାଲିମେଲା, ୧।୧୦(ଶିବଦତ୍ତ ସାହୁ)

ବାଲିମେଲା ଏନ୍‌ଏସିରେ ପାଳିତ ହୋଇଥିବା ସ୍ୱଚ୍ଛ ଭାରତ ଅଭିଯାନରେ ନଗରବାସୀ ମଧ୍ୟ ନିଜକୁ ଏଥିରେ ସାମିଲ କରିଥିଲେ । ଏନଏସି ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଏନ୍‌ଏସି ଅଧୀନରେ ଥିବା ମୋଟ ୧୨ ୱାର୍ଡ ତଥା ସହରର ୨୪ ସ୍ଥାନରେ ଏନ୍‌ଏସି କର୍ମଚାରୀ ଓ ସ୍ଥାନୀୟ ବସ୍ତିବାସିନ୍ଦା ମିଳିତ ଭାବେ ନିଜ ନିଜ ୱାର୍ଡରେ ସଫେଇ କରିଥିଲେ। ସେହିପରି ନଗରରେ ଥିବା ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଛାତ୍ରୀଛାତ୍ରମାନେ ଓ ଏମାନଙ୍କ ସହିତ ବିଏସଏଫ ଯବାନ,ବାଲିମେଲା ବନାଞ୍ଚଳ କର୍ମଚାରୀ, ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ କର୍ମଚାରୀ ମାନେ ସହରରେ ଥିବା ବସ୍‌ଷ୍ଟାଣ୍ଡ, ଶ୍ମଶାନ, ମନ୍ଦିର ଓ ଚର୍ଚ୍ଚ ପରିସରଗୁଡ଼ିକୁ ପରିଷ୍କାର କରିଥିଲେ। ଏନବିସିସି ଇଣ୍ଡିଆ ଲିମିଟେଡ଼ର ଇଂ.ଧର୍ମେନ୍ଦ୍ର ସିଂ ଓ ବାଲିମେଲା ଜଳ ବିଦ୍ୟୁତ୍ କେନ୍ଦ୍ର ସିନିୟର ପରିଚାଳକ ଇଂ. ଏସ.ଶିବ ପ୍ରସାଦ ରାଓ, ଇଂ. କୃପାସିନ୍ଧୁ ବିଶ୍ୱାଳ, ଇଂ. ଭିକାରୀ ଚରଣ ମଲ୍ଲିକ ଓ ସମସ୍ତ ଅଫିସର ଓ କର୍ମଚାରୀମାନେ ମିଳିତ ଭାବେ ଅଫିସର କଲୋନୀ ଓ ବାଲିମେଲା ଜଳ ବିଦ୍ୟୁତ୍ ମୁଖ୍ୟ କାର୍ଯ୍ୟାଳୟର ପରିସର ସଫେଇ କରିଥିଲେ।

# ଜିଲା ବିଜେଡି ଜନସମ୍ପର୍କ ପଦଯାତ୍ରା ପ୍ରସ୍ତୁତି ବୈଠକ

ମାଲକାନଗିରି, ୧।୧୦(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଅକ୍ଟୋବର ୨'ଗାନ୍ଧୀ ଜୟନ୍ତୀ'ଠାରୁ ୧୧ ତାରିଖ ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏ 'ଜନ ସମ୍ପର୍କ ପଦଯାତ୍ରା ପାଳନ ହେବ। ଏହି ଅବସରରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ରବିବାର ନଗର ଭବନରେ ଜିଲାର ଦୁଇଟି ନିର୍ବାଚନ ମଣ୍ଡଳୀ ଚିତ୍ରକୋଣ୍ଡା ଓ ମାଲକାନଗିରିକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨ରେ 'ଗାନ୍ଧୀ ଜୟନ୍ତୀ ଏବଂ ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ, ୯ରେ 'ଉତ୍କଳମଣି ଗୋପବନ୍ଧୁ ଦାସ ଜୟନ୍ତୀ' ଏବଂ ୧୧ ତାରିଖରେ 'ଲୋକନାୟକ ଜୟପ୍ରକାଶ ନାରାୟଣ ଜୟନ୍ତୀ' ପାଳନ ସହିତ ଏ ବର୍ଷର 'ଜନ ସମ୍ପର୍କ' ପଦଯାତ୍ରା ଚିତ୍ରକୋଣ୍ଡା ଓ ମାଲକାନଗିରି ନିର୍ବାଚନମଣ୍ଡଳୀ ସ୍ତରରେ ପାଳନ କରାଯିବ।

ଅକ୍ଟୋବର ୧୨ରୁ ମାସେ ବ୍ୟାପୀ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଜିଲା ପରିଷଦ ଜୋନ୍‌ସ୍ତରୀୟ ଓ ପୌରାଞ୍ଚଳ ଏବଂ ଏନ୍‌ଏସିସ୍ତରରେ ପ୍ରଶିକ୍ଷଣ ଶିବିରମାନ ଆୟୋଜିତ କରାଯିବ। ଡିସେମ୍ବର ୨୬ରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ନିର୍ବାଚନ ମଣ୍ଡଳୀଗୁଡିକରେ ପାଳନ କରାଯିବ।

ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେଡି ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଯୋଗ ଦେଇଥିଲେ। ପ୍ରସ୍ତୁତି ବୈଠକରେ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ତଥା ବିଜେଡି ଜିଲା ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା,ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି,ସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଓ ମାଲକାନଗିରି ପର୍ଯ୍ୟବେକ୍ଷକ ପ୍ରସାଦ ବିଡିକା ପ୍ରମୁଖ ଯୋଗ ଦେଇଥିଲେ ।



ବୈଠକରେ ବିଧାୟକ ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

# ସ୍ୱଚ୍ଛତା ପାଇଁ ଏକ ଘଣ୍ଟା ଶ୍ରମଦାନ କାର୍ଯ୍ୟକ୍ରମ

ମାଲକାନଗିର, ୧।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ମହାବିଦ୍ୟାଳୟ ପରିସରରେ ରବିବାର ସ୍ୱଚ୍ଛତା ପାଇଁ ଏକ ଘଣ୍ଟା ଶ୍ରମଦାନ କାର୍ଯ୍ୟକ୍ରମ ସୀମା ସୁରକ୍ଷା ବାହିନୀ ଓ ରେଡ୍‌କ୍ରସ୍‌ର ମିଳିତ ଆନୁକୁଲ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ କ୍ୟାଡେଟ୍ ଯୋଗ ଦେଇ ସଫେଇ କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଆରମ୍ଭ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ଉଦୟନାଥ ଖରା ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ଜାତୀୟ ଯୋଜନାର ଅଧିକାରୀ ପ୍ରମିୟ କୁମାର ମହାନ୍ତିଳ, ପ୍ରେମରେଖା ଭତ୍ରା ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ବାଣିଜ୍ୟ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ ।




ମାଲକାନଗିରି ମହାବିଦ୍ୟାଳୟରେ ସ୍ୱଚ୍ଛତା ଦିବସରେ ଏକତ୍ରିତ ହୋଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ।

**ପ୍ରଥମ ପୃଷ୍ଠାରୁ...**

## ତୁର୍କୀ ପାର୍ଲାମେଣ୍ଟ...

ଅଲୀ ୟେର୍ଲିକାୟା ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଆତଙ୍କବାଦୀ, ଡ୍ରଗ୍ସ ଡିଲର, ଗ୍ୟାଙ୍ଗ ଓ ସଙ୍ଗଠିତ ଅପରାଧ ଭିଆଉଥିବା ଅପରାଧିକ ସଙ୍ଗଠନଗୁଡ଼ିକ ବିରୋଧରେ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି। ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଏହି ବିସ୍ଫୋରଣ ଘଟାଯାଇଛି। ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଏର୍ଡୋଗାନ୍ କହିଥିଲେ, ତୁର୍କୀକୁ ଆତଙ୍କିତ କରିବା ପାଇଁ ଏହି ଆକ୍ରମଣ ହେଉଛି ସଦ୍ୟତମ ଉଦ୍ୟମ। ନାଗରିକଙ୍କ ଶାନ୍ତି ଓ ସୁରକ୍ଷାରେ ପ୍ରତିବିପଦ ସୃଷ୍ଟିକାରୀ ଆତଙ୍କବାଦୀମାନଙ୍କ ଲକ୍ଷ୍ୟ କେବେ ପୂରଣ ହେବ ନାହିଁ। ସେମାନେ କେବେହେଲେ ସଫଳ ହେବେ ନାହିଁ। ପ୍ରକାଶ ଯେ, କୁର୍ଦ୍ଦିଶ, ଦୂର-ବାମ ଆତଙ୍କବାଦୀ ସଙ୍ଗଠନ ଏବଂ ଇସଲାମିକ୍ ଷ୍ଟେଟ୍ (ଆଇଏସ) ପକ୍ଷରୁ ଅତୀତରେ ଅନେକ ଆକ୍ରମଣ ଘଟାଯାଇଥିଲା। ଗତବର୍ଷ ନଭେମ୍ବରରେ ଇସ୍ତାନବୁଲର ଏକ ପାଦଚଲା ରାସ୍ତାରେ ବିସ୍ଫୋରଣ ଘଟିଥିଲା। ଏଥିରେ ୨ ଶିଶୁଙ୍କ ସମେତ ୬ ନିହତ ଏବଂ ୮୧ ଜଣ ଆହତ ହୋଇଥିଲେ। କିନ୍ତୁ ଆଙ୍କାରା ସହରରେ ୨୦୧୫ ଅକ୍ଟୋବରରେ ପ୍ରଥମ ଥର ପାଇଁ ଏପରି ଘାତକ ଆକ୍ରମଣ ହୋଇଥିଲା। ଏଥିରେ ୧୦୯ ଜଣ ନିହତ ହୋଇଥିଲେ। ଆକ୍ରମଣ ପାଇଁ ସେତେବେଳେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ କୁର୍ଦ୍ଦିସ୍ତାନ ୱାର୍କର୍ସ ପାର୍ଟି (ପିକେକେ)କୁ ଦାୟୀ କରିଥିଲା। ୧୯୮୪ରୁ ପିକେକେ ତୁର୍କୀ ବିରୋଧରେ ସଶସ୍ତ୍ର ବିଦ୍ରୋହ ଚଳାଇଆସିଛି। ଆଙ୍କାରା ଓ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ପିକେକେକୁ 'ଆତଙ୍କବାଦୀ' ସଙ୍ଗଠନ ରୂପେ କଳାତାଲିକାଭୁକ୍ତ କରିଛନ୍ତି।

## ଶୁଟିଂ, ଆଥଲେଟିକ୍ସରୁ...

୮:୨୨.୭୯ ସେକେଣ୍ଡ ସମୟ ନେଇ ରେକର୍ଡର ଅଧିକାରୀ ଥିଲେ। ପୁରୁଷ ଶଟପୁଟରେ ତୁରଙ୍କ ଆଧିପତ୍ୟ ଅବ୍ୟାହତ ରହିଛି। ୨୦୧୮ ଜାକର୍ତ୍ତା ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଏହି ଭାରତୀୟ ଶଟପୁଟରେ ଏଠାରେ ମଧ୍ୟ ପ୍ରଭାବୀ ରହିଛନ୍ତି। ସେ ୬ଷ୍ଠ ତଥା ନିଜର ଅନ୍ତିମ ଉଦ୍ୟମରେ ୨୦.୩୬ ମିଟର ଶଟପୁଟ୍ ଥ୍ରୋ କରିଥିଲେ; ଯାହା କି ସ୍ୱର୍ଣ୍ଣ ପଦକ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇଥିଲା। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସାଉଦି ଆରବର ମହମ୍ମଦ ଦାଉଦା ତୋଲୋ ୨୦.୧୮ ମିଟର ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜାକର୍ତ୍ତାରେ ତୁର ୨୦.୭୫ ମିଟର ଥ୍ରୋ କରି ଏସିଆନ ଗେମ୍ସ ରେକର୍ଡର ଅଧିକାରୀ ହୋଇଥିଲେ। ଶୁଟିଂ ରେଞ୍ଜରେ ଭାରତୀୟ ଟ୍ରାପ୍ ଦଳର ପ୍ରଦର୍ଶନ ଚମତ୍କାର ରହିଥିଲା। ପୁରୁଷ ଦଳକୁ ସ୍ୱର୍ଣ୍ଣ ଓ ମହିଳା ଦଳ ରୌପ୍ୟ ବ୍ୟତୀତ ବ୍ୟକ୍ତିଗତ ବିଭାଗରେ କିନାନ ଚେନାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ରବିବାର ଥିଲା ଶୁଟିଂ ଇଭେଣ୍ଟର ଅନ୍ତିମ ଦିବସ। ଫଳରେ ଭାରତ ଏହି ଗେମ୍ସରୁ ୭ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ମୋଟ ୨୨ଟି ପଦକ ହାସଲ କରିଛି। ଏସିଆନ ଗେମ୍ସର ଶୁଟିଂ ଇଭେଣ୍ଟରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ପୁରୁଷ ଟ୍ରାପ୍ ଇଭେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପୃଥ୍ୱୀରାଜ ତୋଣ୍ଡାଇମାନ ୧୧୯, କିନାନ ଚେନାଇ ୧୨୨ ଓ ଜୋରାଭର ସିଂ ସାନ୍ଧୁ ୧୨୦ ପଏଣ୍ଟ ଶୁଟ୍ କରିଥିଲେ। ଦଳଗତଭାବେ ୩୬୧ ପଏଣ୍ଟ ଭାରତର ସ୍ୱର୍ଣ୍ଣ ପଦକ ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇଥିଲା। ବ୍ୟକ୍ତିଗତ ଇଭେଣ୍ଟରେ କିନାନ ବ୍ରୋଞ୍ଜ ବିଜୟୀ ହୋଇଥିଲେ। ସେହିପରି ମହିଳା ଟ୍ରାପ୍ ଇଭେଣ୍ଟରେ ମନୀଷା କେର ୧୧୪, ପ୍ରୀତି ରଜକ ୧୧୨ ଓ ରାଜେଶ୍ୱରୀ କୁମାରୀ ୧୧୧ ପଏଣ୍ଟ ଶୁଟ୍ କରିବାରୁ ଭାରତ ୩୩୭ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା। ବ୍ୟକ୍ତିଗତ ଟ୍ରାପ୍ ଶୁଟିଂ ଫାଇନାଲରେ ପ୍ରବେଶ କରିଥିବା ମନୀଷା ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

ଅନ୍ୟ ଭାରତୀୟଙ୍କ ମଧ୍ୟରେ ମହିଳା ଗଲ୍ଫରେ ଅଦିତି ଅଶୋକ, ମହିଳା ୧୫୦୦ ମିଟର ଦୌଡ଼ରେ ହରମିଲନ ବେନ୍ସ, ପୁରୁଷ ୧୫୦୦ ମିଟର ଦୌଡ଼ରେ ଅଜୟ କୁମାର ସରୋଜ, ପୁରୁଷ ହାଇଜମ୍ପରେ ମୁରଲୀ ଶ୍ରୀଶଙ୍କର, ମହିଳା ୧୦୦ ମିଟର ହର୍ଡଲ୍ସରେ ଜ୍ୟୋତି ୟାରାଜି, ପୁରୁଷ ଦଳଗତ ବ୍ୟାଡ଼ମିଣ୍ଟନରେ ଲକ୍ଷ୍ୟ ସେନ୍, ସାତ୍ୱିକସାଇରାଜ ରାଙ୍କିରେଡ୍ଡି-ଚିରାଗ ସେଟ୍ଟି, ଶ୍ରୀକାନ୍ତ, ଧ୍ରୁବ କପିଲା-ସାଇ ପ୍ରତୀକ କ୍ରିଷ୍ଣା ପ୍ରସାଦ, ମିଥୁନ ମଞ୍ଜୁନାଥ ରୌପ୍ୟ ପଦକ ଜିତିଛନ୍ତି। ସେହିପରି ମହିଳା ୫୦ କେଜି ବକ୍ସିଂରେ ନିଖତ ଜରିନ, ପୁରୁଷ ୧୫୦୦ ମିଟର ଦୌଡ଼ରେ ଜିନସନ ଜନସନ, ମହିଳା ହେପ୍ଟାଥଲନ ୮୦୦ ମିଟରରେ ନନ୍ଦିନୀ ଆଗାସରା ଓ ମହିଳା ଡିସ୍କସ୍‌ରେ ସୀମା ପୁନିଆ ବ୍ରୋଞ୍ଜ ପଦକ ପାଇଛନ୍ତି।

## ଜୁନାଗଡ଼ରେ ଟ୍ରିପଲ୍...



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ଅନ୍ୟପଟେ ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ଜୁନାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି। ଉକ୍ତ ଗ୍ରାମରେ ପୋଲିସ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି। ବୃଦ୍ଧ ଜେଲରେ ରହିଥିଲେ ମଧ୍ୟ ଗତ ୪ରୁ ୫ ବର୍ଷ ହେଲା ସେ ପାରୋଲରେ କିଛି ଦିନ ପାଇଁ ଘରକୁ ଯିବାଆସିବା କରିଆସୁଥିଲେ। ବୃଦ୍ଧ ହତ୍ୟା କରିଥିବା ତାଙ୍କ କାକୀ (ଖୁଡ଼ି)ଙ୍କ ପୁଅ ନ ଥିବାବେଳେ ୨ ବିବାହିତ ଝିଅ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଝିଅ କ୍ଲାର୍କ ଶଙ୍କରପଲା ଗ୍ରାମରେ ରହୁଛନ୍ତି। ସେହିପରି ବୃଦ୍ଧ ଜଣଙ୍କ ମୃତ ମା' ପୁଅଙ୍କ କୌଣସି ସମ୍ପର୍କୀୟ ନୁହଁନ୍ତି। ତେବେ ମା' ପୁଅଙ୍କୁ ହତ୍ୟା କରାଯାଇଥିବାବେଳେ ବୃଦ୍ଧ ଭଲ୍ଲ ଦେଇ ଆସୁଥିଲେ ଓ ଏହି ଘଟଣା ଦେଖିବା ପରେ ତାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ହତ୍ୟାକାଣ୍ଡ ପୂର୍ବ ଶତ୍ରୁତା ନେଇ ହୋଇଥିବା ଅନୁମାନ କରାଯାଉଛି।

## ଗୁଣି ସନ୍ଦେହରେ...

ଚାଷ ଜମିକୁ ଯାଉଥିଲେ। ଏହି ସମୟରେ ଜଳଙ୍କ ସାନଭାଇ ପ୍ରଦେଶ ଓ ତାଙ୍କ ଦୁଇ ପୁଅ ନକୁଳ, ସହଦେବ ମିଶି ଏକ ଧାରୁଆ ଅସ୍ତ୍ରରେ ପଛପଟୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବା ପରେ ୩ଜଣ ମିଶି ତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣିବା ପରେ ୩ ବାପପୁଅଙ୍କୁ ଅଟକ ରଖି ସଦର ଥାନା ପୋଲିସକୁ ଖବର ଦେଇଥିଲେ। ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ. ୩୭୫/୨୨) ରୁଜୁ ହୋଇଛି।


# ODISHA SUB-ORDINATE STAFF SELECTION COMMISSION
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ: ୩ ଏବଂ ୫, ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯
ୱେବ୍‌ସାଇଟ୍: www.osssc.gov.in

**NOTICE**

No. IIE-17/2023-728(C)/OSSSC Dated: 30th September, 2023

**Practical Skill Test under Basic Computer Skills for CRE - 2023**

No. T-91: In continuation of this Commission's Notice No. IIE-55/2023-718(C)/OSSSC Dt.15.09.2023, the Practical Skill Test in Basic Computer Skills scheduled to be held on 6th October, 2023 is postponed. The date of the Test will be notified later on.

Candidates are advised to visit the website of the Commission at regular intervals for updates.

By Order of the Commission
OIPR-09007/11/0017/2324 Sd./- Secretary

# SURVEY & MAP PUBLICATION
At: Badajobra, P.O.: College Square, Cuttack - 753003
Ph.: 0671-2547057, Mail: surveymappublication@gmail.com

**TENDER CALL NOTICE No. 1447/MP, Dated: 26.09.2023**

No. F-139: The Addl. Director, Survey & Map Publication, Odisha, Cuttack has invited sealed tender for Repair and AMC of Printing Machines from Manufacturer/Repairing Firm of India, as per the specification detailed mentioned in the Tender Document. The tender document will be available in Odisha Govt. Website **www.odisha.gov.in** from 30.09.2023 to 25.10.2023 for download and submission by 26.10.2023, at 2 P.M. For details of the terms and conditions, please refer the tender document.

Sd./- Addl. Director
Survey & Map Publication, Odisha, Cuttack
OIPR-24043/11/0003/2324

# SURVEY & MAP PUBLICATION
At: Badajobra, P.O.: College Square, Cuttack - 753003
Ph.: 0671-2547057, Mail: surveymappublication@gmail.com

**TENDER CALL NOTICE No. 1444/MP, Dated: 26.09.2023**

No. F-140: The Addl. Director, Survey & Map Publication, Odisha, Cuttack has invited sealed tender for Supply of GA Photo Film, AO roll Paper, Printing Chemicals & Allied materials from the Manufacturer/Authorised Dealer/Suppliers of India, as per the specification detailed mentioned in the Tender Document. The tender document will be available in Odisha Govt. Website **www.odisha.gov.in** from 30.09.2023 to 25.10.2023 for download and submission by 26.10.2023, at 2 P.M. For details of the terms and conditions, please refer the tender document.

Sd./- Addl. Director
Survey & Map Publication, Odisha, Cuttack
OIPR-24043/11/0002/2324

# ODISHA HYDRO POWER CORPORATION LTD.
OHPC
(A Gold Rated State PSU)
O/o. Sr. GENERAL MANAGER, RENGALI HYDRO ELECTRIC PROJECT, RENGALI
P.O.: RENGALI DAM SITE, DIST.- ANGUL (ODISHA), INDIA, PIN- 759105
TEL.: 06760-266031, Email: sgmel500@gmail.com
CIN: U40101OR1995SGC003963

No.: OHPC: RHEP/C&P/PUR-III-142/6350 Date: 29.09.2023

**TENDER CALL NOTICE No. - 29/2023-24**

No. CAD-2232:

| Description of the Tender | Cost of Tender Paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of availability of tender at OHPC website (Sale) | Last date & Time of receipt of Tender | Date & Time of Opening of Techno Commercial Bid |
|---|---|---|---|---|---|
| Engagement of One No. of Ambulance at RHEP, Rengali on hire basis for a period of Five (05) years | Rs.7080/- (Inclusive of GST@18%) | Rs.18,600/- | From Dt.30.09.2023 to Dt.11.10.2023 (Upto 03.00 P.M.) | Dt.11.10.2023 Upto 04.00 P.M. | Dt.11.10.2023 at 04.30 P.M. |

For details and further correspondence/corrigendum, please visit our website **www.ohpcltd.com**.

Sd./- C & P Head, RHEP, Rengali
OIPR-04022/11/0033/2324

# OFFICE OF THE PRINCIPAL
# CHITRADA COLLEGE, CHITRADA, MAYURBHANJ, ODISHA
Mobile No.: 9937767839, 9348698890, Mail Id: chitradacollege@gmail.com
Letter No. 90/23 Date: 29.09.2023

**WALK-IN-INTERVIEW**

No. N-78: A Walk-in-Interview is scheduled to be held on 07.10.2023 at 11.00 A.M. in the Office of the undersigned for engagement of guest faculty & part time staff as per the details noted below.

| Sl. No. | Post | Minimum Qualification |
|---|---|---|
| 01 | Guest Faculties in 1. Economics - 01 2. Sanskrit - 01 | Minimum 55% or more in PG Level, M.Phil/Ph.D./NET will be given Preference. |
| 02 | Adhoc Post in 1. Physics - 01 | |
| 03 | Accountancy - 01 (Part Time) | B.A./B.Sc./B.Com. with Computer Knowledge. Retired person below 65 years having accountancy knowledge will be preferred. |

The engagement of Economics and Sanskrit is upto 31.03.2024 or till the regular incumbents join the post.
The authority reserves the right to cancel the selection process on the engagement in whole or part advertisement or the appointment process at any stage without assigning any reason thereof and have right to fill up/not to fill up the posts as advertised. The decision of the selection committee is final.
The candidates are required to attend the Walk-in-Interview on Dt.07.10.2023 along with Original and Photo Copies of all the Mark Sheets, Certificates, ID Proof and Passport size photo graph. No TA/DA is admissible. Remuneration is negotiable.
Interested candidates are requested to send their resume to the College Mail ID **(chitradacollege@gmail.com)** on or before 06.10.2023 within 2.00 P.M.

Sd./- Principal, Chitrada College, Chitrada
OIPR-11121/11/0002/2324

# OFFICE OF THE SUPERINTENDING ENGINEER MINOR IRRIGATION DIVISION, BALANGIR, GOVERNMENT OF ODISHA
No.A-608
E-mail: mid_balangir@yahoo.co.in; Ph. No.: 06652-232982

**e-PROCUREMENT NOTICE**

**BID IDENTIFICATION No.: MIBLGR/06/2023-24**

| | | |
|---|---|---|
| Name of work | : | **Civil Construction Works** |
| No. of works | : | **4 (FOUR)** Nos. |
| Estimated cost | : | 24.11 lakhs to 64.67 lakhs |
| Tender paper cost | : | **Rs.6000.00 to Rs.10,000.00** |
| Period of completion | : | **120 to 150 days (one hundred twenty days to one hundred fifty days).** |
| Class of Contractor | : | **"C & B"** |
| Availability of bid documents | : | **From 09.10.2023 (11.00 AM) to 25.10.2023 (5.00 PM)** in website (www.tendersorissa.gov.in) |
| Period of Receipt of bid through online | : | **From 09.10.2023 (11.00 AM) to 25.10.2023 (5.00 PM)** through Online. |
| Mode of Payment | : | Online |
| Date of opening of bid documents | : | **26.10.2023 (11.00 AM)** |
| Date of Lottery (If required) | : | **14.11.2023 (11.00 AM)** |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| **The detail tender call notice can also be seen in the DOWR website- http://dowrorissa.gov.in** | | |
| Name & Address of the OIT | : | Superintending Engineer, M.I. Division, Balangir, Near Sub-Collector Office, Balangir, Dist- Balangir, PIN-767001 **E-mail: mid_balangir@yahoo.co.in** |
| Further details can be seen from the E-Procurement marketplace | : | http://tendersorissa.gov.in |

Sd./- Superintending Engineer
M.I. Division, Balangir
OIPR-32063/11/0006/2324

# INVITATION FOR BIDS (IFB)
# NATIONAL COMPETITIVE BIDDING THROUGH E-PROCUREMENT
**IDENTIFICATION NO: RWS&S DIVN., PURI – 29 OF 2023-24**

Ph. (06752) 251276 Fax - (06752) 251276 E-mail – eerwss_puri@nic.in

**No. O-1161:-** The Superintending Engineer, RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | **Execution of electrical installation work for providing Power supply to different RWSS Points for the purpose of supply of drinking water in Puri District.** |
|---|---|---|
| 1. | No. of works: | 02 (TWO) |
| 2. | Estimated Cost: | **Rs.7.58 Lakh app.) to 15.51 Lakh (app.)** |
| 3. | Time for completion: | 02 (Two) Months |
| 4. | Cost of bidding document: | Rs.4000/-to Rs.6000/- |
| 5. | Class of Contractors eligible: | Holder of HT Licenses of ELBO |
| 6. | Availability of bids on-line: | From 11.00 hour of 05.10.2023 to 17.00 hours of 16.10.2023 |
| 7. | Last date and time for seeking clarification: | 17.00 hours of 12.10.2023 |
| 8. | Date & time of opening of technical bids: | On dt 17.10.2023 at 11.30 hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen from the website **https://www.tendersorissa.gov.in**. Subsequent corrigendum if any shall appear in the website.

Sd./- Superintending Engineer, RWS&S Division, Puri
OIPR-25017/11/0012/2324

# ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
# OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA
Phone No. 0661-2664637, Fax No. 0661-2664638, e mail: dforourkela.od@gov.in
Order No. 452 Dtd.29.09.2023
No. MM-192 **INVITATION FOR BIDS (IFB)**
E-Procurement Bid Identification No. RKL-FE&CC-12/2023-24 Dtd.29.09.2023

1. Name of Work : Construction of Watch Tower at Chinimahul, Sonakhan Section of Rajgangpur Range, Rourkela Forest Division.
2. No. of Works : 01 No.
3. No. of Covers : Single Cover
4. Estimated Cost : Rs.16,92,213.00
5. Period of Completion : 01 Calendar Month
6. Date & Time of availability of bid documents in portal : From 11.00 A.M. of dated 30.09.2023 to 05.00 P.M. of dated 12.10.2023
7. Last date/time for receipt of bid in the portal : Upto 05.00 P.M. of dated 12.10.2023
8. Date of opening of bid documents : At 11.00 A.M. of dated 18.10.2023
9. Class of Contractor : "D" & "C" Class Contractor
10. Name and address of Officer Inviting Bid : Divisional Forest, Officer, Rourkela Forest Division

Further details can be seen from the e-Procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

Sd./- Divisional Forest Officer
OIPR-08044/11/0009/2324 Rourkela Forest Division

# ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674 - 2340573, PBX - 2340170, Fax - 2340096

**TENDER INVITATION No- OSSC/ Engg- 89/ 2023**

No. CAD-2206:- Managing Director, Odisha State Seeds Corporation Ltd invites Percentage Rate tenders in Double Cover System through ONLINE MODE ONLY for the works below

*Values in Rs.*

| SL | Name of the Work | Cost of work without GST | EMD | Cost of Tender Document with GST | Com-pletion period | Class of Contrac-tor |
|---|---|---|---|---|---|---|
| 1 | Installation of LT Supply for Power Supply to 45 KW GP (Enhanced from existing 15.0 KW) by upgradation of Transformer from 25 KVA, 11/0.4 KV into 63 KVA Substation at Jajpur Road. | 7,63,238.00 without GST | 7632.00 | 7,080.00 with GST | 120 | HT Electrical |

**CRITICAL DATES**

| | | |
|---|---|---|
| A | Availability of Bid Document | 14.40 hours on dt.03.10.2023 to 17.00 hours on dt.12.10.2023 |
| B | Last Date of Receipt of tender in the Portal | 17.00 hours on dt.12.10.2023 |
| C | Date/Time of Opening Bid | 12.30 hours on dt.13.10.2023 |

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

OIPR-01106/11/0055/2324 Managing Director, OSSC Ltd, BBSR

See Career Appointment on every Wednesday & Saturday

# GOVERNMENT OF ODISHA
# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH
Near Bana Durga Temple, Sankara, Sundargarh, Dist.- Sundargarh, PIN-770020, Email:serw_sundargarh@yahoo.com
Office Order No.2758 Date: 29.09.2023

**1st Corrigenudm**

No.O-1156:- The last date of availability of tender / date of seeking clarification / date of opening of tender for the works invited under NIT Letter No.; 2665 dtd.15.09.2023 vide Bid Identification No. Online-RWCCESNG-32 of 2023-24 are hereby modified as follows:

| Procurement Officer | Bid Identification No. | Last date & time of availability of tender | Last date & time of seeking tender clarification | Technical bid opening | Financial bid opening |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Chief Construction Engineer, Rural Works Circle, Sundargarh | RWCCESNG-32 of 2023-24 | 09.10.2023 5.00 P.M. | 07.10.2023 5.00 P.M. | 10.10.2023 11.00 A.M. | Will be intimated separately |

Sd./- Chief Construction Engineer, Rural Works Circle, Sundargarh
OIPR-25133/11/0046/2324

# ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
# OFFICE OF THE DIVISIONAL FOREST OFFICER CUM WILDLIFE WARDEN ROURKELA FOREST DIVISION, ROURKELA, SUNDARGARH, ODISHA
Phone No. 0661-2664637, Fax No.0661-2664638, e mail- dforourkela.od@gov.in
Order No. 450/Dtd.27.09.2023

No. MM-187 **INVITATION FOR BIDS (IFB) / E-Procurement Bid Identification**

| Sl. No. | Name of the Work | No. of work | No. of Cov-ers | Estimate Cost (in Rs.) | Period of Completion | Date & Time of availabil-ity of bid documents | Last date / time | Opening Date of Bid Doc-uments | Class of Contrac-tor | Name and ad-dress of officer |
|---|---|---|---|---|---|---|---|---|---|---|
| 1 | 2 | | | 3 | | | | | 4 | 6 |
| 1 | Construction of SMC Structure at Panposh Range under OMBADC 2022-23 | 01 | Double | 1,06,28,980/- | "03" Calendar Months | From 11.00 AM of dated 30.09.2023 to 05.00 P.M. of dated 12.10.2023 | Upto 05.00 P.M. of dated 12.10.2023 | At 11.00 AM of dated 18.10.2023 | "B" & "A" | Divisional Forest Officer, Rourkela Forest Division |
| 2 | Construction of SMC Structure at Kuarmunda Range under OMBADC 2022-23 | 01 | | 1,06,02,735/- | "03" Calendar Months | | | | "B" & "A" | |
| 3 | Construction of SMC Structure at Rajgangpur Range under OMBADC 2022-23 | 01 | | 1,33,77,289/- | "03" Calendar Months | | | | "B" & "A" | |
| 4 | Construction of SMC Structure at Banki Range under OMBADC 2022-23 | 01 | | 92,31,500/- | "03" Calendar Months | | | | "B" | |
| 5 | Construction of SMC Structure at Bisra Range under OMBADC 2022-23 | 01 | | 1,06,33,958/- | "03" Calendar Months | | | | "B" & "A" | |
| 6 | Construction of Earthen Graded Bund at Bisra Range under OMBADC 2022-23 | 01 | | 1,45,07,418/- | "03" Calendar Months | | | | "B" & "A" | |
| 7 | Construction of Wire Mesh LBCD at Banki Range under OMBADC 2022-23 | 01 | | 1,22,06,889/- | "03" Calendar Months | | | | "B" & "A" | |
| 8 | Construction of Wire Mesh LBCD at Banki Range under OMBADC 2022-23 | 01 | | 1,45,87,901/- | "03" Calendar Months | | | | "B" & "A" | |
| 9 | Construction of SMC Structure at Biramitrapur Range under OMBADC 2022-23 | 01 | Single | 26,00,616/- | "03" Calendar Months | | | | "B" & "C" | |

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

OIPR-08044/11/0008/2324 Sd./- Divisional Forest Officer, Rourkela Forest Division

# OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA
OHPC
DIST.: KALAHANDI - 766026, E-mail: sgmel_uihep@ohpcltd.com

# ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-39/2023-24 Dated: 29.09.2023**

No. CAD-2223: Sealed tenders are invited from 'C' or 'D' Class contractors registered with State Government and contractors of equivalent grade/class registered with Central Government/MED/Railways in two parts i.e. 1) Techno Commercial Bid & 2) Price Bid for the following work.

| Description of Work | Cost of Tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Clearing of shrub jungles, uprooting of stumps small bushes & trees below 1mtr girth from both side of the Tail Race Slope, Cable Trench area, slop area in front of Canteen, Central Store Main Gate to Service Water Tank around the Power House Building, both sides of black topped road from Main Gate to Power House Canteen, Valve House area & Central Store area for one year | 2,360/- (Inclusive of GST) | 4 600/- | From 06.10.2023 to 18 10 2023 upto 13.00 Hrs | 18.10.2023 (upto 13.00 Hrs.) | 18.10.2023 at 16.30 Hrs. |

For details of the tender documents, terms and conditions please visit our website **www.ohpcltd.com**.

OIPR-04008/11/0048/2324 Sd./- C&P Head, UIHEP, Mukhiguda

# GOVERNMENT OF ODISHA
No.O-1171
# OFFICE OF THE ENGINEER-IN-CHIEF RURAL WORKS, ODISHA, BHUBANESWAR
**Letter No.: 30497 Dated: 30.9.23 Email Id: crew_bbsr@yahoo.com**
**Notice inviting request for proposal from consultant**
**(RFP-Online-CE (Buildings & Bridges)-07 / 2023-24 Dt.29.09.2023)**

1. Name of the work: Construction of H.L. Bridge over Luna at 5th Km. on Belar-Nuagaon- Teragaon-Mahakalapara in the District of Kendrapara under BSY. 2. Total No. of works: 01 (One) No. 3. Period of completion; 30 (Thierty) calendar months. 4. Other details: www.tendersodisha.gov.in.

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | RFP-Online-CE-Buildings & Bridges -06 (Bridge)/ 2023-24 | 01 (One) No. | 05.10.2023 at 10.00 A.M. | 20.10.2023 upto 5.00 P.M. |

Other details can be seen in the bidding documents, which will be available in website **www.tendersorissa.gov.in**

Sd./- Chief Engineer (Buildings & Bridges), Rural Works, Odisha, Bhubaneswar
OIPR-25123/11/0026/2324

# GOVERNMENT OF ODISHA
No. i-409
# PANCHAYAT SAMITI OFFICE, AMBABHONA, DIST.: BARGARH
# INVITATION FOR BIDS (IFB)
**Bid Identification No. 02/2023-24**
**Panchayat Samiti, Ambabhona, Dist.: Bargarh**

1. The Block Development Officer, Ambabhona, Dist.: Bargarh on behalf of Governor of Odisha invites **Percentage Rate** bid in ONLINE MODE for the Building works as detailed in the Detailed Tender Call Notice (D.T.C.N.) from the eligible class of contractor.
2. No. of Road Works : 3 Nos.
3. Cost of Tender Paper : Rs.6,000/- Each
4. Class of Contractor : "B", "C" & "D" Class Contractor
5. Date & Time of available in website & receipt of Bids : 11.00 A.M. Hrs. of 30.09.2023 to 17.00 Hrs. of 11.10.2023
6. Date of Opening of Bid : 12.10.2023 at 12.15 P.M.
7. The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in.**

**Sd./- Block Development Officer, Ambabhona**
OIPR-19384/11/0003/2324

# GOVERNMENT OF ODISHA
No.O-1170
# OFFICE OF THE ENGINEER-IN-CHIEF RURAL WORKS, ODISHA, BHUBANESWAR
**Letter No.: Dated: Email Id: crew_bbsr@yahoo.com**
**"e" Procurement Notice for bridge works in Odisha**
**(Online-07 (Bridge)/ 2023-24 Dt.26.09.2023**

1. Name of the work: Construction of bridge work. 2. total No. of works: 9(Nine) Nos. 3. Estimated cost: Rs.1043.00 lakhs to Rs.3200.00 lakh. 4. Class of contractor: A Class, Special Class & Super Class as applicable. 5. Period of completion: 15 (Fifteen) & 24 (Twenty four) calendar months. (As mentioned in Col. 7 of TCN Annexure). 6. Other details:

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online_7 (Bridge)/ 2023-24 | 09 (Nine) Nos. | 05.10.2023 at 11.00 A.M. | 19.10.2023 upto 5.00 P.M. |

Other details can be seen in the bidding documents, which will be available in website **www.tendersorissa.gov.in**

Sd./- Chief Engineer (Buildings & Bridges), Rural Works, Odisha, Bhubaneswar
OIPR-25123/11/0027/2324

# OFFICE OF THE ROURKELA MUNICIPAL CORPORATION, ROURKELA
# INVITATION FOR BID
**No. 11400 Dated: 29.09.2023**
**Bid Identification No. MC/RMC/27/2023**

No. C-997: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/27/2023 for 01 No. Civil work with value of Rs.13.18 lakh.

1. Bid documents will be available in website **www.tendersorissa.gov.in** from 29.09.2023.
2. Bids must be submitted on "Online" on or before 09.10.2023 by 17.00 hours.
3. Bids shall be opened at 11.00 hours on 10.10.2023 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0056/2324

# ରେକର୍ଡ ପରିମାଣରେ ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୧୦: (ଅଭୟ ଦାଶ)

■ସେପ୍ଟେମ୍ବରରେ ୧.୬୩ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ
■ଗତବର୍ଷ ଅପେକ୍ଷା ୧୦% ଅଧିକ ଟିକସ ଆଦାୟ
■କ୍ରମାଗତ ୧୯ ମାସ ପାଇଁ ୧.୪ ଲକ୍ଷ କୋଟିର ଟିକସ ଆଦାୟ
■ଚଳିତ ଆର୍ଥିକ ବର୍ଷରେ ୪ର୍ଥ ଥର ଲାଗି ୧.୬କୋଟିରୁ ଅଧିକ ଟିକସ ଆଦାୟ
■ଅର୍ଦ୍ଧବାର୍ଷିକରେ ୯୯୨୫୦୮ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ




ଚଳିତ ଆର୍ଥିକ ବର୍ଷର ୬ଷ୍ଠ ମାସରେ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ ଟ୍ୟାକ୍ସ ବା ଜିଏସଟି) ସଂଗ୍ରହ କରାଯାଇଛି ବୋଲି ରବିବାର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ସେପ୍ଟେମ୍ବରରେ ଦେଶର ଜିଏସଟି ପ୍ରାୟ ୧.୬୩ (୧,୬୨,୭୧୨) ଲକ୍ଷ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ ହୋଇଥିବା ଟିକସ ପରିମାଣ ପ୍ରାୟ ୧.୪୭ ଲକ୍ଷ କୋଟିଠାରୁ ୨୦୨୩-୨୪ ଆର୍ଥିକ ବର୍ଷର ଅଗଷ୍ଟରେ ସଂଗୃହୀତ ଟିକସ ପରିମାଣ ପ୍ରାୟ ୧୦% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ କ୍ରମାଗତ ୧୯ ମାସ ପାଇଁ ଦେଶର ଜିଏସଟି ସଂଗ୍ରହ ୧.୪ ଲକ୍ଷ କୋଟିରୁ ଅଧିକ ରହିଥିବାବେଳେ ୧୦ମ ଥର ପାଇଁ ୧.୫ଲକ୍ଷ କୋଟିରୁ ଅଧିକ ପରିମାଣର ଟିକସ ଆଦାୟ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ୪ର୍ଥ ଥର ଲାଗି ଜିଏସ୍‌ଟି ସଂଗ୍ରହ ୧.୬ ଲକ୍ଷ କୋଟିରୁ ଅଧିକ ରହିଥିବା ଜଣାପଡିଛି। ବିଶେଷ କରି ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ (ଅର୍ଦ୍ଧବାର୍ଷିକ)ରେ ୯,୯୨,୫୦୮ କୋଟି ଟଙ୍କାର ଟିକସ ଜିଏସଟି ଆକାରରେ ଆଦାୟ କରାଯାଇଛି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହି ପରିମାଣ ୮,୯୩,୩୩୪ କୋଟି ଟଙ୍କା ରହିଥିଲା।

ସୂଚନାଯୋଗ୍ୟ, ୨୦୨୩ ସେପ୍ଟେମ୍ବରରେ ସଂଗୃହୀତ ମୋଟ ଜିଏସଟି ରାଜସ୍ୱ ୧,୬୨,୭୧୨ ଲକ୍ଷ କୋଟି ହୋଇଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସଟି) ୨୯,୮୧୮ କୋଟି ଟଙ୍କା ରହିଥିଲାବେଳେ ରାଜ୍ୟ ଜିଏସଟି (ଏସଜିଏସଟି) ୩୭,୬୫୭ କୋଟି ଟଙ୍କା ରହିଛି। ସେହିଭଳି ଆଇଜିଏସଟି ବାବଦରେ ୮୩,୬୨୩ କୋଟି (ସାମଗ୍ରୀ ଆମଦାନୀରେ ୪୧,୧୪୫ କୋଟି ଟଙ୍କା ଅନ୍ତର୍ଭୁକ୍ତ) ଏବଂ ସେସ୍ ବାବଦରେ ୧୧,୬୧୩ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୮୮୧ କୋଟି ଟଙ୍କା ସାମିଲ)ର ଟିକସ ଆଦାୟ କରାଯାଇଛି। ସେହିପରି ସରକାର ସିଜିଏସଟି ବାବଦରେ ୩୩,୭୩୬ କୋଟି ଟଙ୍କା ଏବଂ ଆଇଜିଏସଟିରୁ ଏସଜିଏସଟି ବାବଦରେ ୨୭,୫୭୮ କୋଟି ଟଙ୍କା ପରିଶୋଧ କରିଛନ୍ତି। ଅପରପକ୍ଷରେ ଓଡିଶାରୁ ଚଳିତ ଆର୍ଥିକ ବର୍ଷର ୬ଷ୍ଠ ମାସରେ ପ୍ରାୟ ୪୨୪୯ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୩୭୬୫ କୋଟି ଟଙ୍କାରୁ ଅଧିକ ରହିଥିଲା। ଯାହା ଚଳିତ ଆର୍ଥିକ ବର୍ଷର ଜୁଲାଇ ଅବଧିରେ ୧୩% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ରାକେଶ ଶର୍ମା ଆଇଏନ୍‌ଏସ୍‌ର ସଭାପତି

ନୂଆଦିଲ୍ଲୀ,୧।୧୦


ରାକେଶ ଶର୍ମା

ଦେଶର ପ୍ରମୁଖ ସଙ୍ଗଠନ (ଆପେକ୍ସ ବଡି ଅଫ୍ ନ୍ୟୁଜପେପର, ମାଗାଜିନ୍‌ସ ଏବଂ ପିରିଓଡିକାଲ୍‌ସ) ଦି ଇଣ୍ଡିଆନ ନ୍ୟୁଜପେପର ସୋସାଇଟି (ଆଇଏନ୍‌ଏସ୍)ର ନୂତନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ତଥା ସଂଗଠକ ରାକେଶ ଶର୍ମା (ଆଜ ସମାଜ) ୨୦୨୩-୨୪ ବର୍ଷ ପାଇଁ ନବ ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଏନ୍‌ଏସ୍‌ର ୮୪ତମ ବାର୍ଷିକ ସାଧାରଣ ବୈଠକ (ଆନୁଆଲ ଜେନେରାଲ ମିଟିଂ ବା ଏଜିଏମ) ଭିସି ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଙ୍ଗଠନର ବାର୍ଷିକ କାର୍ଯ୍ୟକ୍ରମ ଓ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପରିଶେଷରେ ୨୦୨୩-୨୪ ବର୍ଷ ପାଇଁ ଏକ ନୂତନ କମିଟି ସର୍ବସମ୍ମତିରେ ଗଠନ କରାଯାଇଥିଲା। ଉକ୍ତ କମିଟିରେ ରାକେଶ ଶର୍ମା (ଆଜ ସମାଜ) ସଭାପତି ଭାବେ ନିର୍ବାଚିତ ହୋଇଥିଲାବେଳେ ଏମ. ଭି. ଶ୍ରେୟମାସ କୁମାର (ମାତୃଭୂମି) ଡେପୁଟି ପ୍ରେସିଡେଣ୍ଟ ହୋଇଛନ୍ତି। ସେହିଭଳି ବିବେକ ଗୁପ୍ତା (ସନମାର୍ଗ) ଭାଇସ ପ୍ରେସିଡେଣ୍ଟ ହୋଇଥିବାବେଳେ ତନ୍ମୟ ମାହେଶ୍ୱରୀ (ଅମର ଉଜାଲା) ଅନରାରୀ ଟ୍ରେଜରର ଭାବେ ୨୦୨୩-୨୪ ବର୍ଷ ପାଇଁ ନବନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ ଆଇଏନ୍‌ଏସ୍‌ର ସାଧାରଣ ସମ୍ପାଦକ ଭାବେ ମୟୂର ପାଲ ନିର୍ବାଚିତ ହୋଇଥିଲାବେଳେ ଏକ ୪୧ ଜଣିଆ ଆଇଏନ୍‌ଏସ୍ ଇସି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଏନ୍‌ଏସ୍‌ର ପୂର୍ବତନ ସଭାପତି କେ. ରାଜା ପ୍ରସାଦ ରେଡ୍ଡୀ (ସାକ୍ଷୀ)ଙ୍କ ସ୍ଥାନରେ ରାକେଶ ଶର୍ମା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ରାକେଶ ଶର୍ମା ଆଇଏନ୍‌ଏସ୍‌ର ଡେପୁଟି ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

## ଶାହରୁଖ ଖାନ୍‌ଙ୍କ ସହ ରୁଙ୍ଗଟା ଷ୍ଟିଲ୍‌ର ସହଭାଗିତା

ଭୁବନେଶ୍ୱର,୧।୧୦

ଦେଶର ଅଗ୍ରଣୀ ସମନ୍ୱିତ ଇସ୍ପାତ ଓ ଟିଏମ୍‌ଟି ବାର୍ ନିର୍ମାତା ରୁଙ୍ଗଟା ଷ୍ଟିଲ୍ ପକ୍ଷରୁ ଏକ ନୂତନ ଟିଭି ବିଜ୍ଞାପନର ଶୁଭାରମ୍ଭ କରାଯାଉଛି। ବିଶେଷ କରି ଉକ୍ତ ବିଜ୍ଞାପନ ପାଇଁ ବଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ସହ ରୁଙ୍ଗଟା ଷ୍ଟିଲ୍‌ର ସହଭାଗିତା ହୋଇଥିବା କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହା ପୂର୍ବରୁ କମ୍ପାନୀ ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ବ୍ରାଣ୍ଡର ଫେସ୍ (ଚେହେରା) ଭାବେ ପ୍ରଚାର କରୁଥିବା ବେଳେ ଉକ୍ତ ତାଲିକାରେ ଶାହରୁଖ ଖାନ୍‌ଙ୍କ ନାମ ଯୋଡ଼ି ହୋଇଛି। ଅପରପକ୍ଷରେ ଶାହରୁଖ ଖାନ୍‌ଙ୍କ ଉପସ୍ଥିତି ବ୍ରାଣ୍ଡକୁ ନୂତନ ଶିଖରରେ ପହଞ୍ଚାଇବ ବୋଲି କମ୍ପାନୀ ଆଶା କରିଛି, ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଓ ସବୁଠୁ ପ୍ରଭାବଶାଳୀ ସମନ୍ୱିତ ଇସ୍ପାତ ବ୍ରାଣ୍ଡ ଭାବେ ସ୍ଥିତିକୁ ଆହୁରି ସୁଦୃଢ଼ କରିବ। ଉକ୍ତ ଟିଭି ବିଜ୍ଞାପନରେ ରୁଙ୍ଗଟା ଟିଏମ୍‌ଟି ବାର୍ ନିର୍ଦ୍ଧାରଣ କରୁଥିବା ଦୃଢ଼ତା ଓ ସ୍ୱତନ୍ତ୍ର ଗୁଣକୁ ପ୍ରଦର୍ଶିତ କରାଯାଇଛି। ଯାହା ଶାହରୁଖଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱ ସହ ସମାନ୍ତରାଳ ହୋଇପାରିଛି, ଅତୁଟ ସଂକଳ୍ପ, ମୂଲ୍ୟବୋଧ, ଅଭିଳାଷ ପାଇଁ ଶାହରୁଖ ବେଶ୍ ଜଣାଶୁଣା, ଯାହାକୁ ଉକ୍ତ ବିଜ୍ଞାପନର ମୂଳବାର୍ତ୍ତା ଭାବେ ପ୍ରଚାର କରାଯାଉଛି। ଉକ୍ତ ବିଜ୍ଞାପନ ପଛର ପରିକଳ୍ପନା ହେଉଛି 'ଏକଦମ୍ ସଲିଡ୍ ଇଚ୍ଛାଶକ୍ତି', ଯାହା ଶାହରୁଖଙ୍କ ଦୃଢ଼ତା ଓ ଉତ୍କର୍ଷ ପାଇଁ ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଏ ସମ୍ପର୍କରେ ରୁଙ୍ଗ୍‌ଟା ଷ୍ଟିଲ୍‌ର ମୁଖ୍ୟ ମହାପ୍ରବନ୍ଧକ (ସେଲ୍‌ସ ଆଣ୍ଡ ମାର୍କେଟିଂ) ଅରବିନ୍ଦ କୁମାର କହିଛନ୍ତି, ବଲିଉଡର କିମ୍ବଦନ୍ତୀ ଅଭିନେତା ଶାହରୁଖ ଖାନ୍‌ଙ୍କ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଥିବାବେଳେ ଶାହରୁଖ, ଆଲିଆ ଭଟ୍ଟ ଓ ରଣବୀର କପୁରଙ୍କୁ ନେଇ ଆମର ସଦ୍ୟତମ ବ୍ରାଣ୍ଡ ଅଭିଯାନକୁ ଉପସ୍ଥାପନ କରି ଆମେ ବେଶ୍ ରୋମାଞ୍ଚିତ ଅଛୁ। ବିଶେଷକରି ବ୍ରାଣ୍ଡର ଗୁଣାତ୍ମକ ମାନ ଓ ବିଶ୍ୱାସ ପ୍ରତି ଆମ ସମର୍ପଣ ଭାବକୁ ଉକ୍ତ ସହଭାଗିତା ପ୍ରତିଫଳିତ କରୁଛି।

## ଆଇଓସିଏଲ୍ ସହ ଟାଟା ଷ୍ଟିଲର ବୁଝାମଣା



ଆଇଓସିଏଲ୍ ଓ ଟାଟା ଷ୍ଟିଲ୍ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଯାଇଛି। ଏହି ଅବସରରେ ଆଇଓସିଏଲ୍ ଓ ଟାଟା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧।୧୦

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ଏବଂ ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷ କରି ଟାଟା ଷ୍ଟିଲର ଫେରୋ ଆଲଏଜ୍ କାରଖାନାଗୁଡ଼ିକରେ କାର୍ବନ ଫୁଟ୍‌ପ୍ରିଣ୍ଟକୁ କମ୍ କରିବା ଲକ୍ଷ୍ୟରେ ଉକ୍ତ ବୁଝାମଣା ସ୍ୱାକ୍ଷର ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ ଗଞ୍ଜାମ ଜିଲାର ଗୋପାଳପୁର ଓ କଟକ ଜିଲାର ଆଠଗଡ଼ଠାରେ ଥିବା ଟାଟା ଷ୍ଟିଲର ଫେରୋ ଆଲଏଜ୍ କାରଖାନାକୁ ଆଇଓସିଏଲ୍ ଏଲ୍‌ପିଜି ଯୋଗାଇଦେବ। ଏପରିକି କମ୍ପାନୀ ପରିସରରେ ଆଇଓସିଏଲ ଏଲ୍‌ପିଜି ବ୍ୟବସ୍ଥା ସ୍ଥାପନ କରିବ ଏବଂ ତା'ର ପରିଚାଳନା ଓ ରକ୍ଷଣାବେକ୍ଷଣ ମଧ୍ୟ କରିବ। ସାଂପ୍ରତିକ ପରିବେଶ ଚିନ୍ତା ଓ କାର୍ବନ ନିର୍ଗମନ ହ୍ରାସ କରିବା ଲାଗି ବିଶ୍ୱସ୍ତରରେ ରହିଥିବା ଆବଶ୍ୟକତା ପ୍ରତି ପ୍ରତିକ୍ରିୟା ସ୍ୱରୂପ, ଫର୍ନେସ୍ ତୈଳ ଓ ହାଇ-ସ୍ପିଡ୍ ଡିଜେଲ୍‌ରୁ ଅଧିକ ଦୀର୍ଘସ୍ଥାୟୀ ଇନ୍ଧନ ବିକଳ୍ପ-ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଆଡ଼କୁ ପରିବର୍ତ୍ତିତ ହେବାକୁ ଟାଟା ଷ୍ଟିଲ୍ ନିଷ୍ପତ୍ତି ଗ୍ରହଣ କରିଛି, କମ୍ପାନୀର ଏହି ପରିବେଶ ସୁରକ୍ଷା ପଦକ୍ଷେପ କାର୍ବନ ନିର୍ଗମନକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବ। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏକ୍‌ଜିକ୍ୟୁଟିଭ୍ ଇନ୍-ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଆମ ଦୀର୍ଘସ୍ଥାୟୀ ଅଭିଯାନର ଅଂଶ ଭାବେ ଉକ୍ତ ବୁଝାମଣା କାରଖାନାଗୁଡ଼ିକରେ କାର୍ବନ ଫୁଟ୍‌ପ୍ରିଣ୍ଟକୁ ହ୍ରାସ କରିବାରେ ସହାୟକ ହେବ।

## ଗୁଣବତ୍ତା ଉତ୍ପାଦ ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର, ୧।୧୦

ଦେଶର ପ୍ରମୁଖ ଖାଇବା ତେଲ ବ୍ରାଣ୍ଡ ହାତୀ ମାର୍କା କଚ୍ଚି ଘନି ସୋରିଷ ତେଲ ଚଳିତ ପାର୍ବଣ ଋତୁରେ ବଣ୍ଡଲ କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ହାତୀ ସୋରିଷ ତେଲର ସଭାପତି ରାଘବ ଭଗତ କହିଛନ୍ତି, ଆମେ ଆମର ଗ୍ରାହକଙ୍କୁ ସର୍ବଦା ସର୍ବୋତ୍ତମ ଏବଂ ଗୁଣବତ୍ତା ପ୍ରମାଣିତ ହୋଇଥିବା ଉତ୍ପାଦ ଯୋଗାଇବା ସହିତ ଏହାକୁ ସମସ୍ତଙ୍କ ଜୀବନଶୈଳୀର ଏକ ଅଂଶ ଭାବେ ପରିଣତ କରିବାକୁ ଯାଉଛୁ, ଏପରିକି ଚଳିତ ପାର୍ବଣ ଋତୁରେ ଆମେ ଆମର ଗ୍ରାହକଙ୍କର ପ୍ରିୟ ପରିଜନଙ୍କୁ ଶୁଦ୍ଧତା, ସ୍ୱାସ୍ଥ୍ୟ ତଥା ସ୍ୱାଦର ଉପହାର ଦେବା ପାଇଁ ଏକ ବଣ୍ଡଲ କଲେକସନ ଉପଲବ୍ଧ କରାଇଛୁ। ବିଶେଷକରି ରନ୍ଧନ ଆଦିରେ ବ୍ୟବହୃତ ହେବା ସହିତ ହାତୀ ବ୍ରାଣ୍ଡ କଚ୍ଚି ଘନି ତେଲ ସାଂସ୍କୃତିକ ମହତ୍ତ୍ୱ ମଧ୍ୟ ବଜାୟ ରଖିଥାଏ। ଭାରତୀୟ ପରିବାରଗୁଡ଼ିକରେ ଏହା ଶୁଦ୍ଧତା ଏବଂ ଐଶ୍ୱରୀୟ ଭାବନା ଜାଗ୍ରତ ପାଇଁ ଦୀପ ପ୍ରଜ୍ୱଳନରେ ମଧ୍ୟ ବ୍ୟବହାର କରାଯାଇଥାଏ। ହାତୀ ସୋରିଷ ତେଲ ଏହି ପବିତ୍ର ପରମ୍ପରାର ଏକ ଅଂଶ ହୋଇଥିବାରୁ ବେଶ୍ ଗର୍ବିତ। ଶୁଭ ରୀତିନୀତି ପାଇଁ ଏହା ଗ୍ରାହକଙ୍କର ଏକ ବିଶ୍ୱସ୍ତ ପସନ୍ଦ ହୋଇ ରହିଆସିଛି। ଚଳିତ ପାର୍ବଣ ଋତୁରେ ହାତୀ ବ୍ରାଣ୍ଡ କଚ୍ଚି ଘନି ସୋରିଷ ତେଲ ଏକ ଆଦର୍ଶ ଉପହାର ଭାବେ ପରିଗଣିତ ହେବ। ବିଶେଷକରି ଏହାର ପ୍ରିମିୟମ ଗୁଣବତ୍ତା ଏବଂ ପାରମ୍ପରିକ ଚମତ୍କାରିତା ଏହାକୁ ଚଳିତ ପାର୍ବଣ ଋତୁରେ ଆପଣଙ୍କ ପ୍ରିୟଜନଙ୍କ ପ୍ରତି ପ୍ରେମ ଏବଂ ସମ୍ମାନର ଏକ ହୃଦୟସ୍ପର୍ଶୀ ଭାବନା ଭାବେ ପରିଗଣିତ ହେବ। ହାତୀ ବ୍ରାଣ୍ଡ କଚ୍ଚି ଘନି ସୋରିଷ ତେଲର ଗୁଣବତ୍ତାକୁ ଅନୁଭବ କରନ୍ତୁ। ଆମର ସମସ୍ତ ଉତ୍ପାଦରେ ସର୍ବୋଚ୍ଚ ଗୁଣବତ୍ତା ଏବଂ ଶୁଦ୍ଧତାର ମାନ ବଜାୟ ରଖିବା ପାଇଁ ହାତୀ ସୋରିଷ ତେଲ ପ୍ରତିଶ୍ରୁତିବଦ୍ଧ। ଆମର ନୂତନ ହାତୀ ବ୍ରାଣ୍ଡ କଚ୍ଚି ଘନି ତେଲ ଏହାର ବ୍ୟତିକ୍ରମ ନୁହେଁ ଏବଂ ଆମେ ଏହାର ଲାଭ ଏବଂ ଐତିହ୍ୟକୁ ଗ୍ରାହକଙ୍କ ସହ ବଜାୟ ରଖିବା ନେଇ ବେଶ୍ ଉତ୍ସାହିତ।

ଫୁରସତ୍

## 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ସିଜନ ୩' ଟ୍ରଫି ଜିତିଲେ ସମର୍ପଣ

ମୁମ୍ବାଇ




ସୋନି ଟିଭିର ଲୋକପ୍ରିୟ ଡ୍ୟାନ୍ସ ରିଅଲ୍‌ଟି ଶୋ 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର ସିଜନ ୩' ଏବେ ଶେଷ ହୋଇଛି। ଶନିବାର ପ୍ରସାରିତ ଅନ୍ତିମ ଏପିସୋଡ୍‌ରେ ଶୋ'କୁ ଏହାର ବିଜେତା ମିଳିଯାଇଛି। ପୁଣେର ନିବାସୀ ସମର୍ପଣ ଲାମା ଏହି ସିଜନର ଟ୍ରଫି ନିଜ ନାମରେ କରିଛନ୍ତି। ଟ୍ରଫି ସହିତ ତାଙ୍କୁ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି। ବିଜେତାରେ ତାଙ୍କ ନାମ ଘୋଷଣା ପରେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଶୋ'ର ଜଜ୍ ଟେରେନ୍ସ ଲୁଇସ୍, ଗୀତା କପୁର ଏବଂ ସୋନାଲି ବେନ୍ଦ୍ରେ ସମର୍ପଣଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ତାଙ୍କ କୋରିଓଗ୍ରାଫର ଭାବନା ଖଣ୍ଡୁଜାଙ୍କୁ ମଧ୍ୟ ଏହି ବିଜୟ ପାଇଁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହା ଏପରି ଏକ ଶୋ; ଯେଉଁଥିରେ ବିଜେତାଙ୍କ ସହିତ କୋରିଓଗ୍ରାଫରଙ୍କୁ ମଧ୍ୟ ତାଙ୍କ ନୃତ୍ୟ ପାଇଁ ସମ୍ମାନିତ କରାଯାଏ। ଫାଇନାଲରେ ସମର୍ପଣ, ଶିଭାନ୍ସୁ ସୋନି, ଅଞ୍ଜଳି ମମଗଇ, ବିପୁଲ କାଣ୍ଡପାଲ ଏବଂ ଅନିକେତ୍ ଚୌହାନ ମଧ୍ୟ ଶ୍ରେଷ୍ଠ ୫ ପ୍ରତିଯୋଗୀ ହୋଇଥିଲେ। ଅଞ୍ଜଳି ପ୍ରଥମ ରନର୍ସ ଅପ୍ ହୋଇଥିବାବେଳେ ଶିବାନ୍ସୁ ଦ୍ୱିତୀୟ ରନର୍ସ ଅପ ହୋଇଥିଲେ। ଏହି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସମର୍ପଣ ବିଜେତା ହୋଇଥିଲେ। ତେବେ ସମର୍ପଣଙ୍କ ଘର ନେପାଳରେ ହୋଇଥିବାବେଳେ ସେ ଏବେ ମହାରାଷ୍ଟ୍ରରେ ରହୁଛନ୍ତି। ଶୋ'ରେ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ନିଜର ନୃତ୍ୟଶୈଳୀ ପାଇଁ ସେ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ସେ ସବୁବେଳେ ବିଭିନ୍ନ ନୃତ୍ୟଭିତ୍ତିକ ଶୋ ଦେଖି ସେଥିରେ ଅଂଶଗ୍ରହଣ କରିବା କଥା ଚିନ୍ତା କରୁଥିଲେ। ଏବେ ତାଙ୍କର ସେହି ସ୍ୱପ୍ନ ସାକାର ହୋଇଛି। ସେ ଏବେ ତାଙ୍କ ନୃତ୍ୟକୁ ଅନ୍ତର୍ଜାତୀୟ ସ୍ତରକୁ ନେବାକୁ ଯୋଜନା କରୁଥିବା କହିଛନ୍ତି।

## ଫିଲ୍ମ ପାଇଁ ଫି' କମାଇଲେ ରଣବୀର



**ମୁମ୍ବାଇ:** ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ଆନିମଲ'ର ଟିଜର ଏବେ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ସୋସିଆଲ ମିଡିଆରେ ଏହା ବେଶ୍ ଟ୍ରେଣ୍ଡ୍ କରୁଛି। ବର୍ତ୍ତମାନ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା ଏବଂ ପିଙ୍କ ଭିଲ୍ଲାଙ୍କ ରିପୋର୍ଟ ଅନୁଯାୟୀ, ଫିଲ୍ମର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଫିଲ୍ମର ପ୍ରଡକ୍ସନ ଷ୍ଟାଣ୍ଡାର୍ଡରେ ଉନ୍ନତି ଆଣିବାକୁ ରଣବୀର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ସିନେମା ପାଇଁ ତାଙ୍କ ଫି' ହ୍ରାସ କରିଥିବା ଜଣାପଡ଼ିଛି। ରଣବୀରଙ୍କ ଫିଲ୍ମର ବଜାର ମୂଲ୍ୟ ପ୍ରାୟ ୭୦ କୋଟି। ଭୂଷଣ କୁମାର ଏବଂ ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କୁ ସମର୍ଥନ କରିବାକୁ ସେ ତାଙ୍କ ଅଭିନୟ ଶୁଳ୍କ ୫୦ ପ୍ରତିଶତକୁ ହ୍ରାସ କରିଥିବା ଜଣାଯାଇଛି। ରଣବୀର 'ଆନିମଲ' ପାଇଁ ୩୦-୩୫ କୋଟି ଫି' ନେବେ। ରଣବୀରଙ୍କ ଏହି ମହାନତା ପାଇଁ ତାଙ୍କ ପ୍ରଶଂସକମାନେ ବେଶ୍ ପ୍ରଶଂସା କରୁଛନ୍ତି। ମୁଭିରେ ବବି ଦେଓଲ, ଅନିଲ କପୁର ଏବଂ ରଶ୍ମିକା ମାନ୍ଦାନାଙ୍କୁ ପ୍ରମୁଖ ଚରିତ୍ରରେ ଦେଖିବାକୁ ମିଳିବ। ଅନିଲ ଫିଲ୍ମରେ ରଣବୀରଙ୍କ ବାପା ଭୂମିକାରେ ନଜରକୁ ଆସିବେ। ଆସନ୍ତା ଡିସେମ୍ବର ୧ରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଥିବାବେଳେ ଏହା ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ଼, ମାଲାୟାଲମ୍ ଆଦି ଭାଷାରେ ରିଲିଜ୍ ହେବ। ତେବେ ସେ ୧୯୯୯ରେ ତାଙ୍କ ଅଭିନୟ ଆରମ୍ଭ କରିଥିଲେ। ଶେଷ ଥର ପାଇଁ ତାଙ୍କୁ 'ତୁ ଝୁଟି ମେ ମକ୍କାର'ରେ ଦେଖିବାକୁ ମିଳିଥିଲା।

## ଝରକା ନ ଥିବା ଉଚ୍ଚ ବିଲ୍ଡିଂ

ୱାଶିଂଟନ



ପ୍ରତ୍ୟେକ ଘରେ ବାୟୁ ଚଳାଚଳ କରିବା ପାଇଁ ଝରକାର ଆବଶ୍ୟକତା ରହିଥାଏ। ହେଲେ ଆମେରିକାର ନ୍ୟୁୟର୍କ ସିଟିରେ '୩୩ ଥୋମାସ ଷ୍ଟ୍ରିଟ୍' ନାମକ ଏକ ବିଲ୍ଡିଂ ରହିଛି। ୪୦ ମହଲା ବିଶିଷ୍ଟ ଏହି ବିଲ୍ଡିଂ ବହୁ ରହସ୍ୟମୟ ହୋଇଥିବାବେଳେ ବିଲ୍ଡିଂରେ ଗୋଟେ ବି ଝରକା ନାହିଁ। ଏପରି ଝରକା ନ ଥିବା ବିଲ୍ଡିଂକୁ ଦେଖି ତା' ଭିତରେ କ'ଣ ଥିବା ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠେ। ଏହାକୁ ଯେତେବେଳେ ଭେଟେରାନ ଅଭିନେତା ଟମ୍ ହାଙ୍କସ ପ୍ରଥମେ ଦେଖିଥିଲେ, ତାଙ୍କୁ ଡର ଲାଗିଥିଲା। ୨୦୧୭ରେ ସେ ଏହି ବିଲ୍ଡିଂକୁ ଦେଖିବା ପରେ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ କରିଥିଲେ। ସେଥିରେ ଲେଖିଥିଲେ, ସେ ଏଭଳି ସବୁଠୁ ଭୟାନକ ବିଲ୍ଡିଂ ଆଗରୁ କେବେ ଦେଖି ନ ଥିଲେ। ତାଙ୍କର ଏହି ପୋଷ୍ଟରେ ଲୋକଙ୍କ ଭିନ୍ନ ଭିନ୍ନ କମେଣ୍ଟ ଦେଖିବାକୁ ମିଳିଥିଲା। ହେଲେ ଏହା ପଛରେ ଏକ ରହସ୍ୟପୂର୍ଣ୍ଣ ଘଟଣା ରହିଛି। ଏହି ବିଲ୍ଡିଂ ନ୍ୟୁୟର୍କ ସିଟିର '୩୩ ଥୋମାସ ଷ୍ଟ୍ରିଟ୍'ରେ ଅଛି। ଏହାକୁ ଲୋକେ ଲଙ୍ଗ ଲାଇନ୍‌ସ ବିଲ୍ଡିଂ ଭାବରେ ମଧ୍ୟ ଜାଣନ୍ତି। ୧୯୬୯ ଏବଂ ୧୯୭୪ ମସିହା ମଧ୍ୟରେ ଏଟି ଆଣ୍ଡ ଟି (ଆମେରିକାନ ଟେଲିଫୋନ ଆଣ୍ଡ ଟେଲିଗ୍ରାଫ) କମ୍ପାନୀର ଟେଲିଫୋନ ସୁଇଚିଂ ଉପକରଣ ରଖିବାକୁ ତିଆରି କରାଯାଇଥିଲା; ଯାହା ୟୁଏସ୍‌ର ସବୁଠୁ ମହତ୍ତ୍ୱପୂର୍ଣ୍ଣ ହବ୍ ମଧ୍ୟରୁ ଗୋଟେ। ଏହି ଉପକରଣ ପାଇଁ ଅଧିକ ଜାଗାର ଆବଶ୍ୟକତା ରହିଥାଏ। ତେବେ ଏହି ବିଲ୍ଡିଂରେ ପ୍ରକୃତରେ ୨୯ଟି ମହଲା ରହିଛି। ଏହି ବିଲ୍ଡିଂକୁ ନ୍ୟୁକ୍ଲିୟର ବମ୍‌ରୁ ରକ୍ଷା କରିବାକୁ ପ୍ରସ୍ତୁତ କରାଯାଇଥିଲା। ଏଥିସହ ବିଲ୍ଡିଂରେ ୧୫୦୦ ଲୋକଙ୍କ ପାଇଁ ୨ ସପ୍ତାହର ଖାଦ୍ୟର ବ୍ୟବସ୍ଥା ରହିଥିଲା। ୨୦୧୬ରେ ଯାଞ୍ଚରେ ଜଣାପଡିଲା କି, ଏହା ଜାତୀୟ ସିକ୍ୟୁରିଟି ଏଜେନ୍ସି(ଏନ୍‌ଏସ୍‌ଏ)ର ଏକ ସ୍ଥଳୀ ଅଟେ।

## ନୀଳ ରଙ୍ଗର ବୁଢ଼ିଆଣୀ



ବ୍ୟାଙ୍କକ୍

ଦୁନିଆରେ ଅନେକ ପ୍ରକାର ଜୀବ ଅଛନ୍ତି, ତାହା ମଧ୍ୟରୁ କିଛି ଜୀବ ବହୁତ ଅଜବ। ନିକଟରେ ବୈଜ୍ଞାନିକମାନେ ଏପରି ଏକ ପ୍ରଜାତି ଜୀବର ସନ୍ଧାନ କରିଛନ୍ତି, ଯାହାକୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ରିପୋର୍ଟ ମୁତାବକ, ଦକ୍ଷିଣ ଥାଇଲାଣ୍ଡର ଫେଙ୍ଗନା ପ୍ରାନ୍ତରେ ବୈଜ୍ଞାନିକଙ୍କୁ ଏକ ଇଲେକ୍ଟ୍ରିକ୍ ନୀଳ ରଙ୍ଗର ବୁଢ଼ିଆଣୀ ଦେଖିବାକୁ ମିଳିଛି। ଏହି ପ୍ରଜାତିର ବୁଢ଼ିଆଣୀ ବହୁତ ଦୁର୍ଲଭ ହୋଇଥାଏ। କୌନ କେନ୍ ୟୁନିଭର୍ସିଟି ଡିପାର୍ଟମେଣ୍ଟ ଅଫ୍ ଏଣ୍ଟୋମୋଲୋଜି ଆଣ୍ଡ ପ୍ଲାଣ୍ଟ ପାଥୋଲୋଜିର ରିସର୍ଚ୍ଚର ନରିନ୍ ଚୋମ୍ଫୁଆଙ୍ଗ କହିଛନ୍ତି, ସେମାନେ ନୂଆ ପ୍ରଜାତିର ବୁଢ଼ିଆଣୀ ଖୋଜୁଥିଲେ। ରାତିର ଅନ୍ଧାରରେ ସେମାନେ ଏହି ବୁଢ଼ିଆଣୀ ଦେଖିଥିଲେ। ଏହି ପ୍ରଜାତିର 'ଛିଲୋବ୍ରାସିସ୍ ନାଟାନି ଚାରମ୍' ନାମକ ବୁଢ଼ିଆଣୀ ସନ୍ତସନ୍ତିଆ ଜଙ୍ଗଲର ଏକ ଗଛ ମଧ୍ୟରେ ଲୁଚିଥିବା ଦେଖିବାକୁ ମିଳିଥିଲା। ବୈଜ୍ଞାନିକମାନେ କହିଛନ୍ତି, ବୁଢ଼ିଆଣୀ ଦେହରେ ଥିବା ଏହି ସ୍ୱତନ୍ତ୍ର ଧରଣର ନୀଳ ରଙ୍ଗ ଅତ୍ୟନ୍ତ ଉଜ୍ଜ୍ୱଳ। ସାଧାରଣତଃ ନୀଳ ରଙ୍ଗ ପକ୍ଷୀ ଏବଂ ମାଛ ଦେହରେ ଦେଖିବାକୁ ମିଳିଥାଏ। ହେଲେ ବୁଢ଼ିଆଣୀ ଦେହରେ ଏପରି ରଙ୍ଗ ପିଗ୍‌ମେଣ୍ଟ ଯୋଗୁ ନୁହେଁ, ଏହା ପ୍ରାକୃତିକ ଭାବେ ନୀଳ। ଏହାର ଏପରି ଭିନ୍ନ ରଙ୍ଗକୁ ଦେଖି ବୈଜ୍ଞାନିକ ତାକୁ ଜଙ୍ଗଲର ଗହଣା ବୋଲି ନାମକରଣ କରିଛନ୍ତି। କୁହାଯାଏ, ଏହି ପ୍ରଜାତିର ବୁଢ଼ିଆଣୀ ଗତ କିଛି ସମୟରୁ କିଣାବିକା ହେଉଥିଲା। ସେଥିପାଇଁ ସେମାନେ ଏହାର ନାମ ଇଲେକ୍ଟ୍ରିକ୍ ବ୍ଲୁ ସ୍ପାଇଡର ବୋଲି ରଖାଯାଇଛି। ତେବେ ଏମାନେ ବିଷାକ୍ତ ହୋଇ ନ ଥିବା ବୈଜ୍ଞାନିକମାନେ କହିଛନ୍ତି।

# ଭାରତ ପଦକ ସଂଖ୍ୟା ୫୦ ଟପିଲା

## ଜ୍ୟୋତି ୟାରାଜୀଙ୍କୁ ରୌପ୍ୟ

ହାଙ୍ଗଝୋ,୧।୧୦(ପି.ଟି.)

ରବିବାର ଏସିଆନ୍ ଗେମ୍ସରେ ଭାରତୀୟ ଆଥଲେଟ ମାନେ ୩ ସ୍ୱର୍ଣ୍ଣ ସହିତ ୧୫ ପଦକ ବିଜୟୀ ହୋଇଥିବା ବେଳେ ଓଡ଼ିଶା ଆଥଲେଟିକ୍ସ ହାଇ ପର୍ଫମାନ୍ସ ସେଣ୍ଟରରେ ଅଭ୍ୟାସ କରୁଥିବା ଜ୍ୟୋତି ୟାରାଜୀ ୧୦୦ ମିଟର ବାଧାଦୌଡରେ ଏକ ରୌପ୍ୟ ପଦକ ଜିତିଛନ୍ତି। ତେବେ ଏହି ଦୌଡଟି ଅତ୍ୟନ୍ତ ବିବାଦୀୟ ରହିଥିଲା। ଆରମ୍ଭରୁ ଫଲ୍ସ ଷ୍ଟାର୍ଟ ପାଇଁ ଜ୍ୟୋତି ଓ ଚାଇନାର ଉ ୟାନିଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ପରେ ଉଭୟ ଆଥଲେଟଙ୍କୁ ଦୌଡିବାର ସୁଯୋଗ ମିଳିଥିଲା। ଚାଇନାର ଲୁ ଉଏଇ ୧୨.୭୪ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୟାନି(୧୨.୯୧) ଦ୍ୱିତୀୟ ଓ ୟାରାଜୀ(୧୩.୦୪ ) ତୃତୀୟ ସ୍ଥାନରେ ରହିଥିଲେ। ତେବେ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ(ଏଏଫ୍ଆଇ) ପକ୍ଷରୁ ଅଭିଯୋଗ କରାଯିବା ପରେ ବୈଷୟିକ ନିୟମ ୧୬.୮ ଆଧାରରେ ୟାନିଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଫଳସ୍ୱରୂପ ଜ୍ୟୋତି ୟାରାଜୀଙ୍କ ବ୍ରୋଞ୍ଜ ପଦକ ରୌପ୍ୟରେ ପରିଣତ ହୋଇଥିଲା। ଏହି ନିୟମ ଅନୁସାରେ ଯେଉଁ ଖେଳାଳି ସର୍ବପ୍ରଥମେ ଫଲ୍ସ ଷ୍ଟାର୍ଟ କରିଥାନ୍ତି ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଏ। ଫଳରେ ୟାନି ଅଯୋଗ୍ୟ ଘୋଷିତ ହୋଇଥିଲେ।

### ଏସିଆନ ଗେମ୍ସରେ ଭାରତର ପଦକ (ରବିବାର)

**ସ୍ୱର୍ଣ୍ଣ**
- ଅବିନାଶ ସାବ୍‌ଲେ: ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ୍
- ତାଜିନ୍ଦର ପାଲ୍ ସିଂ ତୁର: ପୁରୁଷ ଶଟ୍‌ପୁଟ୍
- କିନାନ ଡାରିଅସ ଚେନାଇ, ଜୋରାବର ସିଂ ସାନ୍ଧୁ, ପୃଥ୍ୱୀରାଜ ତୋଣ୍ଡାମାନ: ପୁରୁଷ ଟ୍ରାପ୍ ଟିମ୍ (ଶୁଟିଂ)

**ରୌପ୍ୟ**
- ଅଦିତି ଅଶୋକ: ମହିଳା ଗଲ୍ଫ (ବ୍ୟକ୍ତିଗତ)
- ମନିଷା କେର, ପ୍ରୀତି ରଜକ, ରାଜେଶ୍ୱରୀ କୁମାରୀ : ମହିଳା ଟ୍ରାପ୍ ଟିମ୍ (ଶୁଟିଂ)
- ହରମିଲନ ବେନ୍ସ: ମହିଳା ୧୫୦୦ ମିଟର ରେସ୍
- ଅଜୟ କୁମାର ସରୋଜ: ପୁରୁଷ ୧୫୦୦ ମିଟର ରେସ୍
- ମୁରଲୀ ଶ୍ରୀଶଙ୍କର: ପୁରୁଷ ହାଇଜମ୍ପ
- ଜ୍ୟୋତି ୟାରାଜୀ: ମହିଳା ୧୦୦ ମିଟର ହର୍ଡଲ୍ସ
- ଲକ୍ଷ୍ୟ ସେନ୍, ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟି, ଶ୍ରୀକାନ୍ତ, ଧ୍ରୁବ କପିଲା-ସାଇ ପ୍ରତୀକ କ୍ରିଷ୍ଣା ପ୍ରସାଦ, ମିଥୁନ ମଞ୍ଜୁନାଥ: ପୁରୁଷ ବ୍ୟାଡ୍‌ମିଣ୍ଟନ

**ବ୍ରୋଞ୍ଜ**
- କିନାନ ଡାରିଅସ ଚେନାଇ: ପୁରୁଷ ଟ୍ରାପ୍ (ଶୁଟିଂ)
- ନିଖତ ଜରିନ: ମହିଳା ୫୦ କେଜି ବକ୍ସିଂ
- ଜିନସନ ଜନସନ: ପୁରୁଷ ୧୫୦୦ ମିଟର ରେସ୍
- ନନ୍ଦିନୀ ଆଗାସରା: ମହିଳା ହେପ୍ଟାଥଲନ ୮୦୦ ମିଟର
- ସୀମା ପୁନିଆ: ମହିଳା ଡିସ୍‌କସ୍

**ହାଙ୍ଗଝୋରେ ଚାଲିଥିବା ଏସିଆନ ଗେମ୍ସରେ ଭାରତ ପଦକ ସଂଖ୍ୟା ରବିବାର ୫୦ ଅତିକ୍ରମ କରିଛି। ଏହା ମଧ୍ୟରେ ୧୩ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୧୯ ବ୍ରୋଞ୍ଜ ପଦକ ସାମିଲ।**

୧୫୦୦ ମିଟର ମହିଳା ଦୌଡରେ ହରମିଲନ ବେନ୍ସ ୪:୧୨.୪୭ ସେକେଣ୍ଡର ଟାଇମିଂ ସହିତ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୧୫୦୦ ମି. ପୁରୁଷ ବର୍ଗରେ ଅଜୟ କୁମାର ସରୋଜ(୩:୩୮.୯୪) ଓ ଜିନସନ୍ ଜନସନ୍(୩:୩୯.୭୪) ସେକେଣ୍ଡର ସମୟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଭେଟେରାନ ଡିସ୍‌କସ୍ ଥ୍ରୋୟର ସୀମା ୫୮.୬୨ ମିଟର ଥ୍ରୋ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୦ ବର୍ଷୀୟା ସୀମା ନିଜର ଅନ୍ତିମ ଏସିଆନ ଗେମ୍ସ ଖେଳୁଥିବା ବେଳେ ବୟସ୍କ ଭାରତୀୟ ମହିଳା ଭାବରେ ପଦକ ଜିତିଛନ୍ତି। ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର ୮.୧୯ ମିଟରର ଜମ୍ପ ସହିତ ରୌପ୍ୟ ପଦକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ହେପ୍ଟାଥ୍ଲନରେ ଭାରତର ନନ୍ଦିନୀ ଆଗାସରା ୫୭୧୨ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

## ସେମିରେ ମହିଳା ହକି ଦଳ

ଏସିଆନ୍ ଗେମ୍ସ ୨୦୨୩ର ମହିଳା ହକି ସେମି ଫାଇନାଲରେ ପ୍ରବେଶ କରିଛି ଭାରତୀୟ ଦଳ। ରବିବାର ପୁଲ୍ ଏ'ର ଅନ୍ତିମ ମ୍ୟାଚ୍‌ରେ ଦଳ ଦକ୍ଷିଣ କୋରିଆ ସହିତ ୧-୧ରେ ମ୍ୟାଚ୍ ଅମୀମାଂସିତ ରଖିଛି। ଏହା ସହିତ ଗୋଲ୍ ବ୍ୟବଧାନରେ କୋରିଆକୁ ପଛରେ ପକାଇ ଗ୍ରୁପ୍‌ରେ ଏକ ନମ୍ବର ସ୍ଥାନରେ ରହି ଭାରତ ସେମିକୁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ କୋରିଆ ପକ୍ଷରୁ ଚୋ ହେଜିନ୍ ପ୍ରଥମ ଗୋଲ୍ ଦେଇ ଦଳକୁ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାର ଠିକ୍ ପୂର୍ବରୁ ଭାରତ ପକ୍ଷରୁ ନବନୀତ୍ କୌର ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଅନ୍ତିମ କ୍ୱାର୍ଟରରେ ଏକାଧିକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ବିଫଳ ହେବା ସହିତ ଭାରତ ୧ ପଏଣ୍ଟରେ ସନ୍ତୁଷ୍ଟ ରହିଥିଲା।



ମହିଳା ୧୫୦୦ ମିଟରରେ ରୌପ୍ୟ ଜିତିବାପରେ ଉଲ୍ଲସିତ ହରମିଲନ ବେନ୍ସ।



ଏସିଆନ ଗେମ୍ସର ମହିଳା ୧୦୦ ମିଟର ହର୍ଡଲ୍ସରେ ରୌପ୍ୟ ପଦକ ବିଜୟିନୀ ଜ୍ୟୋତି ୟାରାଜୀ।


ପୁରୁଷ ଟ୍ରାପ୍ ଶୁଟିଂରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳ।

## ରୌପ୍ୟ ଜିତିଲେ ଅଦିତି

ହାଙ୍ଗଝୋ,୧।୧୦(ପି.ଟି.)

**ଏସିଆନ ଗେମ୍ସ ମହିଳା ଗଲ୍ଫରେ ପଦକ ଜିତିବାରେ ପ୍ରଥମ ଭାରତୀୟ**

ମହିଳା ଗଲ୍ଫରେ ଭାରତର ଅଦିତି ଅଶୋକ ରୌପ୍ୟ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ପାଇଁ ଦାବିଦାର ଥିବା ଅଦିତି ଅନ୍ତିମ ଦିବସରେ ଆଶାନୁରୂପ ପ୍ରଦର୍ଶନ କରି ପାରି ନ ଥିଲେ। ତେବେ ଏସିଆନ ଗେମ୍ସର ମହିଳା ଗଲ୍ଫରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ଶନିବାର ସୁଦ୍ଧା ଅଦିତି ସେଭେନ-ଷ୍ଟ୍ରୋକ୍‌ରେ ଅଗ୍ରଣୀ ରହି ଦୃଢ଼ ସ୍ଥିତିରେ ଥିଲେ। ମାତ୍ର ଅନ୍ତିମ ଦିବସରେ ଭାଗ୍ୟ ସାଥ୍ ନ ଦେବାରୁ ସେ ଦ୍ୱିତୀୟ ସ୍ଥାନକୁ ଖସିଆ ଆସିଥିଲେ। ଅଦିତିଙ୍କ ପ୍ରଦର୍ଶନ ଦଳଗତ ଫଳାଫଳକୁ ମଧ୍ୟ ପ୍ରଭାବିତ କରିଥିଲା। ଫଳରେ ଏକଦା ପ୍ରଥମ ସ୍ଥାନରେ ଥିବା ଭାରତୀୟ ଦଳ ଶେଷରେ ୪ର୍ଥ ସ୍ଥାନକୁ ଖସି ବିନା ପଦକରେ ଅଭିଯାନ ଶେଷ କରିଥିଲା। ଅଦିତିଙ୍କ ବ୍ୟତୀତ ଭାରତୀୟ ଦଳର ଅନ୍ୟ ଦୁଇ ସଦସ୍ୟା ପ୍ରଣବି ଉର୍ସ ଓ ଅବନି ପ୍ରଶାନ୍ତ ମଧ୍ୟ ଶେଷ ଦିନରେ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ବ୍ୟକ୍ତିଗତଭାବେ ପ୍ରଣବି ୧୩ଶ ଓ ଅବନି ଟି-୧୮ରେ ରହିଥିଲେ। ରବିବାର ପ୍ରାୟ ସମସ୍ତ ମହିଳା ଗଲ୍ଫର ସ୍କୋରିଂ ପାଇଁ ସଂଘର୍ଷ କରିଥିଲେ। ମାତ୍ର ୬ ଜଣ ଖେଳାଳି ଅଣ୍ଡର ପାର୍ ଶୁଟ୍ କରିଥିଲେ। ୨୧ ବର୍ଷୀୟା ଥାଇଲାଣ୍ଡର ଅର୍ପିଚାୟା ୟୁବୋଲ ୬୮ ପଏଣ୍ଟ ଶୁଟ୍ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। କୋରିଆର ହ୍ୟୁଞ୍ଜୋ ୟୁ ବ୍ରୋଞ୍ଜ ପଦକ ପାଇଥିଲେ। ଅନିର୍ବାଣ ଲାହିରି, ଏସ୍ଏସ୍‌ପି ଚୌରାସିଆ, କଲିନ ଜୋଶି ଓ ଶୁଭଙ୍କର ଶର୍ମାଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଦଳ ୭ମ ସ୍ଥାନରେ ରହିଥିଲା।

## ପରବିନ୍‌ଙ୍କୁ ଅଲିମ୍ପିକ୍ସ କୋଟା, ନିଖତଙ୍କୁ ବ୍ରୋଞ୍ଜ

ହାଙ୍ଗଝୋ,୧।୧୦(ପି.ଟି.)

ଏସିଆନ୍ ଗେମ୍ସ ୨୦୨୩ରେ ଭାରତୀୟ ବକ୍ସରଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ରବିବାର ନିଖତ ଜରିନ୍ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ପରବିନ୍ ହୁଦା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୦ କିଗ୍ରା ଓଜନ ବର୍ଗରେ ଖେଳୁଥିବା ନିଖତ ସେମି ଫାଇନାଲରେ ଥାଇଲାଣ୍ଡର ରାକାଷ୍ଟ ଚୁଥାମଟଙ୍କଠାରୁ ୨-୧ରେ ପରାଜିତ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ନିଖତ ବିଜୟୀ ହୋଇଥିବା ବେଳେ ଥାଇ ବକ୍ସର ପରବର୍ତ୍ତୀ ଦୁଇ ରାଉଣ୍ଡରେ ବାଜି ମାରି ନେଇଥିଲେ। ଏହା ପୂର୍ବରୁ ନିଖତ ମଧ୍ୟ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ୨୦୨୨ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ପରବିନ୍ ଉଜବେକିସ୍ତାନର ସିଟୋରା ଟୁର୍ଡିବେକୋଭାଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହିତ ୫୭ କିଗ୍ରା ଓଜନ ବର୍ଗର ସେମିରେ ପ୍ରବେଶ କରିବା ସହ ଭାରତ ପାଇଁ ଏକ ପଦକ ପକ୍କା କରିଛନ୍ତି। ରାଜ୍ୟଗୋଷ୍ଠୀ ବ୍ରୋଞ୍ଜ ପଦକ ବିଜୟିନୀ ଜସ୍ମିନ୍ ଲମ୍ବୋରିଆ ୬୦ କିଗ୍ରା ଓଜନ ବର୍ଗ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। କୋରିଆର ଓନ୍ ଉନଗ୍ୟୋଙ୍ଗଙ୍କ ବିପକ୍ଷ ମ୍ୟାଚ୍‌କୁ ରେଫରି ଅଧାରୁ ରୋକିବାକୁ ବାଧ ହୋଇଥିଲେ। ପ୍ରଥମ ବାଉଟ୍‌କୁ ୫-୦ରେ ଜିତିବା ପରେ ଜସ୍ମିନ୍ ନିଜ ଧ୍ୟାନ ହରାଇଥିଲେ। କୋରିଆନ୍ ବକ୍ସରଙ୍କ ପଞ୍ଚ ପରେ ପଞ୍ଚ କାରଣରୁ ଶେଷରେ ମ୍ୟାଚ୍‌କୁ ଅଧାରୁ ରୋକିଥିଲେ ରେଫରି।

**ଆର୍ଚେରୀ:** ଭାରତୀୟ ତୀରନ୍ଦାଜମାନେ ଏସିଆନ୍ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ରବିବାର ଅନୁଷ୍ଠିତ କମ୍ପାଉଣ୍ଡ ଇଭେଣ୍ଟର ମହିଳା ଓ ମିକ୍ସଡ ପେୟାର ବର୍ଗର ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଏକ ନମ୍ବର ସ୍ଥାନ ଅଳଙ୍କୃତ କରିଛି। ଭାରତ ପକ୍ଷରୁ ଜ୍ୟୋତି ସୁରେଖା ଭେନମ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ବିଶ୍ୱ ଚାମ୍ପିୟନ ଓଜସ୍ ଦେଓତାଲେ ଓ ୨୦୧୪ ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜେତା ଅଭିଷେକ ବର୍ମା ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ପୁରୁଷ କମ୍ପାଉଣ୍ଡ ଟିମ୍ ଦ୍ୱିତୀୟ ସ୍ଥାନରେ ରହିଛି। ମହିଳା କମ୍ପାଉଣ୍ଡ ଟିମ୍ ପକ୍ଷରୁ ଜ୍ୟୋତି (୭୦୪ ପଏଣ୍ଟ) ପ୍ରଥମ ସ୍ଥାନରେ ଓ ଅଦିତି ସ୍ୱାମୀ(୬୯୬ ପଏଣ୍ଟ) ସହ ଚତୁର୍ଥ ସ୍ଥାନରେ ରହିଥିଲେ। ଅନ୍ୟତମ ଭାରତୀୟ ପରନିତ୍ କୌର ୧୨ତମ ସ୍ଥାନରେ ରହିଥିଲେ ମଧ୍ୟ ଭାରତ ପ୍ରଥମ ସ୍ଥାନରେ ରହି କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛି। କୋରିଆ ସହିତ ଭାରତର ସ୍କୋର ଟାଇ ରହିଥିଲେ ମଧ୍ୟ ଅଧିକ ୧୦ ପଏଣ୍ଟ ସ୍କୋର କରି ଭାରତ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲା।

**କାୟାକିଂ ଓ କାନୋଇଂ:** କାୟାକିଂ ଓ କାନୋଇଂ ଇଭେଣ୍ଟରେ ଭାରତୀୟ କାୟାକ ସୋନିଆ ଦେବୀ ଫାଇରେମବାମ୍ ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ କାୟାକ ୫୦୦ ମି. ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଛନ୍ତି। ସୋନିଆ ହିଟ୍ସରେ ୨:୧୭.୩୫୧ ସେକେଣ୍ଡର ଟାଇମିଂ ସହିତ ଚତୁର୍ଥ ସ୍ଥାନରେ ରହି ସେମିରେ ପ୍ରବେଶ କରିଥିଲେ। ସେମି ଫାଇନାଲରେ ନିଜ ଟାଇମିଂରେ ଉନ୍ନତି ଆଣିବା ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ ସୋନିଆ। ସେମିରେ ୨:୧୬.୪୩୫ର ଟାଇମିଂ ହାସଲ କରିଥିଲେ। ମଙ୍ଗଳବାର ଫାଇନାଲ ଇଭେଣ୍ଟ ଅନୁଷ୍ଠିତ ହେବ। ୨୦୦ ମିଟର ସ୍ପ୍ରିଣ୍ଟରେ ମେଘା ପ୍ରଦୀପ ସେମିରୁ ବିଦାୟ ନେଇଛନ୍ତି। ୫୬.୭୦୫ ସେକେଣ୍ଡର ଟାଇମିଂ ସହ ସେମିରେ ପ୍ରବେଶ କରିଥିଲେ ମଧ୍ୟ ମେଘା ବିଦାୟ ନେଇଥିଲେ।

**ସ୍କ୍ୱାଶ:** ପୁରୁଷ ଦଳ ପାକିସ୍ତାନକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିବା ପରେ ସ୍କ୍ୱାଶ ମିକ୍ସଡ ଡବଲ୍ସରେ ଭାରତୀୟ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ପୁଲ୍ ଏ'ରେ ସ୍ଥାନ ପାଇଥିବା ଦୀପିକା ପଲିକଲ ଓ ହରିନ୍ଦର ପାଲ ସିଂ ସନ୍ଧୁ ଦୁଇଟି ମ୍ୟାଚରେ ବିଜୟୀ ହୋଇଛନ୍ତି। ଦକ୍ଷିଣ କୋରିଆ ଖେଳାଳିଙ୍କ ୨୨ ମିନିଟ ଓ ପାକିସ୍ତାନ ଖେଳାଳିଙ୍କୁ ମାତ୍ର ୧୧ ମିନିଟରେ ଉଭୟ ପରାସ୍ତ କରିଥିଲେ। ପୁଲ୍ ଡି'ରେ ଥିବା ଅନ୍ୟତମ ଭାରତୀୟ ଯୋଡ଼ି ଅନହତ ସିଂ ଓ ଅଭୟ ସିଂ ମଧ୍ୟ ଚମତ୍କାର ପ୍ରଦର୍ଶନ ଜାରି ରଖି ଯଥାକ୍ରମେ ୧୫ ଓ ୧୬ ମିନିଟର ସମୟ ନେଇ ଫିଲିପାଇନ୍ସ ଓ ପାକିସ୍ତାନକୁ ପରାସ୍ତ କରିଥିଲେ। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଭାରତର ମହେଶ ମନଗାଓଁକର ଫିଲିପାଇନ୍ସର ଜୋନାଥନ ରେୟେସଙ୍କୁ ୧୧-୮, ୧୧-୪ ଓ ୧୧-୨ ସେଟ୍‌ରେ ପରାସ୍ତ କରି ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି।



ନିଖତ ଜରିନ (ଡାହାଣ) ଓ ରାକାଷ୍ଟ ଚୁଥାମଟଙ୍କ ମଧ୍ୟରେ ଲଢ଼େଇ।

### ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୩୨ | ୭୨ | ୩୯ | ୨୪୩ |
| ଦ.କୋରିଆ | ୩୦ | ୩୫ | ୬୦ | ୧୨୫ |
| ଜାପାନ | ୨୯ | ୪୧ | ୪୨ | ୧୧୨ |
| **ଭାରତ** | **୧୩** | **୨୧** | **୧୯** | **୫୩** |
| ଉଜ୍‌ବେକିସ୍ତାନ | ୧୧ | ୧୨ | ୧୭ | ୪୦ |
| ଥାଇଲାଣ୍ଡ | ୧୦ | ୬ | ୧୪ | ୩୦ |
| ଚାଇନିଜ ତାଇପେ | ୯ | ୧୦ | ୧୪ | ୩୩ |
| ହଂକଂ | ୬ | ୧୫ | ୧୯ | ୪୦ |
| ଉ.କୋରିଆ | ୫ | ୯ | ୫ | ୧୯ |
| ଇଣ୍ଡୋନେସିଆ | ୪ | ୩ | ୧୧ | ୧୮ |
| ବାହାରିନ | ୪ | ୧ | ୩ | ୮ |
| ଇରାନ | ୩ | ୧୨ | ୧୨ | ୨୭ |
| କାଜାଖସ୍ତାନ | ୩ | ୫ | ୨୩ | ୩୧ |
| ମାଲେସିଆ | ୩ | ୪ | ୧୩ | ୨୦ |
| ସିଙ୍ଗାପୁର | ୨ | ୫ | ୪ | ୧୧ |
| କାତାର | ୨ | ୩ | ୨ | ୭ |


ରୌପ୍ୟ ପଦକ ସହ ଅଦିତି ଅଶୋକ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଟିଠୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିର୍ବାଚନୀ ରାଜନୀତିରୁ ସନ୍ନ୍ୟାସ ନେଲେ ଜିତନରାମ

**ପାଟନା,୧।୧୦:** ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍)ର ପୃଷ୍ଠପୋଷକ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ ରାମ ମାନ୍‌ଝି ନିର୍ବାଚନୀ ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ତାଙ୍କୁ ୭୯ ବର୍ଷ ହେଲାଣି। ତେଣୁ ସେ ୨୦୨୪ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ରବିବାର ଗଣମାଧ୍ୟମକୁ କହିଛନ୍ତି। ୭୫ ବର୍ଷ ପରେ କେହି ନିର୍ବାଚନ ଲଢ଼ିବା ଉଚିତ ନୁହେଁ। ଅବଶ୍ୟ ଏହି ବୟସ ଅତିକ୍ରମ କରିଥିବା କେତେଜଣ ନିର୍ବାଚନୀ ଲଢ଼େଇରେ ପ୍ରବେଶ କରିବାକୁ କୁଣ୍ଠାବୋଧ କରୁ ନାହାନ୍ତି। ତେବେ ଏହା ତାଙ୍କ ନୀତି ବିରୁଦ୍ଧ ବୋଲି ମାନ୍‌ଝି କହିଛନ୍ତି। ଗତ ଜୁନ୍‌ରେ ମାନ୍‌ଝି ଏନ୍‌ଡିଏ ମେଣ୍ଟକୁ ଫେରିଥିଲେ। ଗତ ସପ୍ତାହରେ ସେ ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ ମଧ୍ୟ ଲୋକ ସଭା ନିର୍ବାଚନକୁ ନେଇ ଭେଟିବା କଥାକୁ ଅସ୍ୱୀକାର କରିଥିଲେ। ମାନ୍‌ଝି ତାଙ୍କ ପୁଅ ତଥା ଏଚ୍‌ଏଏମ୍‌ର ଅଧ୍ୟକ୍ଷ ଥିବା ସନ୍ତୋଷ କୁମାର ସୁମନଙ୍କ ପାଇଁ ଲୋକ ସଭା ଟିକେଟ ହାସଲ କରିବାକୁ ଚାହୁଁଥିବା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ନୀତୀଶ କୁମାରଙ୍କ ମହାମେଣ୍ଟ ସରକାରରେ ସୁମନ ମନ୍ତ୍ରୀ ଥିଲେ। ଏଚ୍‌ଏଏମ୍‌କୁ ଜେଡିୟୁରେ ମିଶାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ ଚାପ ପକାଉଥିବା ଅଭିଯୋଗ କରି ସୁମନ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ। ପରେ ସେ ଏନ୍‌ଡିଏରେ ଯୋଗଦେଇଥିଲେ।



ଜିତନ ରାମ ମାନ୍‌ଝି

# ଅଜୟ ମାକେନ୍ ହେଲେ କଂଗ୍ରେସ କୋଷାଧ୍ୟକ୍ଷ

**ନୂଆଦିଲ୍ଲୀ,୧।୧୦(ପି.ଟି.):** ପୱନ କୁମାର ବଂଶଲଙ୍କ ସ୍ଥାନରେ ବରିଷ୍ଠ କଂଗ୍ରେସ ନେତା ଅଜୟ ମାକେନ୍‌ଙ୍କୁ ଦଳର ନୂଆ କୋଷାଧ୍ୟକ୍ଷ ଭାବେ ରବିବାର ନିଯୁକ୍ତି ଦିଆଯାଇଛି। ରାଜସ୍ଥାନ ଦାୟିତ୍ୱରେ ଥିବା ମାକେନ୍ କିଛି ମାସ ପୂର୍ବରୁ ଦଳର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ତାଙ୍କ ହାତରେ କୌଣସି ପଦବୀ ନ ଥିଲା। ମାକେନ୍ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ଭାବେ ଜଣାଶୁଣା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ୍ ଖାର୍ଗେ ମାକେନ୍‌ଙ୍କୁ ଏଆଇସିସି କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଥିବା ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏକ ବିବୃତିରେ କହିଛନ୍ତି। ବିଦାୟୀ କୋଷାଧ୍ୟକ୍ଷ ବଂଶଲଙ୍କ ଅବଦାନକୁ ଦଳ ପ୍ରଶଂସା କରିଛି। ଅହମଦ ପଟେଲଙ୍କ ପରଲୋକ ପରେ ବଂଶଲ ଅନ୍ତରୀଣ କୋଷାଧ୍ୟକ୍ଷ ନିଯୁକ୍ତ ହୋଇଥିଲେ।



ଅଜୟ ମାକେନ୍

# ମନ୍ତ୍ରୀ, ବିଧାୟକ ବେଳେ କ'ଣ କରିଛ ବୋଲି ମନମୋହନଙ୍କୁ ପ୍ରଶ୍ନ କଲେ ବ୍ୟୋମକେଶ

**ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର):** ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଟାର୍ଗେଟ କରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି ଯେ, ଭଦ୍ରକ ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଟିମ୍ ଆସିବା ପରେ ବାବା ଆଖଣ୍ଡଳମଣି ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି କାର୍ଯ୍ୟ ଆରମ୍ଭ ହୋଇଛି। ଆପଣ ମନ୍ତ୍ରୀ ଏବଂ ବିଧାୟକ ଥିବା ସମୟରେ ମନ୍ଦିରର ବିକାଶ ପାଇଁ କେବେ ଚେଷ୍ଟା ମଧ୍ୟ କରି ନ ଥିଲେ। ଚାନ୍ଦବାଲିରୁ ଧାମରା ଯିବାକୁ ପୂର୍ବରୁ ୪ ଘଣ୍ଟା ସମୟ ଲାଗୁଥିଲା। ଏବେ ମନ୍ତେଇ ସେତୁ ନିର୍ମାଣ ଯୋଗୁ ମାତ୍ର ୪୫ ମିନିଟ୍ ଲାଗୁଛି। ଫଳରେ ହଜାର ହଜାର ଲୋକ ଏହାଦ୍ୱାରା ଉପକୃତ ହେଉଛନ୍ତି। ଇନ୍‌ଲାଣ୍ଡ ୱାଟର ୱେର ଯାହା ନିୟମ ରହିଛି ସେଥିରେ ସେତୁ କାମ ସମ୍ଭବ ହେଉ ନ ଥିଲା। ହେଲେ ସିଏମ୍‌ଓର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମ ସମ୍ଭବ ହୋଇପାରିଥିଲା। ଭଦ୍ରକାଳୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ନେହେରୁ ଷ୍ଟାଡିୟମ ଉନ୍ନତୀକରଣ ସାଙ୍ଗକୁ ସୁଇମିଂ ପୁଲ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ମନ୍ଦିରର ବିକାଶ ସାଙ୍ଗକୁ ଭଦ୍ରକରେ ଚାଲୁଥିବା ଉନ୍ନତିମୂଳକ କାର୍ଯ୍ୟକୁ ଆପଣ ବିରୋଧ କରୁଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ବ୍ୟୋମକେଶ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ବାବଦ ପଛର ଚିନ୍ତାଧାରା ଓ ଏ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ତା'ର ବିସ୍ତୃତ ତଥ୍ୟ ବିଧାନସଭାର ପବିତ୍ର ଗୃହରେ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି। ଯଦି ଆପଣଙ୍କ ପାଖରେ ଅଧିକ କିଛି ତଥ୍ୟ ଅଛି ତେବେ ଜନସାଧାରଣଙ୍କ ସାମ୍ନାରେ ଉପସ୍ଥାପନ କରନ୍ତୁ ବୋଲି ବ୍ୟୋମକେଶ କହିଛନ୍ତି।

## ନଗରନାର ଇସ୍ପାତ କାରଖାନାର ଘରୋଇକରଣ ଚକ୍ରାନ୍ତ

# ବସ୍ତର ବନ୍ଦ ଡାକରା ଦେଲା କଂଗ୍ରେସ

**ନୂଆଦିଲ୍ଲୀ,୧।୧୦**

ଛତିଶଗଡ଼ର ବସ୍ତର ଜିଲାରେ ଥିବା ଏନ୍‌ଏମ୍‌ଡିସି ନଗରନାର ଇସ୍ପାତ କାରଖାନାକୁ ଏକ ଘରୋଇ କମ୍ପାନୀକୁ ଦେଇଦେବା ପାଇଁ କେନ୍ଦ୍ର ସରକାର ଚକ୍ରାନ୍ତ ଚଳାଇଥିବା ଅଭିଯୋଗ କରି ଶାସକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ବସ୍ତର ବନ୍ଦ ଡାକରା ଦିଆଯାଇଛି। ଏହି ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଗଦଲପୁର ଗସ୍ତରେ ଆସି ଭାଜପାର ଏକ ରାଲିକୁ ସମ୍ବୋଧିତ କରିବାକୁ ଥିବାବେଳେ କଂଗ୍ରେସ ବନ୍ଦ ଡାକରା ଦେଇଛି। ନଗରନାର ଷ୍ଟିଲ୍ ପ୍ଲାଣ୍ଟକୁ ଘରୋଇ ସଂସ୍ଥାକୁ ଦେବା ପାଇଁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଥିବା ରବିବାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଏବଂ ପ୍ରଦେଶ କଂଗ୍ରେସ ସଭାପତି ଦୀପକ ବାଇଜି ଅଭିଯୋଗ କରିଛନ୍ତି। କେନ୍ଦ୍ରର ଏଭଳି ପଦକ୍ଷେପ ରାଜ୍ୟର ଆଦିବାସୀମାନଙ୍କ ଆଶା ଆକାଂକ୍ଷାକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ବଘେଲ କହିଛନ୍ତି। ଉକ୍ତ ପ୍ଲାଣ୍ଟକୁ ଘରୋଇକରଣ ନ କରିବାକୁ ସେ ୨୦୨୦ରେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ନିବେଦନ କରିଥିଲେ। ସେହିବର୍ଷ ଏନେଇ ଛତିଶଗଡ଼ ବିଧାନସଭାରେ ମଧ୍ୟ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଯଦି କେନ୍ଦ୍ର ସରକାର ଉକ୍ତ ପ୍ଲାଣ୍ଟରୁ ପୁଞ୍ଜି ପ୍ରତ୍ୟାହାର କରିନେବାକୁ ଚାହାନ୍ତି, ତେବେ ରାଜ୍ୟ ସରକାର କିଣିବାକୁ ପ୍ରସ୍ତୁତ ବୋଲି ବଘେଲ କହିଛନ୍ତି। ତେବେ କେନ୍ଦ୍ର ସରକାର ନିୟମାବଳୀରେ ଏକ ଧାରା ଯୋଡ଼ି ଟେଣ୍ଡର ପ୍ରକ୍ରିୟାରେ ଛତିଶଗଡ଼ ସରକାର ଭାଗନେଇ ପାରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

# ଭାଜପା ଯୁବ ମୋର୍ଚ୍ଚା କମିଟି ଘୋଷଣା କଲା ଦଳ

**ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର)**

ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ରବିବାର ଯୁବ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ବିଭିନ୍ନ ବିଭାଗ ପାଇଁ ସଂଯୋଜକ ଓ ସହ ସଂଯୋଜକଙ୍କ ନାମ ଘୋଷଣା କରିଛନ୍ତି। ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ଭାବେ ବିଶ୍ୱଜିତ ଷଡ଼ଙ୍ଗୀ, ସଂଗ୍ରାମ ପାତ୍ର, ନୀଳାଦ୍ରି ପାତ୍ର, ଅଙ୍କୁଶ ବର୍ମା, ସଞ୍ଜଲି ମୁର୍ମୁ, ପ୍ରକାଶ ମଲିକଙ୍କୁ ଦାୟିତ୍ୱ ମିଳିଛି । ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଦୀପକ ଗୋଚ୍ଛାୟତ ଓ ସୁଜିତ୍ ସିଂହ, ରାଜ୍ୟ ସମ୍ପାଦକ ଭାବେ ସୁବ୍ରତ ବିଶ୍ୱାଳ, ଜୀବନ ରାଉତ, ଗଗନ ଓଝା, ମାନସ ସାହୁ, ଟୁଟୁନ ପାତ୍ର ଓ ପ୍ରକାଶ ପାଇକରାୟଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି କୋଷାଧ୍ୟକ୍ଷ ଭାବେ ରାଜେଶ ମହାକୁଡ ଏବଂ ସହ କୋଷାଧ୍ୟକ୍ଷ ଭାବେ ଆଶୁତୋଷ ସାହୁ, କାର୍ଯ୍ୟାଳୟ ସମ୍ପାଦକ ଭାବେ ଆଶୁତୋଷ ବେହେରା, ଗଣମାଧ୍ୟମ ସଂଯୋଜକ ଭାବେ ସ୍ୱରଜିତ୍ ମହାନ୍ତି, ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଓମ୍ ପ୍ରିୟଦର୍ଶୀ ଛୋଟରାୟଙ୍କୁ ଦାୟିତ୍ୱ ଦିଆଯାଇଛି । ଯୁବ ମୋର୍ଚ୍ଚାର ବିଭିନ୍ନ ବିଭାଗ ପାଇଁ ସଂଯୋଜକ ଓ ସହ ସଂଯୋଜକ ଭାବେ ୭୭ ଜଣ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୨୯ ଜଣ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ୩୧ ଜଣଙ୍କୁ ମନୋନୀତ କରାଯାଇଥିବା ଅଭିଳାଷ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି ।


## CLASSIFIED DISPLAY

MORE SPACE ' SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%

Mob:7656825212
7656825011


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନିରୁଦ୍ଦିଷ୍ଟ



ଆଦିମା ସେଠୀ, ବୟସ ୭୩ବର୍ଷ, ରଙ୍ଗ: କଳା, ଉଚ୍ଚତା: ୫'୪'', ତୁଳସୀ ବସ୍ତି, ଡେଲ୍‌ଟା କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର, ସେ ତା।୨୫।୦୯।୨୦୨୩ରିଖ ପୂର୍ବାହ୍ନ ୧୧.୩୦ ଘଟିକାରେ ଘରୁ କେଉଁଆଡ଼େ ପଳାଇ ଯାଇଛନ୍ତି। ସମସ୍ତ ବନ୍ଧୁବାନ୍ଧବ, ଘର ଏବଂ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ସତ୍ତ୍ୱେ ଆମେ ତାଙ୍କୁ ପାଇଲୁ ନାହିଁ। ଯଦି କେହି ତାଙ୍କର ସନ୍ଧାନ ପାଆନ୍ତି ତେବେ ନିମ୍ନୋକ୍ତ ନମ୍ବରରେ ଜଣାଇବାକୁ ଅନୁରୋଧ। 9439479207, 9692196791. D-1449

# 'ନୂଆଁଖାଇ ପରବ-୨୦୨୩'ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର):** ଆମର ସଂସ୍କୃତି କେବଳ ଆମ ସମସ୍ତଙ୍କ ମଧ୍ୟରେ ଏକତା ମନୋଭାବ ଆଣେ ନାହିଁ ବରଂ ବିଶ୍ୱକୁ ମଧ୍ୟ ପ୍ରଭାବିତ କରିଥାଏ ବୋଲି ଦିଲ୍ଲୀରେ 'ଜୁହାର୍ ପରିବାର' ପକ୍ଷରୁ ଆୟୋଜିତ 'ନୂଆଁଖାଇ ପରବ-୨୦୨୩'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ନୂଆଁଖାଇ ହେଉଛି କୃଷିଭିତ୍ତିକ ଏକ ମହାନ ସାମାଜିକ ଓ ସାଂସ୍କୃତିକ ପର୍ବ। ଏହା ଆମର ପରିଚୟ ଓ ସଂସ୍କୃତିର ପ୍ରତୀକ। ପରିବାର ଏବଂ ବନ୍ଧୁବାନ୍ଧବମାନଙ୍କ ସହ ମିଶି ନୂଆ ଖାଇବା ଓ ପରିବାରରେ ସମସ୍ତଙ୍କୁ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଦେଇ ପାରିବାରିକ ଏବଂ ସାମାଜିକ ସମ୍ବନ୍ଧକୁ ସୁଦୃଢ଼ କରିବା ଏହି ପର୍ବର ମହାନ ପରମ୍ପରା। ଏଥିପାଇଁ ସମାଜ ଆଜି ଉତ୍ସବମୁଖର ଅଛି। ସମ୍ବଲପୁରୀ ମାଦଳର ମହକ ପୃଥିବୀର ଅନ୍ୟ କୌଣସି ଜାଗାରେ ନାହିଁ। ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ହେଉଛି ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ସମ୍ବଲପୁରୀ ଡାଲଖାଇ ଗୀତରେ ବିଶ୍ୱର ନେତୃତ୍ୱଙ୍କୁ ସ୍ୱାଗତ କରାଯାଉଥିଲା। ଉଲ୍ଲେଖନୀୟ ଯେ, ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଆମ କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ପାଇଁ ଜୁହାର୍ ପରିବାରର ସଦସ୍ୟ ବିଶେଷ ଭାବେ ଯୁବସାଥୀଙ୍କୁ ଧର୍ମେନ୍ଦ୍ର ଜଣାଇଛନ୍ତି।

# ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଶ୍ରମଦାନ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧।୧୦(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଦିଲ୍ଲୀ ବିଶ୍ୱବିଦ୍ୟାଳୟ ନର୍ଥ କ୍ୟାମ୍ପସର ଡକ୍ଟର ଜିସି ନାରଙ୍ଗ ମାର୍ଗ ଓ ଶ୍ରେୟା ମିଶ୍ର ମାର୍ଗରେ ଛାତ୍ରୀଛାତ୍ର, ପ୍ରାଧ୍ୟାପକ, କର୍ମଚାରୀ, ସଫେଇ କର୍ମଚାରୀ ଓ ସାଧାରଣ ନାଗରିକଙ୍କ ସହ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସାମିଲ ହୋଇ ସ୍ୱଚ୍ଛତା ପାଇଁ ଘଣ୍ଟାଏ ସାମୂହିକ ଶ୍ରମଦାନ କରିଛନ୍ତି। ଏହି ଅଭିଯାନରେ ସାମିଲ ହୋଇଥିବା ନାଗରିକଙ୍କୁ ଧନ୍ୟବାଦ ଜଣାଇବା ସହ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଦେଶ ସ୍ୱଚ୍ଛତା ପାଇଁ ନିଜର ଶ୍ରମଦାନ ରଖୁଛି। ସୋମବାର ଦେଶକୁ ସ୍ୱାଧୀନତା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂଜ୍ୟ ବାପୁଜୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ହେବ। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ଦେଶର ନାଗରିକଙ୍କୁ ନିଜ ନିଜ ଅଞ୍ଚଳରେ ସ୍ୱଚ୍ଛତା ରକ୍ଷା ପାଇଁ ଘଣ୍ଟାଏ ଶ୍ରମଦାନ କରିବାକୁ ଆହ୍ୱାନ କରିଥିଲେ। ଏହିକ୍ରମରେ ନାଗରିକମାନେ ନିଜର ଶ୍ରମଦାନ ରଖି ପୂଜ୍ୟ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ଏହା ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସ୍ୱଚ୍ଛ ଭାରତକୁ ଜନଆନ୍ଦୋଳନ ରୂପ ଦେବାର ଅନନ୍ୟ ପ୍ରୟାସ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଅନ୍ୟପଟେ ଭାଜପାର ରାଜ୍ୟ ନେତୃବୃନ୍ଦମାନେ ମଧ୍ୟ ଭିନ୍ନ ଭିନ୍ନ ସ୍ଥାନରେ ସ୍ୱଚ୍ଛତା ହିଁ ସେବା ଅଭିଯାନ କରିଥିବା ଦେଖିବାକୁ ମିଳିଛି।




# Classified Everyday

0674-2580101, 2549949





SALE

ଭୁବନେଶ୍ୱର ପାହାଳ ଜଗନ୍ନାଥ ମନ୍ଦିର Audi Showroom NH ପାଖରେ ଘରବାରି Boundary ପ୍ଲଟ୍ sqft.- 3200/- (ready for construction). 9178704897. D-75225

ଭୁବନେଶ୍ୱର ଗଙ୍ଗପଡ଼ା HP ପେଟ୍ରୋଲ୍‌ପମ୍ପ ନିକଟରେ sqft.-899/-, Adyanta College ପାଖରେ 750/- boundary, road, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରିହେବ। 9861319999, 9658891108. D-75220

Kantabada Chhak Sparsh Hospital ପାଖରେ stithiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

GA free hold plot 2100sqft. At- IRC Village, BBSR, No Broker. Ph No- 8144410585. D-1424

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249422604. D-75222

Duplex sale at Bhubaneswar @ 57 lakhs only. Contact: 9777433701. D-75223

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in





5 Roomed house with Kitchen, 2 Toilets, 2 Porticos, Parking space close to Hotel Ira, Gupta Distributors, Cuttack Road, Bhubaneswar. Rs. 20,000/- contact- 9937961430. D-1429





Spa Kerala body Massage only best Therapist @699/- Bhubaneswar. 9337672475. D-1438

**Newly open SPA positively health benefits with expert therapist. 9938843929.** D-75150

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75042

**Relax, Refresh your body, Mind at Saikrupa Spa with best therapies. 8984068077.** D-1358


## LOST

By virtue of an affidavit sworn before Notary Public, Barbil I Sunil Kumar Sahoo, S/o. Late Golap Chandra Sahoo, resident of Vill. Barbil Main Road, Po/Ps. Barbil, Dist.- Keonjhar (Odisha) affirm and declare that one ROR bearing Khata No. 458/281 has been lost by me somewhere at Barbil Market on 25.09.2023 and unable to trace out the same. D-1448


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## AFFIDAVIT

ମୁଁ, ଲଲାଟେନ୍ଦୁ କୁମାର ରଥ, ପିତା: ସ୍ୱର୍ଗତ ଶଶୀଭୂଷଣ ରଥ, ୩୧-ଏ, ବିଡିଏ ଡୁପ୍ଲେକ୍ସ କଲୋନି, ବରମୁଣ୍ଡା, ଭୁବନେଶ୍ୱର- ୭୫୧୦୦୩ ଉକ୍ତ ସତ୍ୟପାଠ (No. 987 dtd- 22.9.2023) ଦ୍ୱାରା ଘୋଷଣା କରୁଅଛି ଯେ, ମୁଁ ଏବେ ଠାରୁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ନିମନ୍ତେ ଲଲାଟେନ୍ଦୁ ରଥ ଭାବରେ ପରିଚିତ ହେବି। ଧ-୧୪୫୦

By virtue of an affidavit sworn in the Court of Executive Magistrate, Khaira, I Laxmipriya Behera, W/o-Jayanta Kumar Behera of Brahmachari, P.S.- Khaira declare that in LIC Certificate (Policy No.-599050872) my name is mistakely recorded as Rajlaxmi Behera . Both the name are same & belongs to one person. D-1451


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

IN THE COURT OF CIVIL JUDGE SR. DIVISION, BHUBANESWAR I.A. No.1/ 2023 (ARISING OUT OF C.S. No-1493 / 2023)

Smt. Pranati Giri @ Sahoo and another .....petitioners

Versus

Supravamayee Sahoo and another ....Opp Parties

DRAFT NOTICE

The above named petitioners most respectfully sheweth:

That, to take notice that, you I. Supravamayee Sahoo, aged about- 50 years wife of Sanjay Kumar Sahoo, resident of plot No- 912/913, GGP Colony, PO- Rasulgarh, PS- Mancheswar, Bhubaneswar, Dist.- Khurda, 2. Sabitarani Sahoo, aged about- 52 years, Wife of Sangram Kishore Sahoo, represented through her power of attorney holder Susant Kumar Sahoo, aged about- 51 years, Son of late Satyananda Sahoo, resident of plot No- 912/ 913. GGP Colony, P.O- Rasulgarh, P.S- Mancheswar, Bhubaneswar, Dist.- Khurda, opp. Party No.- 1 and 2, in the above noted suit are intentionally and deliberately avoiding this Hon'ble Court for your appearance. So by strength of this you are summoned to appear before this Hon'ble Court on dt. 13.10.2023 and answer the settle of issue. Failing which the case will be decided exparte against you. Take notice.

Given under my hand and seal of the Court. This 29th day of September 2023

SCHEDULE OF PROPERTY

Khata No- 161, drawing plot No-77, Revenue plot No- 355, area Aco.213 decimal, Mouza- Bhubaneswar Sahar, Unit- 7, Surya Nagar

Sd./- Civil Judge Sr. Division, Bhubaneswar. D-1447

## ମନେ ପଡ଼ନ୍ତି

ବତିଶିତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ସୁଧାଂଶୁ ମୋହନ ରାଉତରାୟ

କବି ତଥା ପ୍ରଶାସକ

ପ୍ଲଟ୍ ନଂ-୧୫୭, ସହିଦନଗର, ଭୁବନେଶ୍ୱର

ଆବିର୍ଭାବ : ୧୪.୧୨.୧୯୩୨

ତିରୋଧାନ : ୨୯.୦୯.୧୯୯୧

'ପକ୍ଷହୀନ କପୋତ' ଟି ତୁମକୁ ଦେଲା ଅମୃତ ପରଶି
'ସ୍ୱଜ ସକାଳ' ଘୋଷି ଜାଣ ବଢ଼ିଥିବ ଯଶରାଶି
'ତୁମ ପାଇଁ କବିତା' ର ଗାତି କେତେ ଫଂଗ ବୁଣିଯେ ଦେଇଛି
ଲେଖିଗଲ ଶେଷ କଥା "ଶେଷ ବସନ୍ତ"ରେ ଶେଷ ସ୍ମୃତି
ଭଗବାନ ଆପଣଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଏହାହିଁ ଆମର ପ୍ରାର୍ଥନା।

ଆପଣଙ୍କର ବନ୍ଧୁ ଓ ପରିବାରବର୍ଗ

ଧ-୭୧୬୯୪

## ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗ୍ରହାଣୁ ଧୂଳିରେ ଜୀବନର ଜାତକ



ନିକୁଞ୍ଜ ବିହାରୀ ସାହୁ

''ୟୁଟା ମରୁଭୂମିରେ କ୍ୟାପସୁଲଟିକୁ ଉଦ୍ଧାର କରିବା ପାଇଁ ଅବତରଣସ୍ଥଳୀ ନିକଟରେ ପ୍ରସ୍ତୁତ ହୋଇ ରହିଥିଲେ ଅଭିଯାନ ଓ ସାମରିକ ବାହିନୀର ଉଦ୍ଧାରକାରୀ ଦଳ, ଚାରୋଟି ହେଲିକପ୍ଟର୍ ତଥା ଅନ୍ୟ ସହାୟକ ଯାନସବୁ । ଉଦ୍ଧାରକାରୀ ଦଳ ସଙ୍ଗେସଙ୍ଗେ କ୍ୟାପସୁଲର ଅବତରଣସ୍ଥଳୀ ନିକଟକୁ ଛୁଟିଯାଇ କ୍ୟାପସୁଲଟିକୁ ଠାବକରି ଉଦ୍ଧାର କଲେ। ସେମାନେ କାଳ ବିଳମ୍ବ ନ କରି କ୍ୟାପସୁଲ ଚାରିପଟେ ଏକ ସ୍ୱତନ୍ତ୍ର ସଫା କପଡା ଢାଙ୍କି ତା'କୁ ଗୋଟିଏ ହେଲିକପ୍ଟରରେ ଝୁଲାଇ ନିକଟସ୍ଥ ଏକ ଅସ୍ଥାୟୀ 'କ୍ଲିନ୍ ରୁମ୍'କୁ ସ୍ଥାନନ୍ତରିତ କରାଇଲେ।''

ସେପ୍ଟେମ୍ବର ୨୪ ତାରିଖ, ସମୟ ସକାଳ ୮ଟା ୪୨ ମିନିଟ: ଆମେରିକାର ଉଟା ମରୁଭୂମିସ୍ଥ ସେନାର ଟେଷ୍ଟ ଏବଂ ଟ୍ରେନିଂ ରେଞ୍ଜରେ ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ। ସେତେବେଳକୁ ସୁଦୂର 'ବେନୁ' ଗ୍ରହାଣୁରୁ ଆସିଥିବା ଏକ ୪୫ କି.ଗ୍ରା. ଓଜନର କ୍ୟାପ୍‌ସୁଲ ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରି ଅବତରଣ ନିମନ୍ତେ ଘଣ୍ଟା ପ୍ରତି ୪୪,୫୦୦ କି.ମି. ବେଗରେ ଦୁରନ୍ତ ଗତିରେ ଛୁଟି ଯାଉଥାଏ। ତୁରନ୍ତ ଏହାର ବେଗ ହ୍ରାସ କରିବା ନିମନ୍ତେ ଏଥିସହିତ ସଂଲଗ୍ନ ଦୁଇଟି ପାରାସୁଟ୍‌କୁ ଖୋଲି ଦିଆଗଲା। କାର୍ଯ୍ୟରତ ବୈଜ୍ଞାନିକମାନେ ଆଗ୍ରହର ସହିତ ପ୍ରତୀକ୍ଷା କରିଥାନ୍ତି କ୍ୟାପ୍‌ସୁଲଟି ଭୂମି ସ୍ପର୍ଶ କରିବା ମାତ୍ରେ ଏଥିରେ ସ୍ଥାନିତ ଏକ ନମୁନାକୁ ନିରାପଦ ଭାବରେ ଉଦ୍ଧାର କରିବା ପାଇଁ। ରାଡାର୍ ଓ ଅବଲୋହିତ ତରଙ୍ଗ ବ୍ୟବସ୍ଥା ଜରିଆରେ ଦୃଷ୍ଟିସୀମା ବାହାରେ ଥିବା ଏହି କ୍ୟାପସୁଲକୁ କ୍ରମାଗତ ଟ୍ରାକିଙ୍ଗ୍ କରାଯାଉଥାଏ। ହଠାତ୍ ଦୂର ଦିଗ୍‌ବଳୟରେ ଏକ କମଳା ରଙ୍ଗର ଛାୟା ଦୃଶ୍ୟ ହେଲା, ଯାହା ପ୍ରକୃତରେ ଥିଲା ସେହି ବହୁ ପ୍ରତୀକ୍ଷିତ କ୍ୟାପ୍‌ସୁଲ। ପରିଶେଷରେ କ୍ୟାପ୍‌ସୁଲଟି ଘଣ୍ଟା ପ୍ରତି ମାତ୍ର ୧୮ କି.ମି. ବେଗରେ ମରୁଭୂମିର ଏକ କାଦୁଆ ସ୍ଥାନରେ ଅବତରଣ କଲା। ଏଥିସହିତ ଘୋଷଣା ଦାୟିତ୍ୱରେ ଥିବା ଜଣେ ଘୋଷକଙ୍କ ମାଇକ୍ ଗର୍ଜି ଉଠି ସୂଚନା ଦେଲା, 'ଟଚ୍ ଡାଉନ୍ ସକ୍ସେସଫୁଲ୍' ଅର୍ଥାତ, କ୍ୟାପ୍‌ସୁଲଟି ସଫଳତାର ସହିତ ଭୂମି ସ୍ପର୍ଶ କରିଛି।

ୟୁଟା ମରୁଭୂମିରେ କ୍ୟାପ୍‌ସୁଲଟିକୁ ଉଦ୍ଧାର କରିବା ପାଇଁ ଅବତରଣସ୍ଥଳୀ ନିକଟରେ ପ୍ରସ୍ତୁତ ହୋଇ ରହିଥିଲେ ଅଭିଯାନ ଓ ସାମରିକ ବାହିନୀର ଉଦ୍ଧାରକାରୀ ଦଳ, ଚାରୋଟି ହେଲିକପ୍ଟର୍ ତଥା ଅନ୍ୟ ସହାୟକ ଯାନସବୁ। ଉଦ୍ଧାରକାରୀ ଦଳ ସଙ୍ଗେସଙ୍ଗେ କ୍ୟାପ୍‌ସୁଲର ଅବତରଣସ୍ଥଳୀ ନିକଟକୁ ଛୁଟିଯାଇ କ୍ୟାପ୍‌ସୁଲଟିକୁ ଠାବକରି ଉଦ୍ଧାର କଲେ। ସେମାନେ କାଳ ବିଳମ୍ବ ନ କରି କ୍ୟାପ୍‌ସୁଲ ଚାରିପଟେ ଏକ ସ୍ୱତନ୍ତ୍ର ସଫା କପଡ଼ା ଢାଙ୍କି ତାକୁ ଗୋଟିଏ ହେଲିକପ୍ଟରରେ ଝୁଲାଇ ନିକଟସ୍ଥ ଏକ ଅସ୍ଥାୟୀ 'କ୍ଲିନ୍ ରୁମ୍'କୁ ସ୍ଥାନନ୍ତରିତ କରାଇଲେ। ମାତ୍ର ବୈଜ୍ଞାନିକମାନେ ଖୋଜୁଥିଲେ ଏହି କ୍ୟାପ୍‌ସୁଲ ମଧ୍ୟରେ ସୁରକ୍ଷିତ ଥିବା କିଛି ଦୁର୍ଲଭ ପଦାର୍ଥର ନମୁନାକୁ ଯାହା ସୁଦୂର 'ବେନୁ' ଗ୍ରହାଣୁରୁ ସଂଗୃହୀତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ନମୁନାକୁ ପୃଥକ୍ କରାଯାଇ ସ୍ୱତନ୍ତ୍ର ବିମାନ ଜରିଆରେ ଆକାଶମାର୍ଗରେ ହ୍ୟୁଷ୍ଟନ୍‌ସ୍ଥିତ ଜନସନ୍ ଅନ୍ତରୀକ୍ଷ ଉଡାଣ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଏହି ନମୁନାର ପ୍ରାୟ ୭୫% ଭାଗ ସଂରକ୍ଷିତ କରି ରଖାଯାଇ ବାକି ନମୁନାକୁ ନେଇ ଆଗାମୀ ଦୁଇ ବର୍ଷ ମଧ୍ୟରେ ଗବେଷଣାଗାରରେ କଠୋର ପରୀକ୍ଷା ନିରୀକ୍ଷା ତଥା ବିଶ୍ଳେଷଣ କରାଯିବ। ନାସାର ସୂଚନା ମୁତାବକ, କ୍ୟାପ୍‌ସୁଲରେ ପ୍ରାୟ ୨୫୦ ଗ୍ରାମ୍ ଓଜନର ନମୁନା ରହିଛି ଯାହା ବୈଜ୍ଞାନିକମାନଙ୍କ ଈପ୍‌ସିତ ପରୀକ୍ଷା ସମ୍ପାଦନ ନିମନ୍ତେ ଯଥେଷ୍ଟ।

ଏହି ଅଭିଯାନରେ ଖର୍ଚ୍ଚ ହୋଇଥିଲା ୧୦୦ କୋଟି ଡଲାର। ତେବେ ପ୍ରଶ୍ନ ଉଠେ: ସେହି କ୍ୟାପ୍‌ସୁଲ ମଧ୍ୟରେ କ'ଣ ଦୁର୍ଲଭ ପଦାର୍ଥ ରହିଥିଲା, ଯାହା ପାଇଁ ସାରା ବିଶ୍ୱ ଘୋର ଆଗ୍ରହର ସହିତ ପ୍ରତୀକ୍ଷା କରି ରହିଥିଲା ଏବଂ ଏହାର ବିଶ୍ଳେଷଣ ଦ୍ୱାରା ସମଗ୍ର ମାନବଜାତି ପାଇଁ କି ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲ ହୋଇ ପାରିବ?

**ସୌରଜଗତର ସୃଷ୍ଟି:** ଆମ ସୌରଜଗତର ସୃଷ୍ଟି ମନୁଷ୍ୟ ପାଇଁ ସଦାସର୍ବଦା ଏକ ରହସ୍ୟ ରୋମାଞ୍ଚଘେରା ପ୍ରସଙ୍ଗ ହୋଇ ରହିଆସିଛି। ସୂର୍ଯ୍ୟ ଓ ଗ୍ରହମାନେ ସୃଷ୍ଟି ହେଲେ କିପରି? ସୃଷ୍ଟିର ପ୍ରାରମ୍ଭରେ ପଦାର୍ଥର ରୂପରେଖ ଥିଲା କିପରି? ପୃଥିବୀରେ ଜଳ ଓ ଜୀବନ ଆସିଲା କେଉଁଠୁ? ଏହି ସବୁ ପ୍ରଶ୍ନର ଉତ୍ତର ନିମନ୍ତେ ଆମେରିକୀୟ ଅନ୍ତରୀକ୍ଷ ପ୍ରତିଷ୍ଠାନ ନାସାର ଏକ ଅଭିଯାନ 'OSIRIX-REx' ଗତ ୨୦୧୬ ମସିହା ସେପ୍ଟେମ୍ବର ୮ ତାରିଖରେ ଅନ୍ତରୀକ୍ଷକୁ ଯାତ୍ରାରମ୍ଭ କରିଥିଲା। ଏହା ୨୦୧୮ ମସିହା ଡିସେମ୍ବର ୩ ତାରିଖ ଦିନ ଆମ ଗ୍ରହାଣୁ ବଳୟର ଏକ କ୍ଷୁଦ୍ର ଗ୍ରହାଣୁ 'ବେନୁ' ନିକଟରେ ପହଞ୍ଚି ନିଜର ଯନ୍ତ୍ରାବଳି ଜରିଆରେ ଦୁଇ ବର୍ଷ କାଳ ବେନୁର ପୃଷ୍ଠଦେଶକୁ ଲକ୍ଷ୍ୟ କରିଥିଲା। ଏହା ୨୦୨୦ ମସିହା ଅକ୍ଟୋବର ୨୦ ତାରିଖରେ ବେନୁର ଅତି ପାଖରେ ପହଞ୍ଚି ନିଜର ୧୧ ଫୁଟ ଲମ୍ବର ଏକ 'ଭ୍ୟାକୁମ୍ ଦଣ୍ଡ' ଉପକରଣ ଜରିଆରେ ଭେନୁ ନିକଟରୁ କିଛି ଧୂଳିକଣା ନମୁନା ସଂଗ୍ରହ କରିଥିଲା। ଯାନଟି ୨୦୨୧ ମସିହା ୧୦ ତାରିଖରେ ନିଜର ପ୍ରପଲସନ୍ ବ୍ୟବସ୍ଥା ଫାୟାରିଙ୍ଗ୍ ପୂର୍ବକ ଏହି ବିଚିତ୍ର ଓ ବିରଳ ପଦାର୍ଥକୁ ପୃଥିବୀରେ ପହଞ୍ଚାଇବାର ଦୁର୍ବାର ଲକ୍ଷ୍ୟ ନେଇ ପୃଥିବୀ ଆଡ଼କୁ ଦୀର୍ଘ ୧୯୦ କୋଟି କି.ମି. ଦୂରତାର ଯାତ୍ରା ଆରମ୍ଭ କରିଥିଲା। ପ୍ରକ୍ଷେପଣର ଦୀର୍ଘ ୭ ବର୍ଷ ପରେ ଏହି ଯାନଟି ଗତ ୨୦୨୩ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ 'ବେନୁ' ରୁ ଏହି ଧୂଳି ଓ ମାଟିର ବିରଳ ନମୁନା ଆଣି ପୃଥିବୀରେ ପହଞ୍ଚାଇବାରେ ସକ୍ଷମ ହୋଇଛି। ଏହି ନମୁନାରୁ ୪୫୦ କୋଟି ବର୍ଷ ପୂର୍ବେ ଆମ ସୌରଜଗତ ସୃଷ୍ଟିର କିଛି ଅଜ୍ଞାତ ଓ ଅସମାହିତ ପ୍ରସଙ୍ଗ ଉପରେ ଆଲୋକପାତ ହୋଇ ପାରିବ ବୋଲି ଆଶା କରାଯାଏ।



ଏହି ଅଭିଯାନର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଉଛି ଯେ, ନମୁନା ଥିବା କ୍ୟାପ୍‌ସୁଲ ବହନ କରୁଥିବା ଅନ୍ତରୀକ୍ଷ ଯାନଟି ପୃଥିବୀରେ ଅବତରଣ ନକରି ନମୁନାକୁ ଏକ ପାରାସୁଟ୍ ଜରିଆରେ ପୃଥିବୀରେ ପହଞ୍ଚାଇବାରେ ସକ୍ଷମ ହୋଇଛି। ପୃଥିବୀପୃଷ୍ଠରୁ ପ୍ରାୟ ୧ ଲକ୍ଷ କି.ମି. ଦୂରତା ଊର୍ଦ୍ଧ୍ୱରେ ରହି ଭାରତୀୟ ସମୟ ଅପରାହ୍ନ ୪ଟା ୧୨ ମିନିଟ ସମୟରେ ଯାନଟି କ୍ୟାପ୍‌ସୁଲକୁ ପୃଥିବୀ ଅଭିମୁଖେ ବିଚ୍ଛିନ୍ନ କରିଥିଲା, ଯାହା ପ୍ରାୟ ଦୀର୍ଘ ୪ଘଣ୍ଟା କାଳ ମହାଶୂନ୍ୟ ଓ ବାୟୁମଣ୍ଡଳ ମଧ୍ୟରେ ଯାତ୍ରାକରି ରାତି ୮ଟା ୨୩ ମିନିଟ ସମୟରେ ୟୁଟା ମରୁଭୂମିରେ ପାରାସୁଟ୍ ଜରିଆରେ ନିରାପଦ ଅବତରଣ କରିଥିଲା। ଏହା ପରେ ମୂଳ ଅନ୍ତରୀକ୍ଷ ଯାନଟି ନିଜର ଇଞ୍ଜିନ୍ ପୁନଃ ଫାୟାରିଙ୍ଗ୍ କରି ଗ୍ରହାଣୁ ବଳୟର ଅନ୍ୟ ଏକ ସୁଦୂର ଗ୍ରହାଣୁ 'ଏପୋଫିସ୍' ଅଭିମୁଖେ ନୂତନ ଅନୁସନ୍ଧାନ ନିମନ୍ତେ ଯାତ୍ରା ଆରମ୍ଭ କରି ଦେଇଥିଲା ଯେଉଁଠି ଏହା ଆଗାମୀ ୨୦୨୯ ମସିହାରେ ପହଞ୍ଚିବ। (କ୍ରମଶଃ..)

-ଏଜୁକେଶନ୍ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ : ୮୯୧୭୬୩୭୯୭୪



## ଭିଟାମିନ୍-ଡି' ଅଭାବରେ ହୋଇପାରେ ହୃଦ୍‌ଘାତ

ହର୍‌ମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ୍-ଡି। ଏହା ଶରୀରରେ ଅସ୍ଥି ଓ ମାଂସପେଶୀକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହାର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ହାର୍ଟକୁ ଏହା ଗଭୀର କ୍ଷତି ପହଞ୍ଚାଏ ବୋଲି ୟୁନିଭର୍‌ସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ଷ୍ଟେଟ୍ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଜଣେ ବ୍ୟକ୍ତି ଶରୀରରେ ଏହାର ପରିମାଣ କମିଲେ ବ୍ୟକ୍ତିକୁ ହୃଦ୍‌ଘାତ ହେବା ସହ ରକ୍ତଚାପ ବହୁ ମାତ୍ରାରେ ବଢ଼ିଯାଏ। ଏଥିସହ ବ୍ୟକ୍ତିଜଣଙ୍କର ସ୍ନାୟୁଗୁଡ଼ିକ ଦୁର୍ବଳ ହୋଇପଡ଼େ ଓ ବ୍ୟକ୍ତିଟି ହୃଦ୍‌ଜନିତ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହଛି। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା-କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର ଆଦିକୁ ଖାଇବା ନିହାତି ଆବଶ୍ୟକ।

## ବ୍ରେକ୍‌ଫାଷ୍ଟ ବଢ଼ାଏ ରୋଗ ପ୍ରତିରୋଧକ ଶକ୍ତି

ଆମେ ଯେତେ ବ୍ୟସ୍ତ ରହିଲେ ମଧ ସକାଳୁ ବ୍ରେକଫାଷ୍ଟ ଖାଇବା ନିହାତି ଜରୁରୀ। ଏହାର ତାଲିକାରେ ତଟକା ଫଳମୂଳ, ଜୁସ୍ ଆଦି ସାମିଲ କରନ୍ତୁ। ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକଫାଷ୍ଟ ଖାଆନ୍ତି ତେବେ ତାଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାର ଆହୁରି ଦୃଢ଼ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତିରେ ତାରତମ୍ୟ ପରିଲକ୍ଷିତ ହେଉଥିବା କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ ସକାଳେ ନିୟମିତ ବ୍ରେକ୍‌ଫାଷ୍ଟ ଖାଇବାକୁ ସିଓଲ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତ ଦୃଢ଼ ହେଉଥିବାର ଜଣାପଡିଥିଲା। ତେବେ ବ୍ରେକଫାଷ୍ଟରେ ସବୁବେଳେ ସନ୍ତୁଳିତ ଖାଦ୍ୟ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



## ମେଦ କମାଇବ ପାଣି



ଆମ ଶରୀରରେ ଜଳୀୟ ଅଂଶ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ। ଆଜିକାଲି ମେଦବହୁଳତା ବା ଓବେସିଟି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଆବଶ୍ୟକ ମୁତାବକ ପାଣି ପିଅନ୍ତି ତେବେ ତାଙ୍କର ଓଜନ ସନ୍ତୁଳିତ ରହିଥାଏ। ଏଭଳି ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରି ସେମାନଙ୍କୁ ନିୟମିତ ଆବଶ୍ୟକ ମୁତାବକ ପାଣି ପିଇବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ସେମାନଙ୍କର ଓଜନ ମାପିବାରୁ ତାହା ଅନେକାଂଶରେ ସନ୍ତୁଳିତ ଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଦୁର୍ଘଟଣା ପୂର୍ବରୁ ପ୍ରାକ୍-ସୂଚନା

ଦିନକୁ ଦିନ ସଡ଼କ ଦୁର୍ଘଟଣା ଏବଂ ତତ୍‌ସହିତ ଏ ନେଇ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ବେପରୁଆ ଗାଡିଚାଳନା ଏଥିଲାଗି ମୁଖ୍ୟ ଭାବରେ ଦାୟୀ। ହେଲେ ଏଣିକି ଦୁର୍ଘଟଣା ରୋକିବାକୁ ଏକ ନୂଆ ଉପାୟ ମିଳିଯାଇଛି। ଦୀର୍ଘ ତିନି ବର୍ଷ ଚେଷ୍ଟା କରି ଦକ୍ଷିଣ କୋରିଆର ବୈଜ୍ଞାନିକମାନେ ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି। ବିଶେଷଭାବରେ ଏହାକୁ ଚାରିଚକିଆ ଗାଡିରେ ସଂଯୋଗ କରାଗଲେ ଦୁର୍ଘଟଣା ପୂର୍ବରୁ ଆଭାସ ମିଳିପାରିବ। ଏ ନେଇ ଜାଣିବା ମାତ୍ରେ ଏଥିରୁ ସାଇରନ୍ ଭଳି ଶବ୍ଦ ବାହାରିବ। ଫଳରେ ଗାଡି ଚାଳକ ସତର୍କ ହୋଇଯିବ। ଏହାଦ୍ୱାରା ଦୁର୍ଘଟଣାକୁ କେତେକାଂଶରେ ରୋକାଯାଇପାରିବ ବୋଲି ଏହାକୁ ପ୍ରସ୍ତୁତକାରୀ ବୈଜ୍ଞାନିକମାନେ ଆଶା ରଖିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

➢ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।

➢ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହା ମାନସିକତାକୁ କେତେକାଂଶରେ ସକାରାତ୍ମକ ରଖିଥାଏ।

➢ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ସାମିଲ କରନ୍ତୁ। କାରଣ ଏଗୁଡିକରେ ଭିଟାମିନ୍ ଭରି ରହିଛି।



➢ସକାଳ ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। କାରଣ ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।

➢ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

➢କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ସେପରି କରନ୍ତୁ ନାହିଁ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

➢ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ବ୍ଲଡ଼ ପ୍ରେସର, ହୃଦ୍‌ଜନିତ ସମସ୍ୟା ଭଳି ଅନେକ ରୋଗ ସୃଷ୍ଟି କରିପାରେ।

➢ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।

# ଫ୍ୟାଟ୍ ମ୍ୟାନ୍ ବୋମା



ଡ. ସନ୍ତୋଷ କୁମାର ଅଗ୍ରୱାଲ

ସେଦିନ ଥିଲା ୧୯୪୫ ମସିହା ଅଗଷ୍ଟ ୯ ତାରିଖ। ଦୀର୍ଘ ଛଅ ବର୍ଷ ଧରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଲାଗିରହିଥାଏ। ଦିନ ପ୍ରାୟ ୧୧ଟା ୨ ମିନିଟ୍ ସମୟରେ ଜାପାନର ନାଗାସାକି ସହର ଉପରେ ହଠାତ୍ ନିଆଁର ଝଡ଼ ମାଡ଼ିଆସିଲା। ସାରା ସହରଟା କେଇଟା ସେକେଣ୍ଡ୍ ମଧ୍ୟରେ ଜଳି ଉଠିଲା। ଲୋକମାନେ କିଛି ବୁଝିବା ପୂର୍ବରୁ ନିଆଁର ପ୍ରଚଣ୍ଡ ତାତିରେ ଜଳିପୋଡ଼ି ପାଉଁଶ ହେଇଗଲେ। ପୂରା ସହର ତୀବ୍ର କମ୍ପନରେ ଥରିଗଲା। ଏକ ମିନିଟ୍ ଭିତରେ ସହର ଉପରେ ନିଆଁର ଏକ ବିଶାଳ ପେଣ୍ଡୁ ଉପରକୁ ଉଠିଲା। ତାହା କୌଣସି ପ୍ରାକୃତିକ ଘଟଣା କିମ୍ବା ଦୈବୀ ଦୁର୍ବିପାକ ନଥିଲା। ବରଂ ନାଗାସାକି ସହର ଉପରେ ପରମାଣୁ ବୋମା ପଡ଼ିବା ଫଳରେ ଏମିତି ହେଲା। କାରଣ ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିଲା ଏବଂ ଆମେରିକା ତରଫରୁ ଜାପାନ ଉପରେ ଏହି ପରମାଣୁ ବୋମା ପଡ଼ିଥିଲା। ଥରେ ନୁହେଁ, ବରଂ ଦୁଇଥର ଜାପାନ ଉପରେ ପରମାଣୁ ବୋମା ପଡ଼ିଥିଲା। ପ୍ରଥମ ବୋମାଟି ପଡ଼ିଥିଲା ଅଗଷ୍ଟ ୬ ତାରିଖରେ ହିରୋଶିମାରେ ଏବଂ ଦ୍ୱିତୀୟ ବୋମାଟି ପଡ଼ିଥିଲା ଅଗଷ୍ଟ ୯ ତାରିଖରେ ନାଗାସାକି ସହର ଉପରେ। ନାଗାସାକି ସହର ଉପରେ ପଡ଼ିଥିବା ପରମାଣୁ ବୋମାର ନାମ ଥିଲା 'ଫ୍ୟାଟ୍ ମ୍ୟାନ୍'। 'ଫ୍ୟାଟ୍ ମ୍ୟାନ୍' ବୋମାଟି ମାତ୍ର ଏକ ମିନିଟ୍ ଭିତରେ ନାଗାସାକିର ପ୍ରାୟ ୭୦,୦୦୦ ନିରୀହ ଲୋକଙ୍କର ଜୀବନ ନେଇଥିଲା। ତା' ସହିତ ନାଗାସାକି ସହରର ଅଧେରୁ ଅଧିକ ଅଞ୍ଚଳକୁ ଧ୍ୱସ୍ତବିଧ୍ୱସ୍ତ କରିଦେଲା।

ନାଗାସାକି ସହରର କରୁଣ ପରିସ୍ଥିତି ପାଇଁ ନିଉକ୍ଲିୟ ଶକ୍ତିକୁ ଦାୟୀ କରାଯାଏ। କାରଣ, 'ଫ୍ୟାଟ୍ ମ୍ୟାନ୍' ବୋମାରୁ ନିଉକ୍ଲିୟ ଶକ୍ତି ବାହାରି ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା। ପରମାଣୁ ବୋମାରେ ବିପୁଳ ନିଉକ୍ଲିୟ ଶକ୍ତି ଉତ୍ପନ୍ନ ନିମନ୍ତେ ଯେଉଁ ପ୍ରକ୍ରିୟା କାର୍ଯ୍ୟକରେ, ତାହା ହେଉଛି 'ନିଉକ୍ଲିୟ ବିଭାଜନ ପ୍ରକ୍ରିୟା'। ଏହାକୁ ଆମେ ଇଂଲିଶରେ 'ନିଉକ୍ଲିଅର୍ ଫିଶନ୍' ବୋଲି କହୁ। ୧୯୩୮ ମସିହାରେ ଜର୍ମାନୀର ବୈଜ୍ଞାନିକ ଓଟୋ ହାନ୍ ଓ ଫ୍ରିଜ୍ ଷ୍ଟ୍ରାସ୍‌ମାନ୍ ପ୍ରଥମେ ନିଉକ୍ଲିୟ ବିଭାଜନ ପଦ୍ଧତି ଆବିଷ୍କାର କରିଥିଲେ। ଏହି ପଦ୍ଧତିକୁ ପ୍ରୟୋଗ କରାଯାଇ ଶକ୍ତିଶାଳୀ ପରମାଣୁ ବୋମା ତିଆରି କରିହେବ ବୋଲି ବୈଜ୍ଞାନିକମାନେ ଜାଣିପାରିଲେ। ତେଣୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କାଳେ ଜର୍ମାନୀର ନାଜୀ ସରକାର ଏହାକୁ ବ୍ୟବହାର କରି ପ୍ରଥମେ ପରମାଣୁ ବୋମା ତିଆରି କରିଦେବେ, ସେହି ଭୟରେ ଆଇନ୍‌ଷ୍ଟାଇନ୍ ଆମେରିକାର ରାଷ୍ଟ୍ରପତିଙ୍କୁ ପରମାଣୁ ବୋମା ତିଆରି କରିବା ପାଇଁ ଅନୁମତି ମାଗିଥିଲେ। ତା' ପରେ ଆମେରିକା ପରମାଣୁ ବୋମା ତିଆରି କଲା। ପରମାଣୁ ବୋମା ଯେ ଏତେ ନାରକୀୟ କାଣ୍ଡ ଘଟାଇପାରେ, ହୁଏତ ପରମାଣୁ ବୋମା ପକେଇବା ପୂର୍ବରୁ ଆଇନ୍‌ଷ୍ଟାଇନ୍ ସେକଥା ଭାବି ନଥିଲେ। ପରମାଣୁ ବୋମାର ପ୍ରଭାବ ବର୍ଷ ବର୍ଷ ଧରି ରହେ। ଏହାର ପ୍ରମାଣ ଅତି ସହଜ। ଲିଟିଲ୍ ବୟ୍ ଓ ଫ୍ୟାଟ୍ ମ୍ୟାନ୍ ପରମାଣୁ ବୋମା ଦୁଇଟା ୧୯୪୫ ମସିହାରେ ପଡ଼ିଥିଲା। ଏହା ଭିତରେ ଦୀର୍ଘ ୭୮ ବର୍ଷ ବିତିଗଲାଣି। ତଥାପି ଆଜି ପରମାଣୁ ବୋମାର କୁପ୍ରଭାବ ହେତୁ ଜାପାନର ହିରୋଶିମା ଓ ନାକାସାକିରେ ବିକଳାଙ୍ଗ ଶିଶୁ ଜନ୍ମ ନେଉଛନ୍ତି, ବିକୃତ ପ୍ରଜାପତି ଓ ଫଳ ଦେଖିବାକୁ ମିଳୁଛି।



'ଫ୍ୟାଟ୍ ମ୍ୟାନ୍' ପରମାଣୁ ବୋମାଟି ପ୍ଲୁଟୋନିୟମ୍ ପଦାର୍ଥରେ ତିଆରି ହୋଇଥିଲା। ପ୍ଲୁଟୋନିୟମ୍ ପଦାର୍ଥ ଭିତରେ ଓଜନିଆ ନିଉକ୍ଲିୟସ୍ ଥାଏ। କ୍ଷୀପ୍ର ଗତିରେ ଯାଉଥିବା କ୍ଷୁଦ୍ରକଣିକା ନିଉଟ୍ରନ୍ ଦ୍ୱାରା ପ୍ଲୁଟୋନିୟମ୍‌ର ଓଜନିଆ ନିଉକ୍ଲିୟସ୍‌କୁ ଆଘାତ କଲେ ସେହି ନିଉକ୍ଲିୟସ୍ ଭାଙ୍ଗିଯାଏ। ବଡ଼ ନିଉକ୍ଲିୟସ୍ ଭାଙ୍ଗିଲେ ସେଥିରୁ ଛୋଟ ଛୋଟ ନିଉକ୍ଲିୟସ୍ ଓ ଅନ୍ୟ କଣିକା ତିଆରି ହୁଏ। ଏହିପରି ଘଟଣାକୁ ଆମେ ନିଉକ୍ଲିୟ ବିଭାଜନ ବୋଲି କହୁ। ତେବେ ଏଥିରେ ନୂଆକରି ସୃଷ୍ଟି ହେଉଥିବା ସମସ୍ତ ନିଉକ୍ଲିୟସ୍ ଓ କଣିକାଗୁଡ଼ିକର ବସ୍ତୁତ୍ୱ ମୂଳ ନିଉକ୍ଲିୟସ୍ ଓ ନିଉଟ୍ରନ୍‌ର ବସ୍ତୁତ୍ୱଠାରୁ କମ୍ ଥାଏ। ଏହାର କାରଣ କମି ଯାଇଥିବା ବସ୍ତୁତ୍ୱ ହିଁ ପ୍ରଚୁର ଶକ୍ତିରେ ରୂପାନ୍ତରିତ ହୋଇଥାଏ। ନିଉକ୍ଲିୟ ବିଭାଜନରୁ ବାହାରୁଥିବା ସେହି ଶକ୍ତିର ନାମ 'ନିଉକ୍ଲିୟ ଶକ୍ତି'। ଆଇନ୍‌ଷ୍ଟାଇନ୍ ଏହି ବସ୍ତୁତ୍ୱ-ଶକ୍ତି ରୂପାନ୍ତର ବିଷୟରେ ସୂଚନା ଦେଇଥିଲେ। ପରମାଣୁ ବୋମାରେ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ୟୁରାନିୟମ୍ ବା ପ୍ଲୁଟୋନିୟମ୍ ବସ୍ତୁତ୍ୱକୁ କ୍ରାନ୍ତିକ-ବସ୍ତୁତ୍ୱ (କ୍ରିଟିକାଲ୍ ମାସ୍) କୁହାଯାଏ। ପ୍ଲୁଟୋନିୟମ୍‌ର ବସ୍ତୁତ୍ୱ କ୍ରାନ୍ତିକ-ବସ୍ତୁତ୍ୱଠାରୁ କମ୍ ରହିଲେ ବୋମା କାମ କରିବ ନାହିଁ। ତେଣୁ 'ଫ୍ୟାଟ୍ ମ୍ୟାନ୍' ପରମାଣୁ ବୋମାରେ ଦୁଇଟି ପ୍ଲୁଟୋନିୟମ୍ ଅର୍ଦ୍ଧଗୋଲକ ଥିଲା। ପ୍ରତ୍ୟେକ ଅର୍ଦ୍ଧଗୋଲକର ବସ୍ତୁତ୍ୱ କ୍ରାନ୍ତିକ-ବସ୍ତୁତ୍ୱଠାରୁ କମ୍ ଥିଲା। କ୍ରାନ୍ତିକ-ବସ୍ତୁତ୍ୱଠାରୁ କମ୍ ବସ୍ତୁତ୍ୱର ଦୁଇଟି ପ୍ଲୁଟୋନିୟମ୍ ଅର୍ଦ୍ଧଗୋଲକକୁ ଏକ ବିସ୍ଫୋରକ ଘୋଡ଼ଣି ଭିତରେ ରଖାଯାଇଥିଲା। ତେଣୁ 'ଫ୍ୟାଟ୍ ମ୍ୟାନ୍' ବୋମାକୁ ଉଡ଼ାଜାହାଜରେ ନେବା ସମୟରେ ବୋମାଟି ନିଷ୍କ୍ରିୟ ଅବସ୍ଥାରେ ରହିଥିଲା। ଯେତେବେଳେ ଉଡାଜାହାଜ ନାଗାସାକି ସହର ପାଖାପାଖି ହେଲା, ସେତେବେଳେ ଚ଼ାପ ପ୍ରୟୋଗ କରି ଦୁଇଟା ଅର୍ଦ୍ଧଗୋଲକକୁ ମିଶେଇ ଦିଆଗଲା। ଦୁଇଟା ଅର୍ଦ୍ଧଗୋଲକ ଭାଗ ମିଶିଗଲା ପରେ ସେମାନଙ୍କର ମିଳିତ ବସ୍ତୁତ୍ୱ କ୍ରାନ୍ତିକ-ବସ୍ତୁତ୍ୱଠାରୁ ଅଧିକ ହୋଇଗଲା। ତା' ପରେ ସେହି ପେଣ୍ଡୁ ଭିତରକୁ ନିଉଟ୍ରନ୍ ନିକ୍ଷେପ କରାଗଲା ଏବଂ ବୋମାକୁ ନାଗାସାକି ଉପରେ ପକେଇ ଦିଆଗଲା। ବୋମା ଭିତରେ ନିଉକ୍ଲିୟ ବିଭାଜନ ହେବାରୁ ସେଥିରୁ ପ୍ରଚୁର 'ନିଉକ୍ଲିୟ ଶକ୍ତି' ସୃଷ୍ଟି ହେଲା। ନିମିଷକ ମଧ୍ୟରେ ବୋମାର 'ନିଉକ୍ଲିୟ ଶକ୍ତି' ଦ୍ୱାରା ନାଗାସାକି ସହର ଉପରେ ୧୦ ଲକ୍ଷ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ଓ ସାଧାରଣ ବାୟୁମଣ୍ଡଳୀୟ ଚ଼ାପର ସହସ୍ର ଗୁଣ ଚ଼ାପ ସୃଷ୍ଟି ହେଲା। ଏକ ସମୟରେ ପ୍ରାୟ ୨୨,୦୦୦ ଟନ୍ ଟ୍ରାଇ-ନାଇଟ୍ରୋ-ଟୋଲୁଇନ୍ (ଟି.ଏନ୍.ଟି.) ବିସ୍ଫୋରକ ଦ୍ରବ୍ୟର ବିସ୍ଫୋରଣରୁ ଯେତିକି ଶକ୍ତି ବାହାରେ, କେବଳ ଗୋଟିଏ 'ଫ୍ୟାଟ୍ ମ୍ୟାନ୍' ପରମାଣୁ ବୋମାରୁ ସେତିକି ଶକ୍ତି ନିର୍ଗତ ହୋଇଥିଲା। ତେଣୁ 'ଫ୍ୟାଟ୍ ମ୍ୟାନ୍' ପରମାଣୁ ବୋମାର ପ୍ରଚଣ୍ଡ 'ନିଉକ୍ଲିୟ ଶକ୍ତି' ନାଗାସାକି ସହରକୁ ମାତ୍ର କେଇଟା ମୁହୂର୍ତ୍ତ ମଧ୍ୟରେ ଶ୍ରୀହୀନ କରିଦେଲା।

-ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ: ୯୮୬୧୧୮୦୫୯୮

ଧରିତ୍ରୀ
DHARITRI



# ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳକୁ ରୌପ୍ୟ

ହାଙ୍ଗଝୋ,୧।୧୦(ପି.ଟି.)

ଏଚ୍.ଏସ୍.ପ୍ରଣୟଙ୍କ ଆଘାତ କାରଣରୁ ଭାରତ ଏସିଆନ୍‌ଗେମ୍ସ ବ୍ୟାଡ୍‌ମିଣ୍ଟନର ପୁରୁଷ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଚାଇନା ବିପକ୍ଷ ଫାଇନାଲଟି କଡ଼ା ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଭାରତ ୩-୨ରେ ପରାଜିତ ହୋଇଥିଲା। ପ୍ରଣୟ ପିଠି ଆଘାତ କାରଣରୁ ବାଦ୍ ପଡ଼ିଥିବା ବେଳେ ମିଥୁନ୍ ମଞ୍ଜୁନାଥଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ପ୍ରଣୟଙ୍କ ଅନୁପସ୍ଥିତିରେ ଲକ୍ଷ୍ୟ ସେନ୍ ପ୍ରଥମ ମ୍ୟାଚ୍ ଖେଳିଥିଲେ। ବିଶ୍ୱ ମାନ୍ୟତାର ଷଷ୍ଠ ସ୍ଥାନରେ ଥିବା ସି ୟୁକିଙ୍କୁ ୨୨-୨୦, ୧୪-୨୧ ଓ ୨୧-୧୮ ସେଟ୍‌ରେ ହରାଇ ଭାରତକୁ ୧-୦ରେ ଆଗୁଆ କରିଥିଲେ। ଏହି ମ୍ୟାଚଟି ୮୩ ମିନିଟ ଧରି ଚାଲିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଭାରତର ଏକ ନମ୍ବର ଡବଲ୍ସ ଯୋଡି ଚିରାଗ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ପରବର୍ତ୍ତୀ ସେଟ୍ ଖେଳିଥିଲେ। ଉଭୟ ଖେଳାଳି ମାତ୍ର ୫୫ ମିନିଟ ସମୟ ନେଇ ୨୧-୧୫ ଓ ୨୧-୧୮ ସେଟ୍‌ରେ ଲିଆଙ୍ଗ ୱେଇ କାଙ୍ଗ ଓ ୱାଙ୍ଗ ଚାଙ୍ଗଙ୍କୁ ପରାସ୍ତ କରି ଭାରତକୁ ୨-୦ରେ ଆଗୁଆ କରିଥିଲେ। ଦ୍ୱିତୀୟ ସିଙ୍ଗଲ୍ସ ମ୍ୟାଚରେ ପୂର୍ବତନ ବିଶ୍ୱ ମାନ୍ୟତାର ୧ ନମ୍ବର ଖେଳାଳି କିଡାମ୍ବି ଶ୍ରୀକାନ୍ତଙ୍କୁ ଓହ୍ଲାଇଥିଲା ଭାରତ। ଅଲ ଇଂଲଣ୍ଡ ଚାମ୍ପିୟନ ଲି ଶେଫିଙ୍ଗଙ୍କ ବିପକ୍ଷ ମ୍ୟାଚରେ କଡ଼ା ସଂଘର୍ଷ କରିଥିଲେ ମଧ୍ୟ ହାରି ଯାଇଥିଲେ। ୧୮-୧୪ରେ ପ୍ରଥମ ସେଟ୍‌ରେ ଆଗୁଆ ରହିଥିଲେ ମଧ୍ୟ ୨୪-୨୨ରେ ପରାଜିତ ହୋଇଥିଲେ ଶ୍ରୀକାନ୍ତ। ପରବର୍ତ୍ତୀ ସେଟ୍‌କୁ ୯-୨୧ରେ ଜିତିବା ସହିତ ଚାଇନାର ବିଜୟ ସମ୍ଭାବନାକୁ ବୃଦ୍ଧି କରିଥିଲେ। ଭାରତର ଅନ୍ତିମ ଦୁଇ ମ୍ୟାଚ ପାଇଁ ଅନଭିଜ୍ଞ ଖେଳାଳି ରହିଥିବା ବେଳେ ଚାଇନା ଡ୍ରାଇଭର ସିଟ୍‌ରେ ରହିଥିଲା। ଧ୍ରୁବ କପିଳା ଓ ସାଇ ପ୍ରତୀକ କ୍ରିଷ୍ଣା ପ୍ରସାଦ ଡବଲ୍ସ ମ୍ୟାଚ୍ ହାରିବା ପରେ ଅନ୍ତିମ ସିଙ୍ଗଲ୍ସ ମ୍ୟାଚରେ ପରାଜିତ ହୋଇଥିଲେ ମିଥୁନ ମଞ୍ଜୁନାଥ। ଏହା ସହ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଶେଷ ଥର ପାଇଁ ୧୯୮୬ ମସିହାରେ ଭାରତୀୟ ପୁରୁଷ ଦଳ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲା।

# ପିତାଙ୍କୁ ଶ୍ରେୟ ଦେଲେ ସୁଖଜିତ

**ନୂଆଦିଲ୍ଲୀ, ୧।୧୦ (ପି.ଟି.):** ଏସିଆନ ଗେମ୍ସରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ରେକର୍ଡ ବିଜୟ ପରେ ଭାରତୀୟ ହକି ଖେଳାଳି ସୁଖଜିତ ସିଂ ତାଙ୍କ ପିତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। 'ହକି ତେ ଚର୍ଚ୍ଚା' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଭାଗ ନେଇ ସୁଖଜିତ କହିଛନ୍ତି, ତାଙ୍କୁ ଜଣେ ହକି ଖେଳାଳି ଭାବେ ଗଢ଼ି ତୋଳିବାରେ ତାଙ୍କ ପିତାଙ୍କର ବଡ଼ ଭୂମିକା ରହିଛି। ତାଙ୍କର ଏକ ବଡ଼ ହକି ଷ୍ଟିକ୍ ରହିଥିଲା। ତାହାକୁ କାଟି ସେ ଛୋଟ କରି ମୋତେ ଦେଇଥିଲେ, ସେତେବେଳକୁ ମୋ ବୟସ ଚାରି କିମ୍ବା ପାଞ୍ଚ ବର୍ଷ ବୟସ ହୋଇଥିଲା। କର୍ମକ୍ଷେତ୍ରରୁ ଫେରିବା ପରେ ସେ ମୋତେ ନିୟମିତ ପଡ଼ିଆକୁ ନେଇ ହକି ଖେଳ ଶିଖାଉଥିଲେ। ସୁଖଜିତ୍ କହିଛନ୍ତି, ଏକଦା ବ୍ୟାକ୍ ଇଞ୍ଜୁରି ପାଇଁ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ମୁଁ ପୁଣି ଚାଲିପାରିବେ କି ନା ସେ ନେଇ ମୋ ମନରେ ସନ୍ଦେହ ଜାତ ହୋଇଥିଲା। କିନ୍ତୁ ସେ ସମୟରେ ମୋ ପିତା ମୋତେ ଉତ୍ସାହିତ କରିବା ସହ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲେ। ଆମ ଅଞ୍ଚଳରେ ଜଣେ ଫିଜିଓ ନ ଥିଲେ। ଏହି ଅନିଶ୍ଚିତ ସମୟରେ ସେ ମୋ ପାଇଁ ବଡ଼ ସାହାରା ପାଲଟି ଯାଇଥିଲେ। ସେ ନିୟମିତ ମାଲିସ କରିବା ଦ୍ୱାରା ମୁଁ ଶୀଘ୍ର ଆରୋଗ୍ୟ ଲାଭ କରିଥିଲି। ସେ ପୁଣି ମୋତେ ହକି ଖେଳ ପାଇଁ ଉପଯୋଗୀ କରିଦେଇଥିଲେ। ସୁଖଜିତ ସିନ୍ଧ ବ୍ୟାଙ୍କ, ପଞ୍ଜାବ ପୋଲିସ, ଇଣ୍ଡିଆନ୍ ଅଏଲ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆଦି ବିଭିନ୍ନ ଡିପାର୍ଟମେଣ୍ଟାଲ ଦଳ ପାଇଁ ଖେଳିଛନ୍ତି।

# ଭାରତୀୟ ମହିଳା ଦଳ ରନରଅପ୍



୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀରେ ରୌପ୍ୟ ବିଜୟୀ ଭାରତୀୟ ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

**୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ**

ଭୁବନେଶ୍ୱର, ୧।୧୦
(ତପନ ସ୍ୱାଇଁ)

ଚାଇନିଜ୍ ତାଇପେରେ ରବିବାର ଶେଷ ହୋଇଥିବା ୧୮ ବର୍ଷରୁ କମ ଏସିଆ ରଗ୍‌ବୀ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳ ରୌପ୍ୟ ପଦକ ହାସଲ କରିଛି। ଭାରତ ଓ ଚାଇନିଜ୍ ତାଇପେ ମଧ୍ୟରେ ଫାଇନାଲ ହୋଇଥିଲା। ଏଥିରେ ଭାରତୀୟ ଦଳ ଭଲ ପ୍ରଦର୍ଶନ କରିଥିଲେ ହେଁ ୭-୧୦ ସ୍କୋରରେ ହାରି ଯାଇଥିଲା। ଭାରତୀୟ ଦଳ ଲିଗ୍ ପର୍ଯ୍ୟାୟରେ ୟୁଏଇ ଦଳକୁ ୧୦-୫, ଚାଇନିଜ୍ ତାଇପେକୁ ୫୨-୫ ଏବଂ ଥାଇଲାଣ୍ଡକୁ ୨୨-୧୯ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଏହି ଭାରତୀୟ ଦଳରେ କିସ୍‌ର ଦୁଇ ଛାତ୍ରୀ ରିତୁ ମାଝୀ ଓ ମାମାଲି ସିଂ ପ୍ରତିନିଧିତ୍ୱ କରିଥିଲେ। ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏଥିରେ ମଧ୍ୟ କିସ୍‌ର ଦୁଇ ଜଣ ଛାତ୍ର ଧର୍ମାନନ୍ଦ ବିଶ୍ୱାଳ ଓ ଚରଣ ହେମ୍ବ୍ରମ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ସୁଭାଷଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

**ଚେନ୍ନାଇ, ୧।୧୦ (ପି.ଟି.):** ମୋଟରବାଇକ୍ ବ୍ୟକ୍ତିତ୍ୱ ସୁଭାଷ ଚନ୍ଦ୍ର ବୋଷଙ୍କୁ ଏଠାରେ ରବିବାର ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ବୋଷ ନିଜ ଦ୍ୱାରା ରୂପାନ୍ତରୀତ ତାଙ୍କ ୩୫୦ ସିସି ରୟାଲ ଏନ୍‌ଫିଲ୍ଡରେ ଶୋଲାଭରମସ୍ଥିତ ରେସ୍ ଟ୍ରାକ୍‌ରେ ୧୯୬୮ରୁ ୧୯୯୪ ପର୍ଯ୍ୟନ୍ତ ୧୫ ଥର ରେସ୍ ଜିତିଛନ୍ତି। ସେ 'ବୁଲେଟ୍ ବୋଷ' ନାମରେ ପରିଚିତ ଥିଲେ। ବୋଷଙ୍କୁ ବିଗ୍ ବାଇକର କମ୍ୟୁନ୍ ପକ୍ଷରୁ ପୁରସ୍କୃତ କରାଯାଇଛି। ସେ ତାଙ୍କ ଏହି ପୁରସ୍କାରକୁ ବାଇକର୍ସ, ପ୍ରଶଂସକ ସମର୍ଥକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି, ଯେଉଁମାନଙ୍କ ଲାଗି ସେ ସଫଳତା ହାସଲ କରିପାରିଛନ୍ତି। ବୋଷ ମୋଟର ବାଇକ୍‌ରେ ପାଦଦେବା ପୂର୍ବରୁ ଏକ ଲାମ୍ବ୍ରେଟା ସ୍କୁଟରରେ ରେସ୍ ଆରମ୍ଭ କରିଥିଲେ।

# ଓଡ଼ିଶା ବାଳିକା ଦଳକୁ ବ୍ରୋଞ୍ଜ ପଦକ

**୧୧ ବର୍ଷରୁ କମ୍ ଜାତୀୟ ରୋଲବଲ୍**

ଭୁବନେଶ୍ୱର, ୧।୧୦
(ତପନ ସ୍ୱାଇଁ)

ଜାତୀୟ ରୋଲବଲ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ପୁଣି ଚମକ ଦେଖାଇଛନ୍ତି। ଚେନ୍ନାଇରେ ଅନୁଷ୍ଠିତ ୧୩ଶ ଜାତୀୟ ୧୧ ବର୍ଷରୁ କମ୍ ରୋଲବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ବାଳିକା ଦଳ ପଞ୍ଜାବକୁ ୧୨-୦, ହରିୟାଣାକୁ ୪-୧ ଓ ଗୁଜରାଟକୁ ୧୦-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟରରେ ଦଳ ଝାଡ଼ଖଣ୍ଡକୁ ୮-୩ ଗୋଲରେ ହରାଇ ଦେଇଥିଲା। ମାତ୍ର ସେମିଫାଇନାଲରେ ଓଡ଼ିଶା ୦-୨ରେ ରାଜସ୍ଥାନଠାରୁ ହାରି ଯାଇଥିଲା। ଫାଇନାଲରେ ରାଜସ୍ଥାନକୁ ହରାଇ ଆସାମ ଚାମ୍ପିୟନ ହୋଇଥିଲା। ଗୋଲ ବ୍ୟବଧାନରେ ଓଡ଼ିଶା ତୃତୀୟ ସ୍ଥାନ ହାସଲ କରିଥିଲା। ଓଡ଼ିଶା ୩୪ ଗୋଲ ଦେଇଥିବାବେଳେ ଅନ୍ୟତମ ପରାଜିତ ସେମିଫାଇନାଲିଷ୍ଟ କେରଳ ୧୪ ଗୋଲରେ ସୀମିତ ରହିଥିଲା। ଓଡ଼ିଶା ଅଧିନାୟିକା ଅଶ୍ଳେଷା ପଣ୍ଡା ଟୁର୍ନାମେଣ୍ଟର ଟପ୍ ସ୍କୋରର ହୋଇଥିଲେ। ସେ ଏକାକୀ ୨୧ଟି ଗୋଲ ଦେଇଥିଲେ। ବାଳକ ବିଭାଗରେ ଓଡ଼ିଶା ଭଲ ଆରମ୍ଭ କରିଥିଲେ ହେଁ କ୍ୱାର୍ଟର ଫାଇନାଲରେ ମହାରାଷ୍ଟ୍ରଠାରୁ ୦-୨ରେ ହାରି ବିଦାୟ ନେଇଥିଲା।



ଅତିଥିଙ୍କ ଗହଣରେ ଜାତୀୟ ରୋଲବଲ୍‌ରେ ବ୍ରୋଞ୍ଜ ବିଜୟୀ ଓଡ଼ିଶା ବାଳିକା ଦଳ।

# ବିଶ୍ୱକପ୍‌ରେ ଦୁଇ ଦ୍ୱିଶତକ

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୩ ଦିନ**

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣକୁ ଆଉ ମାତ୍ର ୩ ଦିନ ବାକି ରହିଛି। ବିଶ୍ୱକପରେ ସ୍କୋର କରିବାର ଅତିରିକ୍ତ ଚାପ ସର୍ବଦା ଖେଳାଳିଙ୍କ ଉପରେ ରହିଥାଏ। ଏହି ଚାପ ସତ୍ତ୍ୱେ ଅନେକ ଖେଳାଳି ସଫଳତାର ସହ ରନ୍ ସ୍କୋର କରିଥାନ୍ତି। ମାର୍ଟିନ୍ ଗପ୍ଟିଲ ଓ କ୍ରିସ୍ ଗେଲ୍ ଏମିତି ଦୁଇ ଜଣ ଖେଳାଳି ଯେଉଁମାନେ ବିଶ୍ୱକପରେ ଦ୍ୱିଶତକ ଅର୍ଜନ କରିଛନ୍ତି। ଆଜି ବିଶ୍ୱକପ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିବା ୫ ଖେଳାଳିଙ୍କ ଉପରେ ଏକ ନଜର....

**ମାର୍ଟିନ୍ ଗପ୍ଟିଲ: ୨୩୭* ରନ୍**
ବିଶ୍ୱକପରେ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ନ୍ୟୁଜିଲାଣ୍ଡର ମାର୍ଟିନ୍ ଗପ୍ଟିଲ ପ୍ରଥମ ସ୍ଥାନରେ ରହିଛନ୍ତି। ୨୦୧୫ ମସିହାର ବିଶ୍ୱକପରେ ୱେଲିଂଟନ୍‌ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚରେ ସେ ଏହି ରେକର୍ଡ କରିଥିଲେ। ୧୬୩ ବଲ୍ ଖେଳି ସେ ୨୪ ଚୌକା ୧୧ ଛକା ମାରିଥିଲେ। ଦିନିକିଆ ବିଶ୍ୱକପ ଇତିହାସରେ ଏହା ରହିଥିଲା ଦ୍ୱିତୀୟ ଦ୍ୱିଶତକ।

**କ୍ରିସ୍ ଗେଲ୍: ୨୧୫ ରନ୍**
ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ତଥା ବିସ୍ଫୋରକ ବ୍ୟାଟର କ୍ରିସ୍ ଗେଲ୍ ପ୍ରଥମ ଖେଳାଳି ଭାବରେ ବିଶ୍ୱକପରେ ଦ୍ୱିଶତକ ଅର୍ଜନ କରିଥିଲେ। ଜିମ୍ବାୱେ ବିପକ୍ଷ ଏହି ମ୍ୟାଚରେ ସେ ୨୧୫ ରନ୍ ସ୍କୋର କରିଥିଲେ। ୧୪୭ ବଲ୍‌ର ଏହି ଇନିଂସରେ ସେ ୧୦ ଚୌକା ଓ ୧୬ ଛକା ମାରିଥିଲେ। ବିଶ୍ୱକପରେ ସ୍କୋର ହୋଇଥିବା ଦୁଇଟି ଯାକ ଦ୍ୱିଶତକ ୨୦୧୫ ସଂସ୍କରଣରେ ହୋଇଥିଲା

**ଗ୍ୟାରୀ କର୍ଷ୍ଟେନ୍: ୧୮୮* ରନ୍**
ଦକ୍ଷିଣ ଆଫ୍ରିକାର ପୂର୍ବତନ ଓପନର ତଥା ବିଶ୍ୱକପ ବିଜୟୀ ଭାରତୀୟ ଦଳର ମୁଖ୍ୟ କୋଚ୍ ଥିବା ଗ୍ୟାରୀ କର୍ଷ୍ଟେନ୍ ବିଶ୍ୱକପର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୮୮ ରନ୍ କରିଥିଲେ। ପାକିସ୍ତାନର ରାୱଲପିଣ୍ଡିରେ ସେ ଏହି ଇନିଂସ ଖେଳିଥିଲେ। ୟୁଏଇ ବିପକ୍ଷରେ ଖେଳିଥିବା ଏହି ଇନିଂସରେ ୧୫୯ ବଲ୍ ଖେଳି ୧୩ ଚୌକା ଓ ୪ ଛକା ମାରିଥିଲେ।

**ସୌରଭ ଗାଙ୍ଗୁଲି: ୧୮୩ ରନ୍**
ଭାରତର ସଫଳତମ ଅଧିନାୟକ ସୌରଭ ଗାଙ୍ଗୁଲି ବିଶ୍ୱକପର ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି। ୧୯୯୯ ଦିନିକିଆ ବିଶ୍ୱକପରେ ସେ ଶ୍ରୀଲଙ୍କା ବିପକ୍ଷରେ ଏହି ସ୍କୋର କରିଥିଲେ। ରାହୁଲ ଦ୍ରାବିଡଙ୍କ ସହିତ ୩୩୧ ରନ୍‌ର ପାର୍ଟନରଶିପ୍ ଅବସରରେ ଟନ୍‌ଟନ୍‌ରେ ଖେଳିଥିଲେ ଏହି ଐତିହାସିକ ଇନିଂସ। ୧୫୮ ବଲ୍‌ର ଏହି ଇନିଂସରେ ସାମିଲ ଥିଲା ୧୭ ଚୌକା ଓ ୭ ଛକା।

**ଭିଭିଆନ୍ ରିଚାର୍ଡସ୍: ୧୮୧ ରନ୍**
ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟର ଭିଭିଆନ୍ ରିଚାର୍ଡସ ୧୮୧ ରନ୍ ସ୍କୋର କରିବା ସହିତ ବିଶ୍ୱକପରେ ସର୍ବାଧିକ ସ୍କୋର ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି।

# ଫ୍ରେଣ୍ଡଶିପ୍ ଫୁଟ୍‌ବଲ: ଟାଟା ଷ୍ଟିଲ ଚାମ୍ପିୟନ



ପୁରସ୍କାର ସହ ଚାମ୍ପିୟନ ଟାଟା ଷ୍ଟିଲ୍ ଏକାଦଶ ଦଳ।

ଭୁବନେଶ୍ୱର, ୧।୧୦
(ବିଜୟ ରଣା)

ସ୍ଥାନୀୟ ଓଡ଼ିଶା ଫୁଟ୍‌ବଲ ଏକାଡେମୀଠାରେ ରବିବାର ଅନୁଷ୍ଠିତ ଟାଟା ଷ୍ଟିଲ ଫ୍ରେଣ୍ଡଶିପ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅଫିସର୍ସ ଏକାଦଶକୁ ୨-୧ ଗୋଲ୍‌ରେ ପରାସ୍ତ କରି ଟାଟା ଷ୍ଟିଲ ଏକାଦଶ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ରାଜୀବ ସେଠ୍ ଟାଟା ଷ୍ଟିଲର ଅଧିନାୟକତ୍ୱ କରିଥିଲେ। ଲିଡର୍ସ ଏକାଦଶର ନେତୃତ୍ୱ ନେଇଥିଲେ ବିଧାୟକ ଅରୁଣ ସାହୁ। ସେହିପରି ଅଫିସର୍ସ ଏକାଦଶର ଦେବୀଦତ୍ତ ବିଶ୍ୱାଳ ଓ ଶାଶ୍ୱତ ମିଶ୍ର ଏବଂ ମିଡିଆ ଏକାଦଶର ସୌମ୍ୟଜିତ ପଟ୍ଟନାୟକ ଅଧିନାୟକତ୍ୱ କରିଥିଲେ। ଏହି ଅବସରରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ସୂଚନା ପ୍ରସାରଣ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଥମ ସେମିଫାଇନାଲ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ତେବେ ଏଥିରେ ଅଫିସର୍ସ ଏକାଦଶ ୨-୦ ଗୋଲ୍‌ରେ ଲିଡର୍ସ ଏକାଦଶକୁ ହରାଇ ଦେଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଟାଟା ଷ୍ଟିଲ ଏକାଦଶ ୪-୧ ଗୋଲ୍‌ରେ ମିଡିଆ ଏକାଦଶକୁ ହରାଇ ଦେଇଥିଲା। ଅଫିସର୍ସ ଏକାଦଶର ରାମାସ୍ୱାମୀ ପ୍ରଥମ ମ୍ୟାଚର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଟାଟା ଷ୍ଟିଲର ଦେବାଶିଷ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ତୃତୀୟ ତଥା ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଅଫିସର୍ସ ଏକାଦଶର ଅମିତାଭ ଠାକୁର। ଲିଡର୍ସ ଏକାଦଶର ଅରୁଣ ସାହୁ ଏବଂ ଟାଟା ଷ୍ଟିଲର ଯୋଗେଶ ପଞ୍ଚେଶ୍ୱର ଶ୍ରେଷ୍ଠ ଫରୱାର୍ଡ ଏବଂ ଲିଡର୍ସ ଏକାଦଶର ଜାଗନ୍ନାଥ ନାୟକ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଥିଲେ। ଟାଟାଷ୍ଟିଲ ଏକାଦଶର ରାଜୀବ ସେଠ୍ ଶ୍ରେଷ୍ଠ ଡିଫେଣ୍ଡର, ଅଫିସର୍ସ ଏକାଦଶର ଅନୁରାଗ ମିଶ୍ର ଶ୍ରେଷ୍ଠ ସ୍କୋରର, ଅଫିସର୍ସ ଏକାଦଶର ସୁରେଶ ଚନ୍ଦ୍ର ମହାପାତ୍ର ଶ୍ରେଷ୍ଠ ଅଲରାଉଣ୍ଡର ଏବଂ ଅଫିସର୍ସ ଏକାଦଶର ଶାଶ୍ୱତ ମିଶ୍ର ଏବଂ ମିଡିଆ ଏକାଦଶର ବିଜୟ କେତନ ମିଶ୍ର ଶ୍ରେଷ୍ଠ ହାଫ୍ ବିବେଚିତ ହୋଇଥିଲେ। ଲିଡର୍ସ ଏକାଦଶକୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ମିଡିଆ ଏକାଦଶ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଥିଲା।

କୋଷ୍ଠକାଠିନ୍ୟର ସମାଧାନ
9119788888




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ